


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୨ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 02 NOVEMBER 2022
Vol.No. 33 ■ No. 284 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମୋରବୀରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୦୧/୧୧ : ଅକ୍ଟୋବର ୩୦ ତାରିଖ ରବିବାର ସଂଧ୍ୟାରେ ଗୁଜରାଟ ମୋରବୀରେ ଯେଉଁ ହୃଦୟ ବିଦାରକ ଦୁର୍ଘଟଣା ଘଟିଛି ତାକୁ ନେଇ ପୂରା ଦେଶ ସ୍ତବ୍ଧ ହୋଇଛି । ମଙ୍ଗଳବାର ମୋରବୀରେ ପହଁଚିଛନ୍ତି ପ୍ରଧାନମନ୍ତ୍ରୀ । ଘଟଣାସ୍ଥଳ ପରିଦର୍ଶନ କରିବା ସହ ମୋରବୀ ସିଭିଲ ହସିପିଟାଲ ଯାଇ ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ସେ ପଚାରିବୁଝିଛନ୍ତି । ଏଥିସହ ଉଦ୍ଧାରକାରୀ ଦଳ, ଚିକିତ୍ସା କରୁଥିବା ଡାକ୍ତରଙ୍କୁ ଭେଟି ଆଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ । ଗୁଜରାଟ ମୋରବୀ ଝୁଲାପୋଲ ଦୁର୍ଘଟଣାରେ ମର୍ମାହତ ସାରା ଦେଶ । ଆଖି ଆଗରେ ଚାଲି ଯାଇଛି ୧୩୦ରୁ ଅଧିକ ଜୀବନ । ପୂଜା ପାଇଁ ଆସିଥିବା ଶ୍ରଦ୍ଧାଳୁ ଏକଥା ଆଦୌ ଜାଣିନଥିଲେ କି



ଯେଉଁ ସ୍ଥାନକୁ ସେମାନେ ପୂଜା ପାଇଁ ଆସିଛନ୍ତି ସେଠାରୁ ନିଜ ଘରକୁ ଫେରିବା ହୁଏତ ଆଉ ସମ୍ଭବ ନୁହେଁ । କ୍ଷଣିକ ଭିତରେ ମୃତ୍ୟୁ ଜାଲରେ ପଡିଯାଇଥିଲା ଶତାଧିକ ଲୋକଙ୍କ ଜୀବନ । କେହି ଏହି ଜାଲରୁ ଜୀବନ ବଂଚାଇ ଫେରିଛନ୍ତି ତ ଅନେକ ଜୀବନ ହାରିଛନ୍ତି । ଝୁଲାପୋଲ ଦୁର୍ଘଟଣାକୁ ଦୁଇଦିନ ପୂରିବା ପରେ ମଙ୍ଗଳବାର ଅପରାହ୍ଣରେ ମୋରବୀରେ ପହଁଚିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଘଟଣାସ୍ଥଳ ପରିଦର୍ଶନ କରି କେମିତି ଦୁର୍ଘଟଣା ଘଟିଥିଲା, କଣ ଥିଲା ସେଦିନର ଦୃଶ୍ୟ, କେମିତି ଭିଡ ଭିତରେ ଚାଲିଯାଇଛି ଶତାଧିକ ଲୋକଙ୍କ ଜୀବନ ଏନେଇ ଟିକନିକ ଖବର ସ୍ଥାନୀୟ ପ୍ରଶାସନଠାରୁ ପଚାରି ବୁଝିଛନ୍ତି ପ୍ରଧାନମନ୍ତ୍ରୀ । ତେବେ ଏହା ପୂର୍ବରୁ ଆକାଶମାର୍ଗରୁ ସ୍ଥିତି ନିରିକ୍ଷଣ କରିଥିଲେ ମୋଦୀ । ମଚ୍ଛୁ ନଦୀ ଯେଉଁଠି ସେହି ଝୁଲପୋଲ ଛିଡିବା ପରେ ଏଭଳି ବଡ ଦୁର୍ଘଟଣା ଘଟିଥିଲା ସେଠାକାର ସ୍ଥିତି ଆକାଶମାର୍ଗରୁ ଦେଖିଥିଲେ ପ୍ରଧାନମନ୍ତ୍ରୀ । ସୋମବାର ମୁରବୀ ଝୁଲାପୋଲ ଦୁର୍ଘଟଣାକୁ ନେଇ ପ୍ରତିକ୍ରିୟା ରଖି ଭାବବିହ୍ୱଳ ହୋଇପଡିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ତାଙ୍କ ଜୀବନ କାଳରେ ଏଭଳି ଦୁଖ କ୍ୱଚିତ ପାଇଥିବେ । ଏବଂ ଗୋଟିଏ ପଟେ ଯନ୍ତ୍ରଣା ଓ ଅନ୍ୟପଟେ କର୍ତବ୍ୟ ରହିଥିବା କହିଥିଲେ ପ୍ରଧାନମନ୍ତ୍ରୀ । ଘଟଣାସ୍ଥଳ ବୁଲି ଦେଖିବା ପରେ ଡାକ୍ତରଖାନାରେ ପହଁଚି ଆହତଙ୍କୁ ଭେଟିଛନ୍ତି ମୋଦୀ । ସମସ୍ତ ପୀଡିତଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରିବୁଝିଛନ୍ତି । ରବିବାର ମରଣଯନ୍ତାରୁ ଅଳ୍ପକେ ବର୍ତି ନିଜର ଅନୁଭୂତିକୁ ▶▶ପୃଷ୍ଠା ୭

## ଧାମନଗର ଉପନିର୍ବାଚନ : ପ୍ରଚାର ଶେଷ, ୩ରେ ଭୋଟ୍ ଗ୍ରହଣ

ଭୁବନେଶ୍ୱର, ୦୧/୧୧ (ନି.ପ୍ର): ଧାମନଗର ଉପନିର୍ବାଚନ ପାଇଁ ମଙ୍ଗଳବାର ପ୍ରଚାର ଶେଷ ହୋଇଛି । ପ୍ରଚାରର ଶେଷ ଦିନରେ ଧାମନଗରରେ ହାଇ ଭୋଲଟେଜ୍ ପ୍ରଚାର ଦେଖିବାକୁ ମିଳିଛି । ବିଭିନ୍ନ ଦଳର ନେତୃବୃନ୍ଦ ମାରାଥନ୍ ପ୍ରଚାର କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ଭିକ୍ଷା କରିଛନ୍ତି । ଶେଷ ଦିନ ପ୍ରଚାରରେ ସିନେ ତାରକା ମଧ୍ୟ ସାମିଲ ହୋଇଥିଲେ । ଆସନ୍ତା ନଭେମ୍ବର ୩ ତାରିଖରେ ଭୋଟ୍ ଗ୍ରହଣ ହେବାକୁ ଥିବା ବେଳେ ୬ ତାରିଖରେ ଭୋଟ୍ ଗଣତି ଓ ଫଳାଫଳ ପ୍ରକାଶ ପାଇବ । ଧାମନଗର ଆସନକୁ ନିଜ ନାଁରେ କରିବାକୁ ଆପ୍ରାଣ ଉଦ୍ୟମ କରୁଛନ୍ତି ୩ ପ୍ରମୁଖ ଦଳ । ସେହିପରି ପୂର୍ବତନ ବିଧାୟକ ତଥା ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ଦାସ ମଧ୍ୟ ବିଜୟୀ ହେବାକୁ ଦିନ ରାତି ଏକ କରି ଘରକୁ ଘର



ବୁଲି ଭୋଟ୍ ଭିକ୍ଷା କରୁଛନ୍ତି । ଗତକାଲି ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲ ମୋଡରେ ନିର୍ବାଚନୀ ପ୍ରଚାର କରିଥିଲେ । ଅବନ୍ତୀ ଦାସଙ୍କ ସପକ୍ଷରେ ଭୋଟ ଭିକ୍ଷା କରି ବିଜେଡି ପକ୍ଷରୁ ମଙ୍ଗଳବାର ଦିନ ଧାମନଗର ଓ ତିହିଡି ବ୍ଲକରେ ମାରାଥନ ପ୍ରଚାର କରାଯିବା ସହ ମୋଟର ସାଇକେଲ ରାଲି କରାଯାଇଥିଲା । ଆଜି ତିହିଡି ବ୍ଲକର ବିଭିନ୍ନ ପଂଚାୟତରେ ବିଜେଡିର ପ୍ରଚାର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ସିନେ ତାରକା ବର୍ଷା ପ୍ରିୟଦର୍ଶନୀ । ବର୍ଷାଙ୍କ ସହ ରୋଡ ସୋରେ ଥିଲେ ବିଧାୟକ ବ୍ୟୋମକେଶ ରାୟ, ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର, ବିଧାୟକ ବିଷ୍ଣୁବ୍ରତ ରାଉତରାୟ । ସେହିପରି ଆଜି ଧାମନଗର ବ୍ଲକରେ ବିଜେଡିର ମାରାଥନ୍ ପ୍ରଚାର ବେଳେ ପ୍ରଚାର ରଥରେ ଥିଲେ ସିନେ ତାରକା ମୁନା ଖାନ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ, ସାଂସଦ ସୁଲତା ଦେଓ, ସାଂସଦ ମଂଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ▶▶ପୃଷ୍ଠା ୭

## ଏଥର ବି ପଞ୍ଚକରେ ଶ୍ରଦ୍ଧାଳୁଙ୍କୁ ଧବଳେଶ୍ୱର ପୀଠ ମନା

କଟକ,୦୧/୧୧ (ନି.ପ୍ର): ଗତ ୨ ବର୍ଷ ପରି ଏଥର ବି ପଞ୍ଚକରେ ଖାଁ ଖାଁ ରହିବ ଧବଳେଶ୍ୱର ପୀଠ । ଶ୍ରଦ୍ଧାଳୁଙ୍କୁ ମିଳିବନି ବାବା ଧବଳେଶ୍ୱରଙ୍କ ଦର୍ଶନ ଅନୁମତି । ଧବଳେଶ୍ୱର ଝୁଲା ପୋଲ ଅସୁରକ୍ଷିତ ଥିବାରୁ ଗତକାଲିଠୁ ସ୍ଥାନୀୟ ଅଞ୍ଚଳରେ ୧୪୪ ଧାରା ଲାଗୁ ହୋଇଛି । ଫଳରେ ଆଜି ସକାଳୁ ଧବଳେଶ୍ୱର ପୀଠ ଖାଁ ଖାଁ ପଡ଼ି ରହିଥିବା ବେଳେ ଏଥର ଯାତ୍ରାରେ ବି ଦେଖିବାକୁ ମିଳିବନି ଶ୍ରଦ୍ଧାଳୁଙ୍କ ସମାଗମ । ଏହା ସ୍ପଷ୍ଟ କରିଛନ୍ତି କଟକ ଦାୟିତ୍ୱରେ ଥିବା ଖୋର୍ଦ୍ଧା ଏସ୍ ?ପି ସିଦ୍ଧାର୍ଥ କାଟାରିଆ । ଏସ୍ପି କହିଛନ୍ତି, ଝୁଲା ପୋଲ ଅସୁରକ୍ଷିତ ଥିବାରୁ ଗତକାଲିଠୁ ଧବଳେଶ୍ୱର ପୀଠରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଲାଗୁ ହୋଇଛି ୧୪୪ ଧାରା । ଆମ ପାଇଁ ଯାତ୍ରୀଙ୍କ ସୁରକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ୧୪୪ ଧାରା ଜାରି ହୋଇଥିବାରୁ ଶ୍ରଦ୍ଧାଳୁଙ୍କୁ ପ୍ରବେଶ ଅନୁମତି ନାହିଁ । ଆସନ୍ତା ଗୁରୁବାରଠାରୁ ପଞ୍ଚକ ଆରମ୍ଭ ହେଉଥିବାରୁ ଏଥର ବି ବିନା ଶ୍ରଦ୍ଧାଳୁରେ ଧବଳେଶ୍ୱର ଯାତ୍ରା ହେବ । ବଡ଼ ଓଷାରେ ବାବା ଧବଳେଶ୍ୱରଙ୍କ ଗଜ ଭୋଗ ପ୍ରସିଦ୍ଧ ହୋଇଥିବା ବେଳେ ଏହାକୁ ପାଇବାକୁ ଶ୍ରଦ୍ଧାଳୁଙ୍କ ମଧରେ ଅସମ୍ଭବ ଉତ୍ସୁକତା ଦେଖାଦେଇଥାଏ । ହେଲେ ଏଥର ପଞ୍ଚକରେ ଶ୍ରଦ୍ଧାଳୁଙ୍କୁ ବାବାଙ୍କ ପୀଠକୁ ଯିବାକୁ ଅନୁମତି ମିଳି ନ ଥିବାରୁ ଗଜ ଭୋଗ ପାଇବାରୁ ସେମାନେ ବଞ୍ଚିତ ହେବେ ବୋଲି ଜଣାଯାଇଛି ।

## ୧୪ ଜଣ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୦୧/୧୧ (ନି.ପ୍ର): ରାଜ୍ୟର ଆଉ ୧୪ ଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ସରକାର । ଏମାନଙ୍କ ମଧ୍ୟରେ ଜଣେ ସୁପରିନ୍‌ଟେଣ୍ଡିଂ ଇଞ୍ଜିନିୟର, ୨ ଜଣ ଆସିଷ୍ଟାଂଟ ଇଞ୍ଜିନିୟର, ଜଣେ ଡି.ଏସ୍.ପି., ଜଣେ ସିଡିପିଓ, ଜଣେ ଫରେଷ୍ଟ ରେଞ୍ଜ ଅଫିସର, ଜଣେ ତହସିଲଦାର, ଜଣେ ବି.ଡି.ଓ, ଜଣେ ସିନିଅର ମ୍ୟାନେଜର, ଜଣେ ଟ୍ୟାକ୍ସ କଲେକ୍ଟର, ଜଣେ ସପ୍ଲାଇ ଇନସପେକ୍ଟର ଓ ୩ ଜଣ ଜୁନିଅର ଇଞ୍ଜିନିୟର ଅନ୍ତର୍ଭୁକ୍ତ । ଏଥିରେ ୪ ଜଣଙ୍କୁ ଚାକିରୀରୁ ବହିଷ୍କାର କରାଯାଇଥିବା ବେଳେ, ୪ ଜଣଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ଓ ଅନ୍ୟ ୬ ଜଣଙ୍କ ପେନ୍‌ସନ୍ ସ୍ଥାୟୀଭାବେ ସ୍ଥଗିତ କରାଯାଇଛି । ପୂର୍ବରୁ ୧୭୩ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ




ହୋଇଥିବା ବେଳେ, ଏହି ୧୪ ଜଣଙ୍କୁ ମିଶାଇ ବର୍ତମାନ ସୁଦ୍ଧା ୧୮୭ ଜଣ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସୂଚନା ଅନୁଯାୟୀ କଟକ ପି.ଏଚ.ଡିଭିଜନର ସୁପରିଟେଣ୍ଡିଂ ଇଞ୍ଜିନିୟର ନବକିଶୋର ସାମଲଙ୍କ ନାମରେ ଟେଣ୍ଡର ଓ ଚୁକ୍ତି ପରିଚାଳନା ପ୍ରକ୍ରିୟାରେ ଅନିୟମିତତା ଓ ନିଜ ପଦବୀର ଅପବ୍ୟବହାର ଆଦି ଗମ୍ଭୀର ଅଭିଯୋଗ ଥିଲା । ତାଙ୍କୁ ପୂର୍ବରୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା । ଅସାଧୁତା କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । କୋରାପୁଟ ଲମତାପୁଟ ବ୍ଲକ୍ ର ପୂର୍ବତନ ସିଡିପିଓ ଶ୍ରୀମତୀ ସ୍ୱର୍ଣ୍ଣଭା ଦାସଙ୍କ ନାମରେ ଲାଂଚ ଗ୍ରହଣ ଅଭିଯୋଗରେ ଗୋଟିଏ ଦୁର୍ନୀତି ମାମଲା ଥିଲା । ସେଥିରେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଅସାଧୁତା ଓ ଅପାରଗତା କାରଣରୁ ତାଙ୍କୁ ଚାକିରୀରୁ ବହିଷ୍କାର କରାଯାଇଛି । ବୌଦ ଜିଲ୍ଲା କଂଟାମାଳ ବ୍ଲକ୍ର ପୂର୍ବତନ ବିଡିଓ ଦାମୋଦର ମହାଲିକ ଏକ ଲାଂଚ ଗ୍ରହଣ ତଥା ନିଜ ପଦବୀର ଅପବ୍ୟବହାର ଆଦି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଅସାଧୁତା ଓ ଅପାରଗତା କାରଣରୁ ତାଙ୍କୁ ଚାକିରୀରୁ ବହିଷ୍କାର କରାଯାଇଛି । ନୟାଗଡ ଖଣ୍ଡପଡା ତହସିଲର ପୂର୍ବତନ ତହସିଲଦାର ପଂଚାନନ ବାରିକ ଗୋଟିଏ ଲାଂଚ ଗ୍ରହଣ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଅସାଧୁତା କାରଣରୁ ତାଙ୍କ ପେନ୍‌ସନକୁ ସ୍ଥାୟୀ ଭାବେ ବନ୍ଦ ରଖାଯାଇଛି । ଢେଙ୍କାନାଳ ମହିଳା ମାନଙ୍କ ଉପରେ ଅପରାଧ ଘଟଣାର ତଦନ୍ତ କରୁଥିବା ୟୁନିଟ୍ ପୂର୍ବତନ ଡିଏସ୍ପି ମଳୟ କିଶୋର ନାୟକଙ୍କ ନାମରେ ଲାଂଚ ଗ୍ରହଣର ଅଭିଯୋଗରେ ଗୋଟିଏ ଦୁର୍ନୀତି ମାମଲା ଥିଲା । ତାଙ୍କ ନାମର ଦୁଇଟି ▶▶ପୃଷ୍ଠା ୭

## ୮ ତାରିଖରେ ଚନ୍ଦ୍ରଗ୍ରହଣ ପାଇଁ ବଦଳିଲା ଶ୍ରୀମନ୍ଦିର ନୀତିକାନ୍ତି

ପୁରୀ, ୦୧/୧୧ (ନି.ପ୍ର): ଆସନ୍ତା ୮ ତାରିଖରେ ପଡୁଛି ଚନ୍ଦ୍ରଗ୍ରହଣ । ଏହାକୁ ନେଇ ଶ୍ରୀମନ୍ଦିର ନୀତିକାନ୍ତିରେ ପରିବର୍ତ୍ତନ କରାଯାଇଛି । ସୂର୍ଯ୍ୟୋଦୟ ୫ଟା ୫୪ ମିନିଟ ୫୩ ସେକେଣ୍ଡରେ ଆରମ୍ଭ ହେଉଥିବାରୁ ସେହି ସମୟରୁ ପାକତ୍ୟାଗ, ଦେବନୀତି ନିଷେଧ ହେବ । ପୁଣି ଏହି ଦିନ ମହାପ୍ରଭୁଙ୍କ ସୁନାବେଶ ରହିଛି । ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁସାରେ ସୂର୍ଯ୍ୟୋଦୟ ପୂର୍ବରୁ ନୀତିକାନ୍ତି ସରିବ । ନୀତି ନିର୍ଘଂଟ ଅନୁସାରେ, ୮ ତାରିଖ ରାତି ୧୨ଟା ୧୦ମିନିଟରେ ଦ୍ୱାରଫିଟା ନୀତି ହେବ । ରାତି ୨ଟା ୩୦ ସୁଦ୍ଧା ମହାପ୍ରଭୁଙ୍କ ଦୁର୍ଲଭ ସୁନାବେଶ ବା ରାଜଧିରାଜ ବେଶ ସରିବ । ସକାଳ ୫ଟା ୫୦ ସୁଦ୍ଧା ଭୋଗମଣ୍ଡପ ଶେଷ କରିବାକୁ ନିଷ୍ପତି ହୋଇଛି । ଶ୍ରୀମନ୍ଦିର ନୀତି ପ୍ରଶାସକ କହିଛନ୍ତି, ପୂର୍ବ ରାତି



ପହୁଡରୁ ପରଦିନ ନୀତି ସରିବା ଯାଏଁ ସାଧାରଣ ଦର୍ଶନ ବନ୍ଦ ରହିବ । ଦିନ ୨ଟା ୩୮ ମିନିଟ ୧୪ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ , ଗ୍ରହଣ ଭୋଗନୀତି ହୋଇ ଅନ୍ୟାନ୍ୟ ନୀତି ହେବ । ପୂର୍ବରୁ ଚନ୍ଦ୍ରଗ୍ରହଣଦିନ ଶ୍ରୀମନ୍ଦିର ନୀତିକାନ୍ତି ନେଇ ବିବାଦ ଦେଖାଦେଇଥିଲା । ଜ୍ୟୋତିର୍ବିଦମାନେ ସୂର୍ଯ୍ୟୋଦୟଠାରୁ ପାକତ୍ୟାଗ ଓ ଦେବନୀତି ନିଷେଧ ବୋଲି କହିଥିଲେ । ଶ୍ରୀମନ୍ଦିର ପ୍ରଶାସନ କିନ୍ତୁ ସକାଳ ୮ଟା ୨୯ରେ ପାକତ୍ୟାଗ, ଦେବନୀତି ନିଷେଧ ବୋଲି ନୀତିକାନ୍ତିରେ ଉଲ୍ଲେଖ କରିଥିଲା । ଏହାକୁ ନେଇ ବିବାଦ ଦେଖାଯିବା ପରେ ନିଷ୍ପତିରେ ପରବର୍ତିନ କରିଛି ।

## ୨୨ବର୍ଷ ଶାସନ ପରେ ବି ମୁଖ୍ୟମନ୍ତ୍ରୀଙ୍କୁ ଲୋଭ ଦେଖାଇବାକୁ ପଡୁଛି : ଧର୍ମେନ୍ଦ୍ର

ଭୁବନେଶ୍ୱର, ୦୧/୧୧ (ନି.ପ୍ର): ଧାମନଗର ଉପନିର୍ବାଚନ ପାଇଁ ଆଜି ଶେଷ ଦିନରେ ବିଜେପି ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିମନ୍ତେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଚାର କରିଛନ୍ତି । ଭଦ୍ରକରେ ମେଡିକାଲ କଲେଜ ଖୋଲିବା ପାଇଁ ସେ ନିଜେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ପ୍ରସ୍ତାବ ଦେଇଥିବା ସତ୍ତ୍ୱେ ରାଜ୍ୟ ସରକାର ଏହା ଉପରେ ନିରବ ରହିଛନ୍ତି । ପରିସ୍ଥିତି ଏପରି ହୋଇଛି ଯେ ରାଜ୍ୟରେ ୨୨ବର୍ଷ କ୍ଷମତାରେ ରହିବା ପରେ ବି ବିକାଶ କଥା କହି



ଧାମନଗରବାସୀଙ୍କୁ ଲୋଭ ଦେଖାଇବାକୁ ପଡୁଛି ଓ ଦାୟିତ୍ୱ ମୁଁ ନେବି ବୋଲି ମୁଖ୍ୟମନ୍ତ୍ରୀଙ୍କୁ କହିବାକୁ ପଡୁଥିବା ଧର୍ମେନ୍ଦ୍ର କଟାକ୍ଷ କରିଛନ୍ତି । ଆଜି ଧୁଷୁରିଠାରେ ଏକ ବିଶାଳ ଜନସଭାକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ୨୨ବର୍ଷ ଧରି ▶▶ପୃଷ୍ଠା ୭

## ବିଏମ୍‌ସି ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଭୁବନେଶ୍ୱର, ୦୧/୧୧ (ନି.ପ୍ର): ଆଜି ବି.ଏମ୍.ସି. ଅଫିସ୍ ସମ୍ମୁଖରେ "ଭୁବନେଶ୍ୱର ମ୍ୟୁନିସିପାଲିଟି ସଫେଇ ମଜଦୁର ସଂଘ" ତରଫରୁ ପୁରାପୁରି ସଫେଇ କାମ ବନ୍ଦ କରାଯାଇ ଏକ ବିଶାଳ ଆନ୍ଦୋଳନ କରାଯାଇଥିଲା । ସଫେଇ କର୍ମଚାରୀଙ୍କୁ ରାତ୍ରିକାଳୀନ ସଫେଇ କାର୍ଯ୍ୟରେ ଜୋର୍ ଜବରଦସ୍ତ ଖଟାଇବା ବିରୋଧରେ ଏହି ଆନ୍ଦୋଳନ ଓ ଗଣଧାରଣା ଦିଆଯାଇଥିଲା । ହଜାର ହଜାର ସଂଖ୍ୟାରେ ସଫେଇ କର୍ମଚାରୀମାନେ ଏହି ଆନ୍ଦୋଳନରେ ସାମିଲ୍ ହୋଇଥିଲେ । ଗତ ଅଗଷ୍ଟ ମାସରୁ ବିଏମ୍‌ସି କର୍ତୃପକ୍ଷ ରାତ୍ରିରେ ସଫେଇ କାମ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ▶▶ପୃଷ୍ଠା ୭

## ଗୁଜରାଟ ବିଧାନଭସଭା ନିର୍ବାଚନ ପୂର୍ବରୁ ବିଜେପିର ଗୋଟି ଚାଳନା

ନୂଆଦିଲ୍ଲୀ, ୦୧/୧୧ : ଗୁଜରାଟ ବିଧାନସଭା ନିର୍ବାଚନକୁ ଆଖିରେ ରଖି ବିଜେପିର ନୂଆ ଗୋଟି ଚାଳନା । ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ରାଜ୍ୟରେ ରହୁଥିବା ସଂଖ୍ୟାଲଘୁଙ୍କୁ ନେଇ ବଡ ଘୋଷାଣା କରିଛି ବିଜେପି । ଆଫଗାନିସ୍ତାନ, ପାକିସ୍ତାନର ବାଙ୍ଗଲାଦେଶ ଶରଣାର୍ଥୀଙ୍କୁ ନାଗରିକତା ପ୍ରମାଣ ଦେବେ ସରକାର । ଏହି ୩ଦେଶରୁ ନାଗରିକମାନେ ଗୁଜରାଟର ବିଭିନ୍ନ ସ୍ଥାନରେ ରହି ଆସୁଛନ୍ତି । ନାଗରିକତା ଆଇନ ୧୯୫୫ ଆଧାରରେ ଶରଣାର୍ଥୀଙ୍କୁ ନାଗରିକତା



ଦିଆଯିବ ବୋଲି କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ଏନେଇ ଗୃହମନ୍ତ୍ରାଳୟ ପକ୍ଷରୁ ନୋଟିଫିକେସନ ଜାରି କରାଯାଇଛି । ତେବେ ଏନେଇ ଶରଣାର୍ଥୀଙ୍କୁ ଅନଲାଇନରେ ଆବେଦନ କରିବାକୁ ହେବ । ଜିଲ୍ଲାପାଳ ଆବେଦନର ଫର୍ମର ଯାଞ୍ଚ କରିବେ । ଯାଂଚ ହେବା ପରେ ଜିଲ୍ଲାପାଳ ଯାଂଚ ରିପୋର୍ଟ ଗୃହମନ୍ତ୍ରାଳୟରେ ଦାଖଲ କରିବେ ।

## ସୁପ୍ରିମକୋର୍ଟଙ୍କ ସୁପ୍ରିମ ରାୟ, ଦୁଷ୍କର୍ମ ମାମଲାରେ ଟୁ-ଫିଙ୍ଗର ଟେଷ୍ଟ ବନ୍ଦ

ନୂଆଦିଲ୍ଲୀ, ୦୧/୧୧ : ଗୋଟିଏ ଆବେଦନର ଶୁଣାଣି କରି ଦୁଷ୍କର୍ମ ମାମଲାରେ ଟୁ-ଫିଙ୍ଗର ଟେଷ୍ଟକୁ ବ୍ୟାନ କରିଛନ୍ତି ସୁପ୍ରିମକୋର୍ଟ । ଯେଉଁମାନେ ଏଭଳି କରିବେ ସେମାନଙ୍କୁ ଦୋଷୀ ବିବେଚନା କରାଯିବ ବୋଲି କୋର୍ଟ କହିଛନ୍ତି । ଏଭଳି ପରୀକ୍ଷା ଜାରି ରହିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି କୋର୍ଟ । ହରିଆଣାର ଜଣେ ବ୍ୟକ୍ତିଙ୍କ ଆବେଦନ ଉପରେ ଶୁଣାଣି କରି ଜଷ୍ଟିସ ଚନ୍ଦ୍ରଚୁଡଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ ଏକଥା



କହିଛନ୍ତି କି ଏହି ଟେଷ୍ଟ ବିଜ୍ଞାନସମ୍ମତ ନୁହେଁ ବଂର ପୀଡିତାଙ୍କୁ ଅଧିକ ମାନସିକ ଆଘାତ ଦେଉଛି । ତେଣୁ ଏହି ଟେଷ୍ଟର କୌଣସି ଆବଶ୍ୟକତା ନାହିଁ ଓ ଏହାକୁ ନିଷେଧ କରିବାକୁ କୋର୍ଟ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ କହିଛନ୍ତି । ଟୁ-ଫିଙ୍ଗର ଟେଷ୍ଟ ନକରିବା ସୁନିଶ୍ଚିତ କରିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ ନିର୍ଦ୍ଦେଶ ଦେଇଛନ୍ତି । ମେଡିକାଲ ପାଠ୍ୟକ୍ରମରେ ସାମିଲ ଥିବା ବ୍ୟବସ୍ଥାର ପୁନଃ ସମୀକ୍ଷା କରାଯିବା ଆବଶ୍ୟକ ବୋଲି କହିଛନ୍ତି କୋର୍ଟ । ଆଇନଜୀବୀ ମଧ ଏଭଳି ଟେଷ୍ଟକୁ ଗ୍ରହଣ କରିପାରି ନାହାଁନ୍ତି । ଏହା ପୀଡିତାଙ୍କୁ ଆଘାତ ଦେବା ସହ ମାନବିକ ଅଧିକାର ଉଲଂଘନ କରୁଛି ବୋଲି କହିଛନ୍ତି । ଦୁଷ୍କର୍ମର ଶିକାର ହୋଇଥିବା ପୀଡିତାଙ୍କ ପରୀକ୍ଷା ପାଇଁ ବହୁ ରାଜ୍ୟରେ ଏବେ ବି ଏହି ଟେଷ୍ଟ କରାଯାଉଛି । ଯାହାକୁ ଚାଲେଞ୍ଜ କରି ସୁପିକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ହରିଆଣାର ଜଣେ ବ୍ୟକ୍ତି ।

## କ୍ୟାସ ରଖିବା ଚିନ୍ତାରୁ ମିଳିବ ମୁକ୍ତି : ଆସିବ ରିଜର୍ଭ ବ୍ୟାଙ୍କର 'ଇ-ଟଙ୍କା'

ନୂଆଦିଲ୍ଲୀ, ୦୧/୧୧ : ଶେଷରେ ଦେଶରେ ଆରମ୍ଭ ହୋଇଛି ଡିଜିଟାଲ କରେନ୍ସି ବା ଇ- ଟଙ୍କା । ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରଥମେ ପାଇକାରୀ କ୍ଷେତ୍ରରେ ଡିଜିଟାଲ ମୁଦ୍ରା ବା ଇ-ଟଙ୍କାର ପାଇଲଟ୍ ପରୀକ୍ଷଣ ଆରମ୍ଭ କରାଯାଇଛି । ଏହି କରେନ୍ସିର ନାଁ ରହିଛି ସିବିଡିସି ବା 'ଇ-ରୁପି' । ପାଇଲଟ୍ ପରୀକ୍ଷଣରେ ୯ଟି ପ୍ରମୁଖ ବ୍ୟାଙ୍କ ଅଂଶଗ୍ରହଣ କରିବେ । 'ଇ-ଟଙ୍କା' ଆନ୍ତଃ ବ୍ୟାଙ୍କ ବଜାରକୁ ଅଧିକ ଦକ୍ଷ କରିବ ବୋଲି ଆଶା କରାଯାଉଛି । ମାସକ ପରେ ଖୁଚୁରା କ୍ଷେତ୍ରରେ ଏହାର ପରୀକ୍ଷଣ ହେବ । କିଛି ନିର୍ଦ୍ଦିଷ୍ଟ ଗ୍ରାହକ ଓ ବ୍ୟବସାୟୀଙ୍କୁ ନେଇ ଏହି ପରୀକ୍ଷଣ କରାଯିବ । କୁହାଯାଉଛି, କ୍ରିପ୍ଟୋକରେନ୍ସିରେ ଅନେକ ବିପଦ ରହିଥିବାବେଳେ 'ଇ-ଟଙ୍କା'ର ବ୍ୟବହାରରେ କୌଣସି ସମସ୍ୟା ନାହିଁ । କ୍ରିପ୍ଟୋକରେନ୍ସି ବଦଳରେ ଲୋକେ ଇ-ଟଙ୍କା'ର ବ୍ୟବହାର କରିପାରିବେ । ରିଜର୍ଭ ବ୍ୟାଙ୍କ ଯେବେ ଆନୁଷ୍ଠାନିକ ଭାବେ ଏହାକୁ ପ୍ରଚଳନ କରିବ ଲୋକେ ଏହାକୁ ବ୍ୟବହାର କରିବାର ସୁଯୋଗ ପାଇବେ ।

# ବିଜେଡ଼ି ନେତାଙ୍କୁ ଘଂଟ ଘୋଡାଇବା ପାଇଁ ଫସଲ ବୀମାର ସୁଆଙ୍ଗ ରଚୁଛି ବିଜେଡ଼ି : ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର,୧/୧୧ (ନି.ପ୍ର): ଧାମନଗରରେ ବିଜେଡ଼ିର ଟଙ୍କା ବଂଟାରୁ ମୁହଁ ଲୁଚାଇବା, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁ ମୃତ୍ୟୁ ଘଟଣାରେ ମନ୍ତ୍ରୀ ସମୀର ଦାଶଙ୍କୁ ବଂଚାଇବା ଓ ଅର୍ଚ୍ଚନା ମାମଲାରେ ସମ୍ପୃକ୍ତ ବିଜେଡ଼ି ନେତାଙ୍କୁ ଘଂଟ ଘୋଡାଇବା ପାଇଁ ବିଜେଡ଼ି ଫସଲ ବୀମାର ସୁଆଙ୍ଗ ରଚୁଛି ବୋଲି ଗଣମାଧ୍ୟମକୁ କହିଛନ୍ତି ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ। ଶ୍ରୀ ହରିଚନ୍ଦନ ଗଣମାଧ୍ୟମକୁ କହିଛନ୍ତି ଯେ, କୃଷି ବୀମା ଯୋଜନା ପ୍ରାକୃତିକ ଦୁର୍ବିପାକ ଓ ରୋଗପୋକ ଦାଉରୁ ଫସଲ ନଷ୍ଟ ହେଲେ ଚାଷୀ ମାନଙ୍କୁ କ୍ଷତିପୂରଣ ଦେବା ପାଇଁ ଉଦ୍ଦିଷ୍ଟ । ବୀମା କମ୍ପାନୀ ଏବଂ ଚାଷୀ ମାନଙ୍କ ମଧ୍ୟରେ ବୀମାରାଶିକୁ ନେଇ ସମସ୍ୟା ଉପୁଜିଲେ କେନ୍ଦ୍ର ସରକାର ସଂଶୋଧିତ ପରିଚାଳନା ନିୟମାବଳୀ ପ୍ରସ୍ତୁତ କରିଛନ୍ତି । ଏହି ଗାଇଡ ଲାଇନ ଅଧିନରେ ରାଜ୍ୟସ୍ତରୀୟ ବୈଷୟିକ ପରାମର୍ଶ କମିଟି(ଏସଟିଏସି) ଦ୍ୱାରା ବିଚାର ହୋଇ ସମାଧାନ ହୋଇପାରିବ। ଉକ୍ତ କମିଟିରେ କୃଷି ବିଭାଗର ପ୍ରମୁଖ ସଚିବ, ରାଜ୍ୟର ବିଶ୍ୱବିଦ୍ୟାଳୟ ପ୍ରଫେସର, ଷ୍ଟେଟ୍ ରିମୋଟସେନ୍ସିଂର ବରିଷ୍ଠ ଅଧିକାରୀ ଓ ଆସିଏଆରର ପ୍ରତିନିଧି ରହିବାର ନିୟମ ରହିଛି । କିନ୍ତୁ ଏହାକୁ ଅମାନ୍ୟ କରି ବିଜେଡ଼ି ସରକାର ନିୟମକୁ ଭାଙ୍ଗି ଜଣେ ଡାଇରେକ୍ଟର ସ୍ତରର ଅଧିକାରୀଙ୍କ ଦ୍ୱାରା ଏ ସମ୍ପର୍କୀତ ବିବାଦ ସମାଧାନ କରିବାକୁ ଉଦ୍ୟମ କରିବା ଲଜ୍ୟାଜନକ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏହି ପ୍ରସଙ୍ଗରେ ପତ୍ରାଳାପ ପରେ ରାଜ୍ୟ ସରକାରଙ୍କ ବୀମା ମାମଲା ଫଇସଲା କରି ନିର୍ଦ୍ଦେଶ ଜାରି କରିଛନ୍ତି । ଏ ସଂକ୍ରାନ୍ତରେ ସେପଟ୍ମେର ୧୬ରେ କେନ୍ଦ୍ରକୁ ଚିଠି ଲେଖିବା ସହ ମୋଟ ୧୮୯ମାମଲା ସମାଧାନ ହୋଇ ପାରିନଥିବା ଉଲ୍ଲେଖ କରାଯାଇଛି। ଏହି ମୋଟ ୧୮୯ ମାମଲାର ତର୍ଜମା କରି କେନ୍ଦ୍ର ସରକାରଙ୍କ ବୈଷୟିକ ପରାମର୍ଶ କମିଟି ଆସନ୍ତା ନଭେମ୍ବର ୩ ତାରିଖରେ ବୈଠକ କରି ନିର୍ଣ୍ଣୟ ନେବା ପରେ ନିର୍ଦ୍ଦେଶନାମା ଜାରି କରିବେ । ସେ କହିଛନ୍ତି ଯେ ଚାଲି ନଜାଣି ବାଟର ଦୋଷ ଦେବା ବିଜେଡି ସରକାରର ଅଭ୍ୟାସଗତ ପରମ୍ପରା। ପ୍ରଥମେ ବିଜେଡ଼ି ସରକାର ନିୟମ କାନୁନ ଭାଙ୍ଗିବା କାରଣରୁ କୃଷି ବୀମା ମିଳିବାରେ ବିଳମ୍ବ ହୋଇଛି। ଅପରପକ୍ଷରେ ରାଜ୍ୟରେ ସମାଧାନ ହୋଇପାରିନଥିବା ମୋଟ ୧୮୯ ମାମଲା ଆସନ୍ତା ନଭେମ୍ବର ୩ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଷ୍ପତି ନିଆଯିବ ବୋଲି ଜଣାପଡିବା ପରେ ରାଜ୍ୟରେ ଚାଷୀ ମାନଙ୍କ ମଧ୍ୟରେ ବିଭ୍ରାଟ ସୃଷ୍ଟି କରାଯାଉଛି। ବିଜେଡି ସରକାର ନିଜେ ପଡିଥିବା ହରଡ଼ଘଣାରୁ ଦୃଷ୍ଟି ହଟାଇବା ପାଇଁ ଏହି ସୁଆଙ୍ଗ କରୁଛନ୍ତି ଓ ମିଛରେ କୃଷି ବୀମା ପ୍ରସଙ୍ଗ ଉଠାଉଛନ୍ତି। ବାସ୍ତବ କଥା ହେଉଛି ଧାମନଗର ବିଧାନସଭା ଉପନିର୍ବାଚନରେ ବିଜେଡିର ମାଳ ମାଳ ଟଙ୍କା ବାଂଟିବାର ଚିତ୍ର ଗଣମାଧ୍ୟମରେ ପ୍ରସାରିତ ହେଉଛି। ମନ୍ତ୍ରୀ ସମୀର ଦାଶ ତାଙ୍କ ଦଳର ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ସହ ଜଡ଼ିତ ଯୌନ କେଳେଙ୍କାରୀ ନେଇ ବିଜେଡି ସରକାର ସମାଲୋଚନାର ଶିକାର ହୋଇଛନ୍ତି ଅର୍ଚ୍ଚନା ନାଗ କେଳେଙ୍କାରୀ ମାମଲାରେ ଶାସକ ଦଳର ମାଳ ମାଳ ମନ୍ତ୍ରୀ, ବିଧାୟକ, ନେତା ସାମିଲ ଅଛନ୍ତି । ମାତ୍ର ଏହି ସବୁ ପ୍ରସଙ୍ଗରୁ ଦୃଷ୍ଟି ହଟାଇବା ପାଇଁ ଶାସକ ବିଜୁ ଜନତା ଦଳ କୃଷି ବୀମା ନ ମିଳିବା ନେଇ ସୁଆଙ୍ଗ କରି ଜନମତକୁ ବିଭ୍ରାନ୍ତି କରିବାକୁ ଅପଚେଷ୍ଟା କରୁଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

# ଏସସିବି ସ୍ୱାସ୍ଥ୍ୟ ସେବାରେ ସୁଧାର ଆଣିବା ପାଇଁ ବିଧାୟକ ମୋକିମଙ୍କ ଦୃଷ୍ଟି ଆକର୍ଷଣ

କଟକ/ଭୁବନେଶ୍ୱର,୧/୧୧ (ନି.ପ୍ର): ସୋମବାର ପୂର୍ବାହ୍ନରେ ବାରବାଟୀ-କଟକ ବିଧାୟକ ଇଂ.ମହମ୍ମଦ ମୋକିମ ଏସସିବି ବଡ ଡାକ୍ତରଖାନା ଗସ୍ତ କରିଥିବା ସମୟରେ ସ୍ୱାସ୍ଥ୍ୟ ସେବାରେ ଦେଖା ଦେଉଥିବା ବିଭିନ୍ନ ସମସ୍ୟା ସଂପର୍କରେ ରୋଗୀମାନେ ତାଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ହସ୍ପିଟାଲର ହେମାଟୋଲୋଜି ବିଭାଗରେ ରୋଗୀ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିଲେ ମଧ୍ୟ ସେମାନଙ୍କ ସ୍ୱାସ୍ଥ୍ୟ ସେବାପ୍ରତି ରାଜ୍ୟ ସରକାର ଦୃଷ୍ଟି ନଦେବା ଦୁଃର୍ଭାଗ୍ୟଜନକ ବୋଲି ବିଧାୟକ ମୋକିମ କହିଛନ୍ତି । ଶହେରୁ ଊର୍ଦ୍ଧ୍ୱ ରୋଗୀ ବେଡ ନପାଇ ବାରଣ୍ଡାରେ ତଳେ ଅସ୍ୱଚ୍ଛ ପରିବେଶରେ ଚିକିତ୍ସାଧୀନ ଥିଲାବେଳେ ମାତ୍ର ୨୦ ଗୋଟି ବେଡ ସହ ଚାରିଜଣ ଡାକ୍ତରରେ ରୋଗୀ ସେବା ହେଉଥିବା ଦେଖି ଘୋର ଚିନ୍ତା ପ୍ରକଟ କରିଛନ୍ତି । ଡେ କେୟାରରେ କୌଣସି ଡାକ୍ତର ନାହାନ୍ତି । ବ୍ଲଡ଼ ନେବା, କେମୋ ଥେରାପି ଭଳି ଗୁରୁତ୍ୱପୂର୍ଣ୍ଣ ସେବାକୁ ଖାମଖିଆଲ ଭାବେ ପରିଚାଳନା କରାଯାଉଥିବାର ତାଙ୍କ ନଜରକୁ ଆସିଥିଲା । ଏସିବିକୁ ବିଶ୍ୱସ୍ତରୀୟ କରିବା ପାଇଁ ମନ୍ତ୍ରୀ, ସଚିବ ଓ ଉଚ୍ଚ ପଦାଧିକାରୀମାନେ ବାରଂବାର ତୋଫାନୀ ଗ୍ରସ୍ତ କରୁଥିଲେ ମଧ୍ୟ ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ସେବାର ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି ବୋଲି ତାଙ୍କ ପ୍ରତିକ୍ରିୟାରେ ଜଣାଇଛନ୍ତି । ତୁରନ୍ତ ଡେ କେୟାର ସେଣ୍ଟରରେ ସର୍ବନିମ୍ନ ଦୁଇ ଗୋଟି ରେସିଡେନ୍ସିଆଲ ଡାକ୍ତର ନିଯୁକ୍ତି ସହ ହେମାଟୋଲୋଜି ବିଭାଗରେ ଡାକ୍ତର ଏବଂ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ଦାବି କରିଛନ୍ତି । ଏହା ସହିତ କ୍ୟାନ୍ସର ଭଳି ଅନ୍ୟ ରୋଗରେ ଦୀର୍ଘ ଦିନ ଧରି ଚିକିତ୍ସାଧୀନ ହେଉଥିବା ରୋଗୀଙ୍କ ପାଇଁ କୌଣସି ସୁବିଧା ନଥିବାରୁ ରୋଗୀମାନେ ନାହିଁ ନଥିବାର ହଇରାଣ ହେଉଛନ୍ତି । ଡାକ୍ତରଖାନା କର୍ତ୍ତୃପକ୍ଷ ତୁରନ୍ତ ସମସ୍ୟାରେ ସୁଧାର ଆଣିବା ପାଇଁ ଦାବି କରିଛନ୍ତି।

# ସୂଚନା ଓ ଲୋକସଂପର୍କ ବିଭାଗରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଓ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଭୁବନେଶ୍ୱର,୧/୧୧ (ନି.ପ୍ର): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ସୋମବାର ଶପଥ ପାଠ କରାଯାଇଛି। ସୂଚନା ଓ ଲୋକସଂପର୍କ ବିଭାଗ ପରିସରରେ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ଶପଥ ପାଠ କରାଇଥିଲେ। ପ୍ରତ୍ୟେକ ନାଗରିକ ସାଧୁତା ଓ ସଚ୍ଚୋଟତା ପଥ ଅନୁସରଣ କରିବା ସହ ଦୁର୍ନୀତି ନିବାରଣ ପାଇଁ ଐକ୍ୟବଦ୍ଧ ଭାବେ ଉଦ୍ୟମ କରିବା ଆବଶ୍ୟକ । ବ୍ୟକ୍ତିଗତ ବ୍ୟବହାରରେ ସାଧୁତା ପ୍ରଦର୍ଶନ ଏବଂ ସ୍ୱଚ୍ଛତାର ସହ କାର୍ଯ୍ୟ ସଂପାଦନ ନେଇ ଶପଥ ପାଠ କରାଯାଇଥିଲା। ଅନୁରୂପ ଭାବରେ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ମଧ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଶପଥ ପାଠ କରିଥିଲେ। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦୂରଦୃଷ୍ଟି ଓ କାର୍ଯ୍ୟ ଦେଶର ଏକତା ଅକ୍ଷୁଣ୍ଣ ରଖିବାରେ ସହାୟକ ହୋଇଥିଲା। ପ୍ରତ୍ୟେକ ନାଗରିକ ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ପାଇଁ ନିଜ ନିଜ କ୍ଷେତ୍ରରେ ଉଦ୍ୟମ ଜାରି ରଖିବାର ଆବଶ୍ୟକତା ରହିଛି। ଶପଥ ପାଠ ଉତ୍ସବରେ ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ସଚିବ ଶ୍ରୀମତୀ ବିଷ୍ଣୁପ୍ରିୟା ସାହୁ, ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ଦାସ, ଗୁରୁବୀର ସିଂହଙ୍କ ସମେତ ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଶପଥ ପାଠରେ ଅଂଶଗ୍ରହଣ କରିଥିଲେ ।

## ଚାଷୀଙ୍କୁ ଫସଲ ବୀମା ରାଶି ପ୍ରଦାନ ଦାବିରେ ବିଜେଡିର ବିକ୍ଷୋଭ

ଭୁବନେଶ୍ୱର,୧/୧୧ (ନି.ପ୍ର): ରାଜ୍ୟ ଚାଷୀମାନଙ୍କୁ ତୁରନ୍ତ ବୀମା ରାଶି ପ୍ରଦାନ କରିବା ଦାବିରେ ସୋମବାର ଦିନ ବିଜେଡି ପକ୍ଷରୁ ଭୁବନେଶ୍ୱର ସ୍ଥିତ ରାଜ ଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ବ୍ୟତୀତ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱରସ୍ଥିତ ବୀମା କମ୍ପାନୀଗୁଡ଼ିକର କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଜେଡି ଅଭିଯୋଗ କରିଛି ଯେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ରାଜ୍ୟର ଲକ୍ଷ ଲକ୍ଷ ଚାଷୀଙ୍କୁ ବୀମା ରାଶି ପାଇବାରୁ ବଂଚିତ କରି ବୀମା କମ୍ପାନୀମାନେ ଏଥିପାଇଁ ସମୟ ଗଡ଼ାଇ ଚାଲିଛନ୍ତି । ଏହା ଫଳରେ ଓଡ଼ିଶାର ଗରିବ କ୍ଷତିଗ୍ରସ୍ତ ଚାଷୀମାନେ ୫୦୦ କୋଟି ଟଙ୍କାର ବକେୟା ବୀମା ରାଶି ନ ପାଇ ଘୋର ଦୁର୍ଦ୍ଦଶା ମଧ୍ୟରେ କାଳ କାଟୁଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀ କେନ୍ଦ୍ର କୃଷି ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ମଧ୍ୟ କେନ୍ଦ୍ର ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ତେଣୁ ଓଡ଼ିଶାର ଲକ୍ଷ ଲକ୍ଷ ଚାଷୀଙ୍କୁ ସେମାନଙ୍କର ସମସ୍ତ ବକେୟା ଫସଲ ବୀମା ରାଶି ତୁରନ୍ତ ପ୍ରଦାନ କରିବାକୁ ବୀମା କମ୍ପାନୀଗୁଡ଼ିକୁ ବାଧ୍ୟ କରିବା ଲାଗି କେନ୍ଦ୍ର ସରକାର ହସ୍ତକ୍ଷେପ କରନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରିଛି ।

## ପୂର୍ବତଟ ରେଳପଥ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଭୁବନେଶ୍ୱର,୧/୧୧ (ନି.ପ୍ର): ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ ଆଜି ରେଳ ସଦନ ଠାରେ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଜାତିର ଏକତା, ଅଖଣ୍ଡତା ଏବଂ ସୁରକ୍ଷା ରକ୍ଷା ପାଇଁ ଉତ୍ସର୍ଗୀକୃତ ହେବା ଏବଂ ରାଷ୍ଟ୍ରିୟ ଏକତା ଦିବସରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦର୍ଶନ ଏବଂ କର୍ମ ଉପରେ କାର୍ଯ୍ୟ କରିବା ପାଇଁ ଶପଥ ପାଠ କରାଇଛନ୍ତି । ଏହା ପରେ ଶ୍ରୀ ଶ୍ରୀବାସ୍ତବ ରେଳପଥର କର୍ମଚାରୀ ଓ ଅଧିକାରୀ ମାନଙ୍କ ଦ୍ୱାରା ଆୟୋଜିତ ମଟର ସାଇକେଲ ରାଲି 'ରନ୍ ଫର୍ ୟୁନିଟି' କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏକତା ଦିବସ ସମାରୋହରେ ପ୍ରମୁଖ କାର୍ମିକ ଅଧିକାରୀ ତୁଷାରକାନ୍ତୀ ମଣ୍ଡଳଙ୍କ ସହିତ ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଏବଂ ବରିଷ୍ଠ ଅଧିକାରୀ ଓ

# ଆୟୁଷ ମଞ୍ଚର ପରିବର୍ଦ୍ଧିତ ବୈଠକରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପ୍ରସ୍ତାବିତ ଆୟୁଷ ଚିକିତ୍ସାଳୟ କାର୍ଯ୍ୟ ବିଳମ୍ବକୁ ବିରୋଧ



ବାଲେଶ୍ୱର,୧/୧୧ (ନି.ପ୍ର): ଆୟୁଷ ବିକାଶ ମଂଚ, ବାଲେଶ୍ୱରର ପରିବର୍ଦ୍ଧିତ ବୈଠକ ସଭାପତି ଡା. ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲା ଆୟୁର୍ବେଦିକ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଗତ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ବିଷୟରେ ସମ୍ପାଦକ ହିମାଂଶୁ ଶେଖର ଦାସ ସଭ୍ୟମାନଙ୍କୁ ଅବଗତ କରାଇଥିଲେ। ଉପଦେଷ୍ଟା ଶ୍ରୀ ନିରଞ୍ଜନ ପରିଡ଼ା ଓ ଶ୍ରୀ ସୀତାରାମ ପ୍ରଧାନଙ୍କ ପ୍ରସ୍ତାବକ୍ରମେ ଆଗାମୀ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ଥିବା ସମସ୍ତ ଆୟୁର୍ବେଦିକ ଔଷଧ ଦୋକାନୀ / ଡିଷ୍ଟ୍ରିବ୍ୟୁଟରମାନଙ୍କୁ ନେଇ ଏକ ଜରୁରୀ ବୈଠକ କରିବା ପାଇଁ ସଭ୍ୟ ଅଭିରାମ ଦାସଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପ୍ରତ୍ୟେକ ଔଷଧ ଦୋକାନରେ ମଞ୍ଚର ଆଭିମୁଖ୍ୟର ଫଳକ ଲଗାଇବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା ଏବଂ ଏହାର ଦାୟିତ୍ୱ ଯୁଗ୍ମ ସଂପାଦକ ଡା. ପ୍ରଭାତ ଚନ୍ଦ୍ର ବିଶ୍ୱାଳଙ୍କୁ ଦିଆଯାଇଥିଲା। ପୂର୍ବ ପ୍ରସ୍ତାବ ଅନୁଯାୟୀ ଆସନ୍ତା ଅକ୍ଟୋବର ୫ ତାରିଖରୁ ୧୦ ତାରିଖ ଭିତରେ ସ୍ଥାନୀୟ ସଦର ବିଧାୟକ, ରେମୁଣା ବିଧାୟକ ତଥା ମାନ୍ୟବର ବାଲେଶ୍ୱର ସାଂସଦଙ୍କ ସହିତ ଯୋଗାଯୋଗ କରି ଏକ ଚାରିଜଣିଆ ଟିମ୍ ଭୁବନେଶ୍ୱର ଯିବାପାଇଁ ସ୍ଥିର କରାଗଲା। ଆୟୁଷ ନିର୍ଦ୍ଦେଶକଙ୍କ ଦ୍ୱାରା ପଠାଯାଇଥିବା ଆୟୁଷ ଚିକିତ୍ସାଳୟର ଏଷ୍ଟିମେଟ୍‌କୁ ପ୍ରଶାସନିକ ଅନୁମୋଦନ କରି ସ୍ୱାସ୍ଥ୍ୟବିଭାଗ ଦ୍ୱାରା ବାରମ୍ବାର ଅବଜେକ୍ସନ୍ କରୁଥିବାରୁ ସଭାରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏ ବିଷୟରେ ମାନନୀୟ ଜିଲ୍ଲାପାଳଙ୍କୁ ଓ ମାନ୍ୟବର ସାଂସଦଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଥିଲା। ବାଲେଶ୍ୱର ଠାରେ ଆୟୁର୍ବେଦିକ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମାନ୍ୟବର ସାଂସଦ, କେନ୍ଦ୍ର ଆୟୁଷ ମନ୍ତ୍ରୀଙ୍କୁ ପତ୍ରାଳାପ ମାଧ୍ୟମରେ ଅନୁରୋଧ କରିଥିବାରୁ ମଞ୍ଚ ସାଂସଦଙ୍କୁ ଅଭିନନ୍ଦନ ଜଣାଇଥିଲା ଏବଂ ଏହାର ଅଗ୍ରଗତି ସମ୍ବନ୍ଧରେ ଆଲୋଚନା ପାଇଁ ସାଂସଦଙ୍କୁ ଅନୁରୋଧ କରାଯାଇଥିଲା। ଡା. ପ୍ରଭାକର ରଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାରିପଦାରେ ବିହାରୀ ସଂପ୍ରଦାୟର ଛଟ୍ ପୂଜା



ବାରିପଦା,୧/୧୧ (ନି.ପ୍ର): ଆଜି ବାରିପଦାର ବିଭିନ୍ନ ଅଂଚଳରେ ଥିବା ବିହାରୀ ସଂପ୍ରଦାୟର ଲୋକମାନେ ଆନନ୍ଦ ଉଲ୍ଲାସର ସହ ଛଟ୍ ପର୍ବ ପାଳନ କରିଛନ୍ତି । ଚର୍ତୁଦିନାତ୍ମକ ଏହି ପୁଜାରେ ଶ୍ରଦ୍ଧାଳୁ ମାନେ ବଡିଭୋରରୁ ବିଭିନ୍ନ ଜଳାଶୟ ନିକଟରେ ଏବଂ ନଦୀ ତଟରେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦାନ ପୂର୍ବକ ଧୁପ, ଦୀପନୈବେଦ୍ୟ ସମର୍ପଣ କରିଛନ୍ତି । ଘେର ନିଷ୍ଠାର ସହ ତିଆରି କରିଥିବା ବିଭିନ୍ନ ପ୍ରକାରର ପିଠା, ମିଠାର ପ୍ରସାଦ ସହିତ ପାଚିଲା କଦଳୀ କାନ୍ଧି ସୂର୍ଯ୍ୟ ଭଗବାନଙ୍କ ନିକଟରେ ଭୋଗ ଭାବରେ ଲାଗୁ କରିଛନ୍ତି । ଏହି ପର୍ବ ବିଶେଷ ଭାବରେ ବିହାର, ଝାଡଖଣ୍ଡ ପ୍ରଦେଶର ମୁଖ୍ୟ ପର୍ବ ହୋଇଥିବା ବେଳେ ଉତର ପ୍ରେଦଶ ଏବଂ ପେଡାଶୀ ରାଷ୍ଟ୍ର ନେପାଳେର ଆଂଶିକ ଭାବେର ମନାଯାଇଥାଏ । କାର୍ତ୍ତିକମାସ ଶୁକ୍ଳପକ୍ଷ ଷଷ୍ଠୀ ତୀଥିରେ ଏହି ପବର୍କୁ ହିନ୍ଦୁ ରିତିନିତିରେ ମନାଯାଇଥାଏ । ଏହି ପୁଜାରେ ମୁଖ୍ୟତଃ ସୂର୍ଯ୍ୟ ଦେବଙ୍କୁ ଉପାସନା କରାଯାଇଥାଏ । ଅବିଭକ୍ତ ବିହାର ରାଜ୍ୟରୁ ଆରମ୍ଭ ହୋଇଥିବା ଏହି ପର୍ବ ଏବଂ ସୂର୍ଯ୍ୟ ପୁଜାର ପରମ୍ପରା ଏବେ ଭାରତ ବାହାରେ ଥିବା ଶ୍ରଦ୍ଧାଳୁ ମାନେ ମଧ୍ୟ ଆଜିର ଦିନରେ ବଡ ଆନନ୍ଦ ଏବଂ ଉଲ୍ଲାସର ସହ ଏହି ପର୍ବ ମନାଉଛନ୍ତି । ଆଜି ଏହି ପର୍ବର ଶେଷ ଦିବସରେ ପୁରୁଷ ସ୍ତ୍ରୀ ବୁଢା ଜବାନ ସମସ୍ତଙ୍କୁ ଭକ୍ତି ଭାବନାର ସହ ପାଣି ମଧ୍ୟରେ ପ୍ରବେଶ କରି ଅର୍ଘ୍ୟ ସମପର୍ଣ କରୁଥିବାର ଦେଖିବାକୁ ମିଳିଛି । ଗତକାଲି ମଧ୍ୟ ଶ୍ରଦ୍ଧାଳୁ ମାନେ ଅସ୍ତଗାମୀ ସୂର୍ଯ୍ୟଙ୍କ ପୂଜାର୍ଚ୍ଚନା କରିଥିଲେ । ଏହି ପୁଜାରେ ଧନୀ ଗରିବ ସମସ୍ତେ ଏକ ହୋଇ ଭକ୍ତି ଭାବନାର ସହ ପୂଜାର୍ଚ୍ଚନା କରୁଥିବାର ଦେଖିବାକୁ ମିଳିଛି ।

## ଅଧକ୍ଷା ଜୟଶ୍ରୀ ଚୌଧୁରୀ ନେଲେ ଅବସର

# କେବଳ ଶିକ୍ଷାଦାନ ନୁହେଁ, ମହାବିଦ୍ୟାଳୟ ପ୍ରତିଷ୍ଠାରେ ନେଇଥିଲେ ଅଗ୍ରଣୀ ଭୂମିକା : ନମିତା ରାଉତ




ଉଦଳା,୧/୧୧ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ଜୟଶ୍ରୀ ଚୌଧୁରୀ ଆଜି ଅକ୍ଟୋବର ୩୧ ତାରିଖ ସୋମବାର ଦିନ ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି। ପ୍ରକାଶ ଥାଉକି ଉକ୍ତ ମହାବିଦ୍ୟାଳୟ ସମଗ୍ର କପ୍ତିପଦା ଉପଖଣ୍ଡର ଏକମାତ୍ର ମହିଳା ମହାବିଦ୍ୟାଳୟ ରୂପେ ପରିଗଣିତ ହେଉଥିବା ବେଳେ ସମଗ୍ର ଉତ୍ତର ଓଡ଼ିଶାରେ ଏହାର ସୁନାମ ଶୁଣିବାକୁ ମିଳିଥାଏ । ଏହିଭଳି ଏକ ଶିକ୍ଷାନୁଷ୍ଠାନର ଅଧକ୍ଷ ପଦଟି ସମ୍ମାନ ଜନକ ପଦ ଅଟେ । ତେବେ ଆଜି ଲୌହ ମାନବ ସଦ୍ଦାର ବଲ୍ଲବ ଭାଇ ପଟେଲଙ୍କ ୧୪୭ ତମ ଜୟନ୍ତି (ଜାତୀୟ ଏକତା ଦିବସ), ପୁର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ୩୯ ତମ ସ୍ମୃତି ଦିବସ ଓ ଅଧକ୍ଷା ଜୟଶ୍ରୀ ଚୌଧୁରୀଙ୍କ ଅବସର ଗୋଟିଏ ଦିନରେ ପଡୁଥିବାରୁ ମହାବିଦ୍ୟାଳୟ ପରିସରରେ ଗୋଟିଏ ମଞ୍ଚରେ ସବୁଯାକ ଉତ୍ସବ ଏକତ୍ର ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ନବାଗତ ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ଆଜିର ଉତ୍ସବରେ ସଭାପତିତ୍ୱ କରି ବିଦାୟୀ ଅଧକ୍ଷା ଜୟଶ୍ରୀ ଚୌଧୁରୀ କିପରି ମହାବିଦ୍ୟାଳୟକୁ ଆସୁଥିବା ସବୁ ପ୍ରକାର ସମସ୍ୟାର ମୁକାବିଲା ପାଇଁ ସମସ୍ତଙ୍କ ଭିତରେ ଦମ୍ଭ ଭରି ଦେଉଥିଲେ ଓ ନିଜେ ସାହାସର ସହିତ ସେ ସବୁର ସାମନା କରୁଥିଲେ ବିସ୍ତୃତ ବର୍ଣ୍ଣନା କରିଥିଲେ । କାର୍ଯ୍ୟରତ ଅଧାପକ, ଅଧାପିକା, କର୍ମଚାରୀ ଓ ଛାତ୍ରୀ ମାନେ ଅଧକ୍ଷାଙ୍କ ସହିତ ବିତାଇଥିବା ଅ'ରଙ୍ଗ ମୁହୁର୍ତ୍ତର ଅନୁଭବ ବ୍ୟକ୍ତ କରିଥିଲେ । ଏହି ଅବସରରେ ଜଣେ ପୁର୍ବତନ ଛାତ୍ରୀ ତଥା ସାମ୍ବାଦିକା ନମିତା ରାଉତ, ରିନା ମାଡ଼ାମ(ଜୟଶ୍ରୀ ଚୌଧୁରୀ) କେବଳ ଶିକ୍ଷାଦାନ ନୁହେଁ ମହାବିଦ୍ୟାଳୟ ଗଠନରେ ନେଇଥିଲେ ଅଗ୍ରଣୀ ଭୂମିକା ବୋଲି କହିଥିଲେ । ଜୟଶ୍ରୀ ଚୌଧୁରୀ ଦିର୍ଘ ୩୮ ବର୍ଷ ଧରି ମହାବିଦ୍ୟାଳୟରେ ବିତାଇଥିବା ନିଜର ଅନୁଭବ ବର୍ଣ୍ଣନା କରିଥିଲେ । ମୋଟାମୋଟି ଭାବରେ ଆଜିର ପରିବେଶଟି ଖୁବ ଭାବ ବିହ୍ୱଳ ହୋଇଉଠିଥିଲା । ଶେଷରେ ମହାବିଦ୍ୟାଳୟ ତରଫରୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ସହିତ ଉପଢ଼ୌକନ ପ୍ରଦାନ ପୁର୍ବକ ବିଦାୟୀ ଅଧକ୍ଷାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧାପିକା ମୁଳା କଲିଆ ମାନପତ୍ର ପାଠ କରିଥିବା ବେଳେ କ୍ଷୀରୋଦ ରଂଜନ ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# ଦେଶର ବଡ଼ ଲକ୍ଷ୍ୟକୁ ପୂରଣ କରିବାରେ ସର୍ଦ୍ଦାର ପଟେଲଙ୍କ କର୍ତ୍ତବ୍ୟ ଓ ନେତୃତ୍ୱ ଜ୍ୱଳନ୍ତ ଉଦାହରଣ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୧/୧୧ (ନି.ପ୍ର): ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ନିର୍ଣ୍ଣୟ ନେବାର କ୍ଷମତା ଓ ଦୃଢ ଇଚ୍ଛାଶକ୍ତି ସମସ୍ତଙ୍କୁ ପ୍ରଭାବିତ କରିବା ସହ ନିରନ୍ତର ପ୍ରେରଣା ଦେଉଛି । ଦେଶର କଲ୍ୟାଣ ପାଇଁ ବଡ଼ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ପଟେଲଙ୍କ କର୍ତବ୍ୟ ଓ ନେତୃତ୍ୱ ଜ୍ୱଳନ୍ତ ଉଦାହରଣ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଅବସରରେ ସଂସଦରେ ଆୟୋଜିତ 'ରାଷ୍ଟ୍ରୀୟ ଏକତା ଦିବସ' କାର୍ଯ୍ୟକ୍ରମ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ 'ଏକତା ପାଇଁ ଦୌଡ'ର ଶୁଭାରମ୍ଭ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । କେନ୍ଦ୍ରମନ୍ତ୍ରୀ ସଂସଦର ସେଣ୍ଟରାଲ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କ ସହ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଦେଶର କୋଣ ଅନୁକୋଣରୁ ଆସିଥିବା ଯୁବଶକ୍ତିଙ୍କୁ ସମ୍ବୋଧିତ କରି ସେ କହିଛନ୍ତି, ନିକଟରେ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଲାଲକିଲ୍ଲାରୁ ଦେଶବାସୀଙ୍କୁ ସମ୍ବୋଧିତ କରି ବଡ ସଂକଳ୍ପ, ବଡ ସ୍ୱପ୍ନ ଉପରେ କାମ କରିବା ପାଇଁ ଆଗ୍ରହ କରିଛନ୍ତି। ଆମକୁ କେବଳ ଭାରତ ନୁହେଁ ବରଂ ବିଶ୍ୱ କଲ୍ୟାଣ ପାଇଁ କାର୍ଯ୍ୟ କରିବାକୁ ହେବ । ଆଜିର ଯୁବପିଢି କେବଳ ଭାରତ ନୁହଁ ବରଂ ବିଶ୍ୱର ନେତୃତ୍ୱ ନେବ । ଯେଉଁ ଲୋକମାନେ ଆମକୁ ୨୫୦ ବର୍ଷ ପର୍ଯ୍ୟନ୍ତ ଶାସନ କଲେ, ଆଜି ସେମାନେ ଆମ ଠାରୁ ବହୁତ ପଛରେ ଅଛନ୍ତି । ଅମୃତ ମହୋତ୍ସବର ଏହି କାଳଖଣ୍ଡରେ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ରୂପରେ ଉଭା ହୋଇଛି। ଆଜି ଦେଶର ଯୁବଶକ୍ତିକୁ ବୈଶିକ କଲ୍ୟାଣର ଏକ ନୂଆ ରଚନା କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଆସନ୍ତା ୨୫ ବର୍ଷରେ ଆମେ ଆମର କର୍ତ୍ତବ୍ୟକୁ ପାଳନ କରିବା ସହ ଆମକୁ ଭାରତକୁ ଶ୍ରେଷ୍ଠ ଏବଂ ଅଧିକ ମଜଭୂତ୍ ବନାଇବାକୁ ହେବ। ଏକ ଭାରତ ଶ୍ରେଷ୍ଠ ଭାରତର ସ୍ୱପ୍ନ ସର୍ଦ୍ଦାର ପଟେଲ ହିଁ ଦେଖିଥିଲେ। ଏକବିଂଶ ଶତାବ୍ଦୀର ଭାରତକୁ ନେଇ ଆମେ ଗର୍ବିତ ଓ ଏହାକୁ ଗଢିବାରେ ସର୍ଦ୍ଦାର ପଟେଲଙ୍କ ସବୁଠୁ ବଡ ଯୋଗଦାନ ରହିଛି। ସେହିପରି ଜାତୀୟ ଏକତା ଦିବସରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ 'ଏକତା ପାଇଁ ଦୌଡ'ର ଶୁଭାରମ୍ଭ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ସ୍ୱାଧୀନତା ପରେ ଦେଶକୁ ଏକାଠୀ କରିବା ଏବଂ ଆଜିର ଭାରତକୁ ଏକ୍ କରିବାରେ ପଟେଲଙ୍କ ରାଜନୈତିକ ଇଚ୍ଛାଶକ୍ତି ଓ ନେତୃତ୍ୱ କ୍ଷମତାର ଅତୁଳନୀୟ ଯୋଗଦାନ ରହିଛି । ପଟେଲଙ୍କ ଯୋଗଦାନ କେବଳ ଭାରତକୁ ସ୍ୱାଧୀନତା ଦେବାରେ ସୀମିତ ନଥିଲା ବରଂ ଏକ ଶକ୍ତିଶାଳୀ ରାଷ୍ଟ୍ର ଗଠନରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଅମୃତ ମହୋତ୍ସବର ସମୟ ଓ ରାଷ୍ଟ୍ରୀୟ ଏକତା ଦିବସର ଅବସରରେ ସର୍ଦ୍ଦାର ପଟେଲଙ୍କ ଭୂମିକା, ତାଙ୍କ ନେତୃତ୍ୱ ଏବଂ ଇଚ୍ଛାଶକ୍ତି ଓ ତାଙ୍କ ଉପରେ ହେଉଥିବା ଚର୍ଚ୍ଚାକୁ ଆଗକୁ ବଢାଇବା ପାଇଁ ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି । ଏହା ଦ୍ୱାରା ଆଗାମୀ ପିଢିମାନେ ରାଷ୍ଟ୍ରର ଏକତା, ଅଖଣ୍ଡତା ଓ ପ୍ରଗତିରେ ତାଙ୍କର ଯୋଗଦାନକୁ ଜାଣିପାରିବେ ଓ ପଟେଲଙ୍କ ଭଳି ମହାନୁଭବଙ୍କ ଜୀବନ ଏବଂ ରାଷ୍ଟ୍ର କଲ୍ୟାଣର ସଂକଳ୍ପ ଦ୍ୱାରା ପ୍ରେରିତ ହେବେ । ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକତା ପାଇଁ ଦୌଡରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯୋଗେଶ ସିଂହଙ୍କ ସହ କୁଳସଚିବ, ଅଧକ୍ଷ, ଶିକ୍ଷକ ଶିକ୍ଷୟିତ୍ରୀ, ବରିଷ୍ଠ ଅଧିକାରୀ, ପ୍ରଶାସନିକ କର୍ମଚାରୀ, କେନ୍ଦ୍ରୀୟ ବିଦ୍ୟାଳୟ, ସିବିଏସଏଇ ସ୍କୁଲ ଓ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ନୂଆଦିଲ୍ଲୀ ସ୍ଥିତ ବଲ୍ଲଭ ଭାଇ ପଟେଲ ଚେଷ୍ଟ ଇନଷ୍ଟିଚ୍ୟୁଟ ପରିସରରେ ପଟେଲଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ଧାମନଗର ଉପନିର୍ବାଚନରେ ଜିଲ୍ଲା ଓ ପୋଲିସ ପ୍ରଶାସନ ବିଜେଡିର ଏଜେଂଟ ନହେଉ: ସମୀର ମହାନ୍ତି

ଭଦ୍ରକ/ଭୁବନେଶ୍ୱର,୧/୧୧ (ନି.ପ୍ର): ଧାମନଗର ଉପନିର୍ବାଚନ ଚାଲିଥିବା ବେଳେ ଏଠାରେ ସ୍ଥାନୀୟ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଶାସକ ଦଳର ଚାମଚା ଭଳି ବ୍ୟବହାର କରୁଛନ୍ତି । ଗତକାଲି ଆଲିଗାଁରେ ଧାମନଗର ଥାନାର ପୋଲିସ ସହାୟତାରେ ବିଜୁ ଜନତା ଦଳର ଜଣେ ସରପଂଚଙ୍କ ସ୍ୱାମୀ, ଦିଅର ଓ ଆଉ ଜଣେ ଜିଲ୍ଲା ବାହାରର ବିଜେଡି କର୍ମୀ ଟଙ୍କା ବାଂଟୁଥିଲେ। ଘଟଣାରେ ଏପର୍ଯ୍ୟନ୍ତ ସମ୍ପୃକ୍ତ ମହିଳା ପୋଲିସ ଅଧିକାରୀଣି ମୋନାଲିସା ପ୍ରଧାନଙ୍କ ବିରୋଧରେ ଏବେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ସାଧାରଣ ଲୋକେ ଯେଉଁ ଲୋକକୁ ଶାସକ ଦଳ ପାଇଁ ଟଙ୍କା ବାଂଟିବା ବେଳେ ଧରିଥିଲେ ତାକୁ ମଧ୍ୟ ପୋଲିସ ଗିରଫ କରିନାହିଁ । ସେହିଭଳି ଧୁସୁରି, ତିହିଡି ଭଳି ଅଂଚଳରେ ମଧ୍ୟ ପୋଲିସ ଗାଡିରେ ବିଜୁ ଜନତା ଦଳ ଅର୍ଥ କାରବାର କରୁଛି ବୋଲି ଅଭିଯୋଗ ଆସୁଛି। ଏଭଳି ସ୍ଥିତିରେ ଭଦ୍ରକ ଜିଲ୍ଲା ପୋଲିସର ଭୂମିକା ଶାସକ ଦଳକୁ ସୁହାଇଲା ଭଳି। ନିର୍ବାଚନ ପରିଚାଳନାରେ ନିରପକ୍ଷତା ଅବଲମ୍ବନ କରିବା ବଦଳରେ ସେମାନେ ଶାସକ ଦଳର କର୍ମୀ ଭଳି ବ୍ୟବହାର କରୁଛନ୍ତି । ଏହି ପ୍ରସଙ୍ଗରେ ସୋମବାର ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ସତ୍ୟାଗ୍ରହ ଜିଲ୍ଲା ଏସପିଙ୍କ କାର୍ଯ୍ୟାଳୟ ଆଗରେ ହୋଇଥିଲା । ନିର୍ବାଚନ ଯେତିକି ପାଖେଇ ଆସୁଛି ଶାସକ ଦଳ ପକ୍ଷ୍ୟରୁ ଟଙ୍କା ବଂଟା ଯିବା, ଲୋକମାନଙ୍କୁ ଧମକ ଦିଆଯିବାର ଘଟଣା ସେତେ ଅଧିକ ଦେଖାଯାଉଛି । ହେଲେ ପୋଲିସ ଯଦି ନିରପକ୍ଷ ନରହିବ ତାହେଲେ ଧାମନଗରରେ ଲୋକମାନେ ନିର୍ଭୟ ଭାବରେ ଭୋଟ ଦେଇ ପାରିବେ ନାହିଁ। ତେଣି ଜିଲ୍ଲା ଏସପି ନିଜର ସାମ୍ବିଧାନିକ ଦାୟୀତ୍ୱକୁ ନିର୍ବାହ କରି ଆବଶ୍ୟକୀୟ ପଦକ୍ଷେପ ନିଅନ୍ତୁ ବୋଲି ଶ୍ରୀ ମହାନ୍ତି ଦାବି ଜଣାଇଛନ୍ତି। ଏହି ସତ୍ୟାଗ୍ରହରେ ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସୁକାନ୍ତ ନାୟକ, ସନାତନ ବିଜୁଳି, ନବ ମାଝି, ପ୍ରକାଶ ସୋରେନ, ଭାସ୍କର ମଢେଇ, ସମ୍ପାଦକ କାଳନ୍ଦୀ ସାମଲ, ଅଭିମନ୍ୟୁ ସେଠି, ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ଠାକୁର ରଣଜିତ ଦାସ, ମନୋଜ ମହାପାତ୍ର, ଅନିଲ ବିଶ୍ୱାଳ, ଗଣମାଧ୍ୟମ ସହ ମୁଖ୍ୟ ସୁଜିତ ଦାସ, ପ୍ରଦିପ୍ତ ନାୟକ, ବଦ୍ରି ଧଳ, ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୨ ନଭେମ୍ବର ୨୦୨୨, ବୁଧବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ବେଳହୁଁ ସାବଧାନ ହେବା ଦରକାର...

ଗତ ରବିବାର ଦିନ ସନ୍ଧ୍ୟାରେ ଗୁଜରାଟର ମୋରିବା ଠାରେ ଏକ ଝୁଲାପୋଲ ଛିଡ଼ି ପଡ଼ିବା ଫଳରେ ୧୩୩ଜଣ ଲୋକଙ୍କ ପ୍ରାଣହାନି ଘଟିବା ଘଟଣାକୁ ଏକ ଜାତୀୟ ବିପତ୍ତି ବୋଲି ବିବେଚନା କରାଯାଇପାରେ । ମାଛୁ ନଦୀ ଉପରେ ଦୀର୍ଘ ଶହେ ବର୍ଷର ଏହି ପୁରୁଣା ପୋଲଟି ବ୍ରିଟିଶ ଶାସନ ଅମଳରୁ ହିଁ ଲୋକମାନଙ୍କ ଦ୍ୱାରା ବ୍ୟବହୃତ ହୋଇଆସୁଥିଲା । କିନ୍ତୁ ମରାମତି ପରେ ପୁଣି ଥରେ ଯାତ୍ରୀମାନଙ୍କ ଦ୍ୱାରା ବ୍ୟବହୃତ ହେବାର ମାତ୍ର ପାଞ୍ଚଦିନ ପରେ ଏଭଳି ଅଘଟଣ ଘଟିବା ବାସ୍ତବିକ ଗଭୀର ଦୁଃଖଦାୟକ । ସନ୍ଧ୍ୟା ସାଢ଼େ ଛଅଟା ବେଳେ ଏହି ଦୁର୍ଘଟଣା ଘଟିଥିଲା ଓ ଝୁଲାପୋଲଟି ନଦୀଗର୍ଭକୁ ଖସିପଡ଼ିବା ସହ ପୋଲରେ ଯାତାୟାତ କରୁଥିବା ଶହ ଶହ ପର୍ଯ୍ୟଟକ ତଳେ ପଡ଼ି ପ୍ରାଣ ହରାଇଥିଲେ । ସଶସ୍ତ୍ର ସେନାର ତିନି ବାହିନୀ ସମେତ ଏନଡିଆରଏଫ, ଏସଡିଆରଏଫ, ଅଗ୍ନିଶମ ବାହିନୀ, ପୁଲିସବଳ ତଥା ସ୍ଥାନୀୟ ପ୍ରଶାସନ ଓ ଲୋକ ମୃତାହତମାନଙ୍କୁ ଉଦ୍ଧାର କରିବା କାର୍ଯ୍ୟରେ ରାତିସାରା ଆପ୍ରାଣ ଉଦ୍ୟମ କରିଥିଲେ । ମୃତକଙ୍କ ମଧ୍ୟରେ ଅଧିକାଂଶ ଶିଶୁ, ମହିଳା ଏବଂ ବୟୋଜ୍ୟେଷ୍ଠ ଥିବା ଜଣାପଡ଼ିଛି । ଶତାଧିକ ଆହତଙ୍କୁ ମୋରବା ସ୍ଥିତ ବିଭିନ୍ନ ହସପିଟାଲରେ ଭର୍ତ୍ତି କରାଯାଇଛି । ଏହି ଘଟଣା କେବଳ ଗୁଜରାଟରେ ନୁହେଁ, ସମଗ୍ର ଦେଶରେ ଚହଳ ଖେଳାଇ ଦେଇଛି । ଘଟଣାସ୍ଥଳରେ ସ୍ୱୟଂ ରାଜ୍ୟ ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ତଦାରଖ କରିବା ଆଶ୍ୱସ୍ତିର କଥା । କିନ୍ତୁ ଏଭଳି ଏକ ଭୟଙ୍କର ଦୁର୍ଘଟଣା କେଉଁ କାରଣରୁ ଘଟିଲା ଏବଂ ସେଥିପାଇଁ କିଏ ଦାୟୀ ତାହା ଏକ ମୂଳ ପ୍ରଶ୍ନ ଭାବେ ଉଭା ହୋଇଛି । ଶହେ ବର୍ଷରୁ ଅଧିକ କାଳ ଧରି କାର୍ଯ୍ୟକ୍ଷମ ରହି ଆସିଥିବା ଏହି ଝୁଲାପୋଲଟି ହଠାତ୍ ଭୁଶୁଡ଼ିଲା କାହିଁକି ? ତାହା ପୁଣି ମରାମତି ହୋଇ କାର୍ଯ୍ୟକ୍ଷମ ହେବାର ମାତ୍ର ପାଞ୍ଚଦିନ ପରେ । ମୋରବା ପୌର ସଂସ୍ଥାର ଅଧିକାରୀମାନଙ୍କ କହିବା ଅନୁସାରେ, ସେମାନେ ନିରାପତ୍ତା ପ୍ରମାଣପତ୍ର' ଦେଇନଥିଲେ । ତେବେ ଝୁଲାପୋଲକୁ ଚଳାଇବା ଓ ରକ୍ଷଣାବେକ୍ଷଣ କରିବା ଦାୟିତ୍ୱରେ ଥିବା ସଂସ୍ଥା ଏହାକୁ କାହା ଅନୁମତି ନେଇ ଗୁଜରାଟ ପ୍ରତିଷ୍ଠା ଦିବସ (ଅକ୍ଟୋବର ୨୬ ତାରିଖ)ରେ ପୁଣିଥରେ ପର୍ଯ୍ୟଟକମାନଙ୍କ ଲାଗି ଖୋଲିଥିଲେ ? ରବିବାର ଦିନ ଏହି ଅଘଟଣ ଘଟିବା ବେଳେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ଏହାକୁ ପରିଚାଳିତ କରୁଥିବା ଘରୋଇ ସଂସ୍ଥା ଅଜନ୍ତା ଓଭା କମ୍ପାନୀର କର୍ମଚାରୀମାନେ ଭୀଷଣ ଭାବେ ପୋଲଟିକୁ ହଲାଇଥିଲେ । ତାହା ପୁଣି ମାତ୍ରାଧିକ ଯାତ୍ରୀଙ୍କ ବାରଣ ସତ୍ତ୍ୱେ ଝୁଲାପୋଲରେ ଏକସଙ୍ଗେ ମାତ୍ର ୨୦ରୁ ୩୦ଜଣ ଲୋକ ଯାତାୟାତ ପାଇଁ ଅନୁମତି ଥିବାବେଳେ ଘଟଣା ଦିନ ଏକସଙ୍ଗେ ୪୦୦ରୁ ୫୦୦ ଯାତ୍ରୀଙ୍କୁ ଯାତାୟାତ ପାଇଁ ଛଡ଼ାଯାଇଥିଲା, ଯାହାକି ମୃତାହତଙ୍କ ସଂଖ୍ୟାରୁ ସ୍ପଷ୍ଟ । ଓଭା କମ୍ପାନୀ ଗତ ସାତ ମାସରେ କି ପ୍ରକାର ମରାମତି କାର୍ଯ୍ୟ ସଂପାଦନ କରିଥିଲେ ଓ ତାହାର ଗୁଣାତ୍ମକ ମାନ କିଏ ପରଖି ଝୁଲାପୋଲକୁ ପୁନଃ କାର୍ଯ୍ୟକ୍ଷମ ଅନୁମତି ଦେଇଥିଲା ତାହା ହିଁ ସମସ୍ତଙ୍କ ମନରେ ସନ୍ଦେହ ଉଦ୍ରେକ କରେ । ଯଦି କମ୍ପାନୀ କର୍ତ୍ତୃପକ୍ଷ ଉପଯୁକ୍ତ ଅନୁମତିପ୍ରାପ୍ତ ନହୋଇ ପୋଲକୁ ଯାତାୟାତ ଲାଗି ଖୋଲିଥିଲେ, ତେବେ ମୋରିବା ପୌରସଂସ୍ଥା ଏହାକୁ ରୋକିନଥିଲେ କାହିଁକି ? ଯଦି ତାହା କରାଯାଇଥାନ୍ତା ତେବେ ସମ୍ଭବତଃ ଶତାଧିକ ହତଭାଗ୍ୟଙ୍କ ଜୀବନ ବଞ୍ଚାଯାଇ ପାରିଥାନ୍ତା ତେଣୁ ଝୁଲାପୋଲିର ପରିଚାଳନା ଦାୟିତ୍ୱରେ ଥିବା କମ୍ପାନୀ ସହିତ ପୌରସଂସ୍ଥା କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ମଧ୍ୟ ସନ୍ଦେହଘେରକୁ ଆସିବା ସ୍ୱାଭାବିକ । ଅନ୍ୟଥା ୨୩୩ ମିଟରର ଏହି ପୁରୁଣା ପୋଲକୁ ଉଚିତ୍ ସମୟରେ ଯାତାୟାତ ପାଇଁ ବନ୍ଦ କରାଯାଇପାରିଥାନ୍ତା । ଏବେ ପ୍ରଶ୍ନ ଉଠେ, ଦେଶର ବିଭିନ୍ନ ରାଜ୍ୟରେ ଏହି ଭଳି ଶତାଧିକ ଝୁଲାପୋଲ, ବ୍ରିଟିଶ ଅମଳର ପୋଲ ଓ ବନ୍ଧବାଡ଼ ରହିଛି । ସେସବୁ ନିଜ ନିଜର ଆୟୁ କାଳ ପୂର୍ଣ୍ଣ କରିସାରିଛନ୍ତି । ଜନସଂଖ୍ୟା ବୃଦ୍ଧି ସହ ଗମନାଗମନ ଓ ଯାନବାହନ ଚଳାଚଳ ମଧ ବହୁ ଗୁଣରେ ବୃଦ୍ଧିପାଇଛି । ସେସବୁ ପୋଲ ଓ ବନ୍ଧବାଡ଼ଗୁଡ଼ିକର ବ୍ୟବହାର କେତେଦୂର ନିରାପଦ ତାହା ସୁନିଶ୍ଚିତ ହେବା ଦରକାର । ପ୍ରତିବର୍ଷ ଦେଶର ବିଭିନ୍ନ ସହରରେ ପୁରୁଣା କୋଠା ଭୁଶୁଡ଼ି ଅନେକ ଲୋକଙ୍କ ପ୍ରାଣହାନି ଘଟିବା ଭଳି ଖବର ଶୁଣାଯାଇଥାଏ । ମୋରିବା ଝୁଲାପୋଲ ଦୁର୍ଘଟଣା ଯେତିକି ଦାରୁଣ ସେତିକି ଚେତନା ଉଦ୍ରେକକାରୀ ଏହା ସରକାରଙ୍କ ଠାରୁ ଆରମ୍ଭ କରି ଜନସାଧାରଣଙ୍କ ନିମନ୍ତେ ଚେତାବନୀ ସଦୃଶ । ତେଣୁ ବେଳହୁଁ ସାବଧାନ ରହି ଏଭଳି ବନ୍ଧବାଡ଼ ଓ ପୋଲକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟରହିତ କରାଯାଇ, ନୂଆ ବ୍ୟବସ୍ଥା କରାଯିବା ହିଁ ସବୁଠାରୁ ନିରାପଦ ।

## ମୁଖ୍ୟମନ୍ତ୍ରୀ ପଦ ଓ ସଂରକ୍ଷିତ ବର୍ଗ



**ଅଧ୍ୟାପକ ଗୋପବନ୍ଧୁ**

ରାଜନୀତିରେ ସାମାଜିକ ସ୍ଥିତିର ସୁପରିଚାଳନା ବା ସୋସିଆଲ ଇଞ୍ଜିନିୟରିଂ ସଫଳତାର ଅନ୍ୟତମ ଦିଗ । ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ରାଜନୈତିକ ଦଳ ପ୍ରତ୍ୟକ୍ଷ ଭାବେ ହେଉ କିମ୍ବା ପରୋକ୍ଷଭାବେ ଏ କାର୍ଯ୍ୟ କରିଆସିଛନ୍ତି । ଭାରତୀୟ ରାଜନୀତିରେ ଧର୍ମ ଓ ଜାତିର ପ୍ରଭାବକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ନିର୍ବାଚନ ସମୟରେ ରାଜନୈତିକ ଦଳମାନେ ପ୍ରାର୍ଥୀ ଚୟନ କଲାବେଳେ କିଏ କେଉଁ ଜାତିର ଓ କିଏ କେଉଁ ଧର୍ମର ଏକଥାକୁ ବିଚାରକୁ ନେଇଥାନ୍ତି । ଜଣେ ପ୍ରାର୍ଥୀଙ୍କ ଗୋଟିଏ ନିର୍ବାଚନ ମଣ୍ଡଳୀରେ ବସବାସ କରୁଥିବା ବିଭିନ୍ନ ଜାତି ଓ ସମ୍ପ୍ରଦାୟ ଉପରେ କିପରି ପ୍ରଭାବ ରହିଛି ସେ ବିଷୟକୁ ନିଶ୍ଚିତରୂପେ ବିଚାରକୁ ନିଆଯାଏ । ଏପ୍ରକାର ଗୋଟି ଚାଳନା ରାଜନୀତିର ଅଂଶବିଶେଷ ଅଟେ । କେବଳ ବିଧାନସଭା ଅଥବା ସଂସଦୀୟ ନିର୍ବାଚନ ବେଳେ ଏହା କରାଯାଏ ତା ନୁହେଁ, ଗୋଟିଏ ରାଜ୍ୟର ନେତୃତ୍ୱ ନିର୍ଣ୍ଣୟ କାଳରେ ମଧ୍ୟ ଏ ବିଷୟ ପ୍ରତି ଧ୍ୟାନ ଦିଆଯାଏ । ଗୋଟିଏ ରାଜ୍ୟରେ ନିର୍ବାଚନ ପୂର୍ବରୁ କାହାକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଭାବେ ଉପସ୍ଥାପନ କଲେ ଅଧିକ ଭୋଟ ମିଳିବ ତାହାର ଚୟନ ଏବେ ହେଉଛି । ଅନେକ ସମୟରେ ଏପ୍ରକାର ପ୍ରାର୍ଥୀ ଉପସ୍ଥାପନ ସାମାଜିକ ସ୍ଥିତିକୁ ଅନୁଧ୍ୟାନ କରି ନିଆ ଯାଉଥିବାର ଦେଖାଯାଉଛି ।

ଓଡ଼ିଶା ପରିପ୍ରେକ୍ଷୀରେ ବିଚାରକଲେ ଜଣାଯାଏ ଯେ ଅତୀତରେ ସୀମିତ କେତେକ କ୍ଷେତ୍ରରେ ସାମାଜିକ ସ୍ଥିତିକୁ ଦେଖି ପ୍ରାର୍ଥୀ ଚୟନ ହୋଇଛି । ଲୋକମାନେ ସେହି ପାର୍ଟିର ପ୍ରାର୍ଥୀକୁ ଭୋଟ ଦେଇଛନ୍ତି ଯାହାର ଜିତିବାର ସମ୍ଭାବନା ଅଧିକ ବୋଲି ଅନୁଭବ କରିଛନ୍ତି । ଦଳୀୟ ନେତା ନିର୍ଣ୍ଣୟ କ୍ଷେତ୍ରରେ ମଧ୍ୟ ସାମାଜିକ ସ୍ଥିତି ଅନୁଧ୍ୟାନର ଆବଶ୍ୟକତା ଏଯାଏଁ ପଡିନାହିଁ । ଆଜି ପର୍ଯ୍ୟନ୍ତ ପ୍ରାୟତଃ ବିଭିନ୍ନ ଅଗ୍ରଣୀ ରାଜନୈତିକ ଦଳର ନେତୃତ୍ୱ ଅଗ୍ରସର ବର୍ଗର ହାତରେ ରହିଆସିଛି । ମଝିରେ ସ୍ୱଳ୍ପ ସମୟ ପାଇଁ ଶ୍ରୀଯୁକ୍ତ ହେମାନନ୍ଦ ବିଶ୍ୱାଳ ଓ ଶ୍ରୀଯୁକ୍ତ ଗିରିଧର ଗମାଙ୍ଗ ମୁଖ୍ୟମନ୍ତ୍ରୀ ପଦରେ ବସିଥିଲେ ହେଁ ବାକିତକ ସମୟ ପ୍ରାୟତଃ ଏହି ପଦ ଅଗ୍ରସର ବର୍ଗର ହାତରେ ରହିଛି । ଅଦ୍ୟାବଧି ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)ରୁ କେହି ମୁଖ୍ୟମନ୍ତ୍ରୀ ହୋଇନାହାନ୍ତି । ସେହିପରି ଅନୁସୂଚିତ ଜାତି(ଏସସି) ବର୍ଗରୁ କେହି ଏଯାଏଁ ମୁଖ୍ୟମନ୍ତ୍ରୀ ହୋଇନାହାଁନ୍ତି । ଅନୁସୂଚିତ ଜନଜାତି(ଏସଟି) ବର୍ଗରୁ ଯଦି ହୋଇଛନ୍ତି ତାହା ସ୍ୱଳ୍ପ ସମୟ ପାଇଁ ।

୨୦୧୧ ମସିହାର ଜନଗଣନା ଅନୁସାରେ ଓଡ଼ିଶାରେ ଏସ୍.ଟି. ମାନଙ୍କ ସଂଖ୍ୟା ପାଖାପାଖି ଶତକଡା ୨୩ ଭାଗ, ଏସ୍.ସି. ମାନଙ୍କ ସଂଖ୍ୟା ଶତକଡା ୧୭ ଭାଗ । ଏହି ଦୁଇ ବର୍ଗର ସଂଖ୍ୟା ଶତକଡା ୪୦ ଭାଗ । ୧୯୩୧ ମସିହା ପରେ ଭାରତବର୍ଷରେ ଓବିସି ମାନଙ୍କ ଜନଗଣନା ହୋଇନାହିଁ । ସେହି ଜନଗଣନା ଅନୁସାରେ ଦେଶରେ ଓବିସି ଙ୍କ ସଂଖ୍ୟା ଶତକଡା ୫୨ ଭାଗ । କୁହାଯାଉଛି ଏବେ ଏମାଙ୍କ ସଂଖ୍ୟା ଆହୁରି ବଢିଛି । ପୁଣି ଏହା ଓଡ଼ିଶାରେ ଆହୁରି ବେଶି । ଏସଟି, ଏସସି ଓ ଓବିସି ମାନେ ସାମ୍ବିଧାନିକ ବର୍ଗ । ସମସ୍ତ କ୍ଷେତ୍ରରେ ସମାନ ଅଧିକାର ହାସଲ ପାଇଁ ଏମାନେ ଆନ୍ଦୋଳନ କରୁଛନ୍ତି । ସମତା ଭିତ୍ତିକ ସମାଜ ଗଠନ ସାମ୍ବିଧାନିକ ଲକ୍ଷ୍ୟ ମଧ୍ୟ । ରାଜ୍ୟରେ କେବଳ ଏସଟି ମାନେ ଏକତ୍ରିତ ହୋଇଗଲେ ରାଜନୈତିକ ସମୀକରଣ ବଦଳିଯିବ । ଉତ୍ତର ପ୍ରଦେଶରେ ସୁଶ୍ରୀ ମାୟାବତୀ ଶତକଡା ୨୧ ଭାଗ ଏସସି ବର୍ଗର ଲୋକଙ୍କୁ ସଂଗଠିତ କରି କ୍ଷମତାକୁ ଆସିପାରିଥିଲା । ଏହି ଦୃଷ୍ଟିରୁ ଶତକଡା ୨୩ ଭାଗ ଆଦିବାସୀ ସଂଖ୍ୟା ଗଣତନ୍ତ୍ରରେ ଯଥେଷ୍ଟ ଗୁରୁତ୍ୱ ରଖେ । ଏସଟି ମାନଙ୍କ ସହିତ ଏସସି ମାନେ ମିଶିଗଲେ ସଂଖ୍ୟା ଶତକଡା ୪୦ ଭାଗ । ରାଜନୀତିରେ ଏହା ଏକ ବଡ଼ ସଂଖ୍ୟା । ଏହି ସଂଖ୍ୟା ସହିତ ଓବିସି ମାନେ ମିଶିଗଲେ ଏହା ଶତକଡା ୯୨ ଭାଗ ହୋଇଯିବ । ଏହା ବହୁତ ବଡ଼ ସଂଖ୍ୟା । କେବଳ ଓବିସି ଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ । ଏମାନେ ଚାହିଁଲେବି ରାଜନୈତିକ ଦୃଶ୍ୟପଟକୁ ବଦଳାଇ ଦେଇପାରିବେ । ଏମାନେ ସମସ୍ତେ ହେଉଛନ୍ତି ସଂରକ୍ଷିତ ବର୍ଗର । ଓଡିଶା ଏପରି ଏକ ରାଜ୍ୟ ଯେଉଁଠାରେ ଏହି ତିନି ବର୍ଗର ମିଳିତ ସଂଖ୍ୟା ସର୍ବାଧିକ ।

ରାଜନୀତି ହେଉଛି ସଂଖ୍ୟାର ଖେଳ । ରାଜନୈତିକ ଦଳମାନେ ଏ ବିଷୟକୁ ଭଲ ଭାବରେ ଜାଣିଛନ୍ତି । ଗୋଷ୍ଠୀଗତ ଚେତନା ଯେଉଁଠାରେ ନାହିଁ ସେଠାରେ ଏ ପରିସଂଖ୍ୟାନ ମୂଲ୍ୟହୀନ । ଦେଖାଯାଉଛି ବିଗତ କିଛିବର୍ଷ ମଧ୍ୟରେ ରାଜ୍ୟରେ ଏହି ଗୋଷ୍ଠୀମାନଙ୍କ ମଧ୍ୟରେ ସଚେତନତା ଆସିଛି । ଏମାନଙ୍କ ମଧ୍ୟରେ ଆଲୋଚନା ଓ ପର୍ଯ୍ୟାଲୋଚନା ଆରମ୍ଭ ହୋଇଛି । ରାଜନୈତିକ ସ୍ଥିତିକୁ ଏମାନେ ତୀକ୍ଷ୍ଣଭାବେ ଅନୁଧ୍ୟାନ କରୁଛନ୍ତି । ରାଜନୈତିକ ଦଳମାନେ ପରିସ୍ଥିତି ଅନୁଯାୟୀ ଗୋଟି ଚାଳନା କରିବାରେ ମାହିର । ଏମାନେ ଭଲଭାବେ ଜାଣିଛନ୍ତି ଯେ ଏହି ବର୍ଗମାନଙ୍କ ମଧ୍ୟରେ ସଚେତନତା ସେହି ସୋପାନରେ ପହଞ୍ଚି ନାହିଁ ଯେ ଏମାନେ ବିକଳ୍ପ ରାଜନୈତିକ ମଞ୍ଚ ଗଠନକରି ସଫଳ ହୋଇଯିବେ । ତେବେ ଏମାଙ୍କ ସଚେତନତାର ଫାଇଦା ରାଜନୈତିକ ଦଳମାନେ ଉଠାଇବାକୁ ଚାହିଁବେ । କେତେକ ସ୍ଥାନରେ ଏମାନଙ୍କୁ ପ୍ରାର୍ଥୀକରି ଗୋଷ୍ଠୀଗତ ଫାଇଦା ନେବାକୁ ଚେଷ୍ଟା କରିବେ । ହୁଏତ କୌଣସି ରାଜନୈତିକ ଦଳ ସଂରକ୍ଷିତ ବର୍ଗମାନଙ୍କ ଭିତରୁ ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀଭାବେ ଉପସ୍ଥାପନ କରିପାରେ ।

ବିଜୁ ଜନତା ଦଳରେ ୨୦୨୪ ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ହେଉଛନ୍ତି ଅପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ । ଖୁବ୍ ବେଶୀରେ ଏ ଦଳରୁ ସଂରକ୍ଷିତ ବର୍ଗରୁ ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ପ୍ରୋଜେକ୍ଟ କଲେ ଦଳ ନିଶ୍ଚୟ ଲାଭବାନ ହେବ । ଓଡ଼ିଶାରେ ବିଜେପି କୁ ବିଜେଡିର ନିକଟତର ପ୍ରତିଦ୍ୱନ୍ଦ୍ୱୀ ବୋଲି ଅନେକେ ଭାବୁଛନ୍ତି । ଏ ଦଳ ସାମାଜିକ ସ୍ଥିତିର ସୁପରିଚାଳନା ଦିଗରେ ଦୁର୍ବଳ ପରି ମନେହୁଏ । ବିଗତ ସାଧାରଣ ନିର୍ବାଚନର ପ୍ରାର୍ଥୀ ତାଲିକାକୁ ଦେଖିଲେ ଏହା ସ୍ପଷ୍ଟ ପ୍ରତୀୟମାନ ହୁଏ । ତଥାପି ସଂରକ୍ଷିତ ବର୍ଗରୁ ଜଣଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଭାବେ ପ୍ରୋଜେକ୍ଟ କଲେ ଦଳ ନିଶ୍ଚିତ ସୁଫଳ ପାଇବ । ଭାରତୀୟ ଜାତୀୟ କଂଗ୍ରେସର ସ୍ଥିତିରେ କ୍ରମେ ସୁଧାର ଆସୁଛି । ଶ୍ରୀଯୁକ୍ତ ଖଡ୍ ଗେ ଜାତୀୟ ସଭାପତି ହେବାପରେ ପାର୍ଟି ଆପାତତଃ ପରିବାରବାଦ ଲାଞ୍ଛନାରୁ କିଛିଟା ମୁକୁଳିବାକୁ ସକ୍ଷମ ହୋଇଛି । ସେ ଅନୁସୂଚିତ ବର୍ଗର । ତାଙ୍କୁ ସାମାଜିକ ସ୍ଥିତିର ଅଧ୍ୟୟନ ଠିକ୍ ଭାବେ ଜଣାଅଛି । ରାଜ୍ୟରେ ଏହି ଦଳର ସାମାଜିକ ସମର୍ଥନ ବହୁଳଭାବେ ହ୍ରାସପାଇଛି । ଦିନେ ଏସଟି, ଏସସି ଓ ଓବିସି ମାନେ ଏହାର ଭୋଟବ୍ୟାଙ୍କ୍ ଥିଲେ । ଏହାକୁ ଫେରି ପାଇବା ପାଇଁ କଂଗ୍ରେସ ସଂରକ୍ଷିତ ବର୍ଗ କାର୍ଡ ଖେଳିପାରେ । ଏହା ପାର୍ଟିର ପୁନର୍ବିନ୍ୟାସରେ ସହାୟକ ହେବ । ହୁଏତ ପାର୍ଟି ପୂର୍ବଗୌରବ ଫେରି ପାଇପାରେ ।

ସାମ୍ପ୍ରତିକ ଅବସ୍ଥାରେ ରାଜ୍ୟରେ ଆମ୍ ଆଦମୀ ପାର୍ଟିର କ୍ଷିପ୍ର ପ୍ରସାର ନୂତନ ସମୀକରଣ ସୃଷ୍ଟି କରିପାରେ । ଏହି ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ଶ୍ରୀ ଅରବିନ୍ଦ୍ କେଜରିୱାଲ ରାଜନୈତିକ ଗୋଟି ଚାଳନାରେ ସିଦ୍ଧହସ୍ତ । ଗୋଆ ବିଧାନସଭା ନିର୍ବାଚନରେ ସେ ଓବିସି କାର୍ଡ ଖେଳିଥିଲେ । ଭଣ୍ଡାରି ସମାଜର ଶ୍ରୀ ଅମିତ୍ ପାଲେକରଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଭାବେ ଘୋଷଣା କରି ଉଲ୍ଲେଖନୀୟ ଜନ ସମର୍ଥନ ପାଇଛନ୍ତି । ଦୁଇଟି ବିଧାନସଭା ଆସନ ଜିତିଛନ୍ତି । କୁହାଯାଉଛି ଗୁଜରାଟରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଏ ପାର୍ଟିର ସ୍ଥିତି ମଜଭୁତ ଅଛି । ଯିଏ ଏହି ରାଜ୍ୟର ସଂଯୋଜକ ଦାୟିତ୍ୱରେ ଅଛନ୍ତି ସେ ହେଉଛନ୍ତି ପ୍ରଭାବଶାଳୀ ପାଟିଦାର ସମାଜର ଶ୍ରୀ ଗୋପାଲ ଇଟାଲିଆ । ଦେଖାଯାଉଛି ଓଡ଼ିଶାରେ ସଂରକ୍ଷିତ ବର୍ଗର ଲୋକମାନେ ଅଧିକ ଏ ପାର୍ଟି ସହିତ ଯୋଡି ହେଉଛନ୍ତି । ଏମାନେ ଚାହିଁଲେ ରାଜ୍ୟର ରାଜନୈତିକ ମୋଡକୁ ବଦଳାଇ ଦେଇପାରିବେ । ଏ ପାର୍ଟି ଯଦି ସଂରକ୍ଷିତ ବର୍ଗରୁ ଜଣଙ୍କୁ ମୁଖମନ୍ତ୍ରୀ ପ୍ରାର୍ଥୀଭାବେ ଉପସ୍ଥାପନ କରେ ତେବେ ରାଜ୍ୟ ରାଜନୀତିରେ ଏକ ବିରାଟ ପରିବର୍ତ୍ତନ ଦେଖାଦେବାର ସମ୍ଭାବନା ରହିଛି ।


(ଅବସରପ୍ରାପ୍ତ),
ଦର୍ଶନ ବିଭାଗ,
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦


## ଆମେ ଓ ସବୁ ସରକାରୀ ଯୋଜନା



**ରାଜୀବ ଗୋପାଳ ସ୍ୱାଇଁ**

ସମୟ ଅପରାହ୍ନ । ମୁଁ ଓ ବନ୍ଧୁ ସୁନୀଲ, ଗୋଟିଏ ଗାଁ ଅଭିମୁଖେ ବାହାରିଲୁ । ରହୁଥିବା ସ୍ଥାନରୁ ଗାଁ ଟି ପ୍ରାୟ ପନ୍ଦର କିଲୋମିଟର ଦୂର ହେବ । ସେହି ଗାଁରେ ସୁନୀଲର ଜଣେ ପରିଚିତ, ଜାଆଁଳ ଉତ୍ପାଦନ କେନ୍ଦ୍ର ଓ ଉଦ୍ୟାନ କରିଥାନ୍ତି । ଆଗାମୀ ସିଜନ ପାଇଁ ମାଛ ଜାଆଁଳ ସଂପର୍କରେ, ତାଙ୍କ ସହ କଥାବାର୍ତ୍ତା ଥିଲା ଆମ ମୁଖ୍ୟ ଉଦ୍ଦେଶ୍ୟ । ସୁନୀଲ କିଛି ବର୍ଷ ହେବ ସେଇଠୁଁ ଜାଆଁଳ ଆଣି ମାଛ ଚାଷ କରୁଥିଲା ଓ ଭଲ ଫଳ ମଧ୍ୟ ପାଇଥିଲା । ସୁନୀଲ ଦ୍ୱାରା ଉତ୍ସାହିତ ହୋଇ ମୁଁ ସେଠାକୁ ବାହାରି ଥିଲି । କାରଣ ମୋ ପାଖରେ ଦୁଇଟି ପୋଖରୀ ଥିଲା । ଆମେ ଜାତୀୟ ରାଜପଥ ଛାଡି ରାଜ୍ୟ ରାଜପଥରେ କିଛି ବାଟ ଗଲା ପରେ ସୁନୀଲ କଥା ଅନୁଯାୟୀ ଆମ ଗାଡି ଗାଁ ର ସିମେଂଟ କଂକ୍ରିଟ୍ ରାସ୍ତାରେ ଗଡିଲା । ଗାଁ ସରିବା ସହିତ ନାଲି ଗୋଡିର କଚ୍ଚା ରାସ୍ତା ଆଗକୁ ଲମ୍ବି ଯାଇଥାଏ । ଚାରି ପାଖକୁ ଘେରି ରାହିଥାଏ ସବୁଜ ବଳୟ । ଆମେ ଯେଉଁ ବସ୍ତି ମୁଣ୍ଡରେ ପହଂଚିଲୁ ସେଇଠି ବାହ୍ୟ ମଳମୂତ୍ର ମୁକ୍ତ ଗାଁର ବୋର୍ଡ ଲାଗିଥିଲା । ଭାରତର ଏମିତ ହାଜାର ହଜାର ଗାଁ ଭିତରେ ସରକାରଙ୍କ ଯୋଜନା ଗୁଡିକର ସଫଳ ରୂପାୟଣ ଦେଖି ବେଶ ଖୁସି ଲାଗୁଥାଏ । ତା'ପାଖରୁ ଫାର୍ମଟିର ଦୂରତା ବେଶୀ ହେଲେ ଗୋଟିଏ କିଲୋମିଟରର ହେବ । ପ୍ରଥମେ ଗୋଟେ ଆମ୍ବ ବଗିଚା, ଲଗାଲଗି ହୋଇ ପନିପରିବା ଚାଷ, ଅମୃତଭଣ୍ଡା, ଲେମ୍ବୁ, ସଜନା, ନଡିଆର ଅଲଗା ଅଲଗା କ୍ଷେତ ବାଡି ତାପରେ ତଳକୁ ତଳ ସାତଟି ପୋଖରୀ । ଫାର୍ମ ହାଉସ ଭିତରେ କେଇ ବଖରା ପକ୍କା ଘର ସହିତ, କିଛି ଆଜବେଷ୍ଟସ୍ର ଗୁହାଳ ଘର, ତା ଭିତରେ କିଛି ଗାଈ ଗୋରୁ ବି ଥାନ୍ତି । ଏ ସବୁର ରକ୍ଷଣା ବକ୍ଷେଣ କରୁଥାଏ, ଗୋଟିଏ ଆଦିବାସୀ ଦମ୍ପତି । ସେମାନଙ୍କୁ ଦେଖି ବହୁତ ଖୁସି ଲାଗିଲା । ଆମେ ଜାଆଁଳ ଉତ୍ପାଦନ ସ୍ଥଳୀ ବୁଲି ଦେଖିଲୁ । ତତ୍କାଳିନ ଜିଲ୍ଲପାଳ, ରାଜ୍ୟ ଓ ଜିଲ୍ଲା ସ୍ତରୀୟ ମତ୍ସ୍ୟ ଅଧିକାରୀ ଙ୍କ ସହିତ ଅନ୍ୟାନ୍ୟ ପ୍ରମୂଖ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଏହି ପ୍ରକଳ୍ପଟି ସେତେବେଳେ ଉଦ୍ଘାଟନ ହୋଇଥିବାର ସୂଚନା ସେଠାକାର ଏକ ସୂଚନା ଫଳକ ପ୍ରଦାନ କରୁଥିଲା । ଆମ ସାମ୍ନାରେ ଥିଲା ଏକ ସରକାରୀ ଯୋଜନା, ଯାହା ଜଣେ ମଣିଷର ବ୍ୟକ୍ତିଗତ ଶ୍ରମ ଓ ଦୃଢ ଇଛା ଶକ୍ତି ବଳରେ ସଫଳ ହୋଇ ପାରିଥାଏ । ସେହି ସଫଳ ଚିତ୍ରକୁ ଦେଖି ମନ ସନ୍ତୋଷରେ ଭରିଗଲା ।

ଫେରିଲା ବେଳକୁ ସଂଧ୍ୟା ହୋଇ ଆସୁଥାଏ । ସଂଲଗ୍ନ ମୁଣ୍ଡିଆ ପଛରେ ପ୍ରଭାକର ଲୁଚି ଯିବାକୁ ବସିଥାନ୍ତି । ଅନ୍ଧାର ଓହ୍ଲାଇ ଆସିବାର ଉପକ୍ରମ କରୁଥିଲା । କିନ୍ତୁ ଗାଁ ମୁଣ୍ଡରେ ଦଳଦଳ ସ୍ତ୍ରୀ ପୁରୁଷ ଲୋଟାଧରି ପଡିଆକୁ ଯାଉଥିବାର ଦୃଶ୍ୟ ମୋର ଭ୍ରୁକୁଂଚନ ସୃଷ୍ଟି କରୁଥାଏ । ଆସିଲା ବେଳେ ସାରକାରୀ ଯୋଜନାକୁ ନେଇ ଯେଉଁ ଧାରଣା ମନକୁ ଆସିଥିଲା, ତାହା କ୍ରମଶଃ ଦୂରେଇ ଯାଉଥାଏ । କାରଣ ମୋଡ ଉପରେ ଯେଉଁ ବାହ୍ୟ ମଳମୁତ୍ର ମୁକ୍ତ ଗାଁର ଫଳକ ଲାଗିଛି ଏମାନେ ହେଲେ ସେହି ଗାଁର ମଣିଷ । ତେବେ କ'ଣ ଯୋଜନାଟି ସଫଳ ହୋଇନି ? ନା ଲୋକମାନଙ୍କର ଏହା ଏକ ଅଭ୍ୟାସ !

ସୁନୀଲ କହିଲା, ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ! ସ୍ୱଛ ଭାରତ ଅଧିନରେ ଘରେ ଘରେ ପାଇଖାନା ପାଇଁ ଯେଉଁ ଅର୍ଥ ଯୋଗାଇ ଦିଆ ଯାଇଥିଲା, ତାହା କେଉଁ କାମକୁ ନୁହେଁ । ଲୋକମାନେ ପାଇଖାନା ନାଁରେ କେବଳ ସିମେଂଟ୍ ସ୍ଲାବ୍ ଫିଟ୍ କରି ଅର୍ଥ ହରିଲୁଟ୍ କରିଛନ୍ତି । କେତେକ ସ୍ଥାନରେ ଗୋଟିଏ ପାଇଖାନା କରି ଦୁଇ ତିନୋଟି ପାଇଖାନାର ପାଇସା ଉଠାଯିବାର ନଜୀର ବି ରହିଛି । ଦଲାଲ ମାନେ ଗୋଟିଏ ଗୋଟିଏ ପାଇଖାନା ପିଛା ଦେଢ ହଜାରରୁ ଦୁଇ ହଜାର ରୋଜଗାର ବି କରିଛନ୍ତି । ମାନେ ଯୋଜନା ହେଲା, ଲୋକାମାନେ ପଇସା ପାଇଲେ, ବଡବଡିଆ, ଦଲାଲମାନେ ପାଇଲେ ସେମାନଙ୍କ କମିଶନ, କାଗଜ କଲମରେ ଆମେ ହୋଇଗଲେ ସ୍ୱଚ୍ଛ, କିନ୍ତୁ ବାହ୍ୟ ମଳମୂତ୍ର ମୁକ୍ତ ଗାଁ ଏବେ ବି କେବଳ ସେଇ ଫଳକଟିରେ ସୀମିତ । ଏହାହିଁ ସତ!!

ଖାଲି କଣ ସେତିକି ! ଅନ୍ୟ ସବୁ ଯୋଜନା ଯେମିତିକି, ପାନୀୟ ଜଳ, ପକ୍କା ଘର, କକ୍ରିଟ୍ ରାସ୍ତା, ଧାନ ଖଳା, ଆଡି ବନ୍ଧ, ନୂତନ ଖେଳ ପଡିଆ, ଆଲୋକୀକରଣ, ପୁଷ୍କରିଣୀ ଖନନ, ଆଡି ବନ୍ଧ ନିର୍ମାଣ, ଜଳ ନିଷ୍କାସନ ବ୍ୟବସ୍ଥା, ସଭାଗୃହ, ଅଙ୍ଗନବାଡି କେନ୍ଦ୍ର, ସ୍ୱାସ୍ଥ୍ୟ ମିଶନ, ଗୋଷ୍ଠି କେନ୍ଦ୍ର, ବାତ୍ୟା ଆଶ୍ରୟ ସ୍ଥଳ ଇତ୍ୟାଦି ଇତ୍ୟାଦି ସବୁକଥାରେ ଚଂଚକତା । ଲୋକଙ୍କ ହିତକୁ ପଚାରେ କିଏ ? ନିଜେ ହିତାଧିକାରୀ ବି ସେ ମାୟା ମୋହରୁ କଣ ସହଜରେ ମୁକୁଳି ପାରେ ?

ମୋ ଆଖି ଆଗରେ ଥିଲା ଦୁଇଟି ଦୃଶ୍ୟ । ପ୍ରଥମଟି ଏପରି ଜଣେ ମଣିଷର ଯିଏ, ନିଜ ଆଗ୍ରହ, ନିଷ୍ଠା, ଏକାଗ୍ରତା ଓ ପରିଶ୍ରମ ବଳରେ ସରକାରୀ ଯୋଜନା କୁ ସଫଳ କରିଛନ୍ତି ଓ ଅନ୍ୟଟି ଥିଲା ଏକ ବୃହତ୍ ସରକାରୀ ଯୋଜନା ଯାହାର ବିଫଳ ରୂପାୟଣ ଘଟିଛି ।

ମନରେ ଏକ ପ୍ରଶ୍ନ ସ୍ୱତଃ ଠିଆ ହେଉଥାଏ, ସରକାରୀ ଯୋଜନାର ସଫଳ ରୂପାୟଣ ପାଇଁ କେବଳ କ'ଣ ସରକାର ହିଁ ଦାୟୀ? ଯାହା ପାଇଁ ଯୋଜନା, ଯେଉଁ ମାଧ୍ୟମ ଦେଇ ଯୋଜନାର ରୂପାୟଣ ହୁଏ, ସେମାନେ କ'ଣ ତାର ଉତ୍ତର ଦାୟୀତ୍ୱ ନେବେ ନାହିଁ?

ଆମ ପାଖରେ ଯଦି ସମୟ ଥାଏ, ତେବେ ଆମେ ସମସ୍ତେ ଏଥିପାଇଁ ଟିକେ ଭାବିବା କି?


rajibrvpl@gmail.com,
(ମୋ) ୭୬୮୪୯୮୯୫୫୭





### ଆତ୍ମୀୟ ସ୍ୱଜନ

**କବି ବିପ୍ଳବ**

ସେମାନେ ସବୁ
ପ୍ରବୋଧନା ଦେଉଥିଲେ
ଗୋଡ଼ ନଥିବା
କାଠ ଚଉକି ଉପରେ ମୋତେ
ବସେଇ
ତଳୁ କାଢ଼ି ନେଇଥିଲେ ମାଟି
ଚୁଟିଆ ମୂଷା ପରି ।

ମୋ ଅମା ଅନ୍ଧକାର ଜୀବନରେ
ଜାଳିଥିଲେ ହାଲୋଜିନ୍
ମୁକୁଳା ଥିବା ବିଦ୍ୟୁତ ତାରରେ
ସମ୍ବର୍ଦ୍ଧିତ କରିଥିଲେ ମୋତେ
ବଳୀ ବୋଦା ପରି
ଗଜରା ଲମ୍ବେଇ ମୋ ଗଳାରେ
ସିନ୍ଦୂର ବୋଲି ମଥାରେ ।

ସେମାନେ ସବୁ ଥିଲେ
ମୋ ଆତ୍ମୀୟ ସ୍ୱଜନ
ଆମ ରକ୍ତ ଥିଲା ଏକା ପରି
ଗାଢ଼ ନାଲି
ସେମାନେ ସବୁ ମଣିଷ ଥିଲେ ।

.........


♥ ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬


### ମଣିଷ ବାଘ

**ନବ କୁମାର ଦାସ**

କେହି କେହି ବାଘ ଦେଖିବାକୁ
ବୁଲି ଯାଆନ୍ତି ଜଙ୍ଗଲ
ଜଙ୍ଗଲର ପାହାଡି ଗୁମ୍ଫା ଭିତରେ
ମୁନିଆଦାନ୍ତର
ଏକ ବିକଟାଳ ରୂପ ନେଇ
କୁଆଡେ ଲୁଚି ରହିଥାଏ ବାଘ
ଯିଏ ମାଂସ ଖାଏ, ରକ୍ତ ପିଏ ଆଉ
ଗର୍ଜନ କରେ
ମୁନିଆ ପଞ୍ଝାରେ ରକ୍ତର ଗାର ଟାଣେ
ହଁ ଏଇ ସେଇ ବାଘ
ଯାହା କଥା ତୁମେ କହୁଛ
ପାଶାବିକତାର ପରଶରେ
ସେ ବୁଦ୍ଧିହୀନ, ବିବେକହୀନ ହୋଇ
ବୁଲି ରହୁଥିବା ଏକ ଚାରିଗୋଡ଼ିଆ
ଜୀବ ।

ମୁଁ କିନ୍ତୁ ଗଛମାନଙ୍କର
ସେଇ ଜଙ୍ଗଲକୁ ଯାଏନା
ଯାଏନା ପାହାଡର ଗୁପ୍ତ ଗୁମ୍ଫା ଭିତରେ
ଲୁଚି ରହିଥିବା ପଶୁ ମାନଙ୍କୁ
ଦେଖିବାକୁ ।

ମୁଁ ତ ଏଇଠି ଆମରି ଭିତରେ
ଲୁଚି ହଜିଯାଏ
କେଉଁଠି କେଉଁ ଏକ ଭୟର ଭିତ୍ତିରେ
ନିଇତି ଡରିଯାଏ, ଡରିଡରି ମରୁଥାଏ
ଯେଉଁଠି,
କେଉଁ ଏକ ବିକୃତମନର ଚରିତ୍ର
ମୋ କଲମମୁନରେ ଆଙ୍କି ହେଇଯାଏ
ଛାପି ହେଇଯାଏ ମୋ ହୃଦୟର
କାନଭାସ ଭିତରେ ରଙ୍ଗତୁଳିରେ
ଠିକ ଏଇ ବାଘମାନଙ୍କ ଚରିତ୍ର ପରି
ଯିଏ ଏଠି ଅଛି, ସେଠି ଅଛି, ସବୁଠି
ଅଛି
ଯାହାର ବୁଦ୍ଧି ଅଛି, ବିବେକ ଅଛି,
ଜ୍ଞାନ ଅଛି...

କାହିଁକି କେଜାଣି
ବେଳ ଉଣ୍ଡି ଆସିଲେ
ପଶ୍ଚିମର ସୁରୁଜଟା ମଉଳି ଗଲେ
କାମନାର ବିପ୍ଳବରେ
ବିପ୍ଳବୀ ମଣିଷଟା,ମଣିଷରୁ ବାଘ ହୁଏ
ହସରୁ ବିଷ ଝରାଏ
ରକ୍ତ ପିଏ, ମାଂସ ଖାଏ...
ଅଭାଗାର ଦୁର୍ଭାଗ୍ୟର ପରିସୀମା
ଭିତରେ
ଗୋଟି ଗୋଟି ଅନନ୍ୟାମାନେ
ଯେଉଁଠି ନ୍ୟାୟ ଟିକେ ପାଇଁ
ମରିଯାଆନ୍ତି, ପୋଡ଼ିଯାଆନ୍ତି, ହଜି
ଯାଆନ୍ତି ସବୁଦିନ... ।


♥ ସୁରଡ଼ିହା, ବାଲିଆପାଳ,
ବାଲେଶ୍ୱର
ଅମୋ- ୭୩୮୧୫୨୦୧୯୯


### ସାମ୍ନାରେ ଅଛି ତ ଶିଖର

**ସ୍ନିଗ୍ଧା ପଣ୍ଡା**

ସେ ବିଶ୍ୱାସ କରେ
ସହଜରେ, ସମସ୍ତଙ୍କୁ
ଅନ୍ୟମାନେ ଅବିଶ୍ୱାସ କରନ୍ତି
ତା' କଥା, କାମ, ପୂରାପୂରି ତାକୁ ହିଁ
ସହଜରେ ସେ ମାନିନିଏ
ନିଜକୁ ବୁଝେଇ ଦିଏ
ଏ ସବୁ ଭାଗ୍ୟ ବି, ଭବିତବ୍ୟ ବି
ଯେଉଁଠି ସେ ମାୟା,
ଛଳନାର ଚିତ୍ର ବୋଲି
ପ୍ରମାଣ କରି ପାରିଲେ
ଖୁସି ହୁଅନ୍ତି ସମସ୍ତେ
ସାମ୍ରାଜ୍ୟ ଜିତିଲା ପରି
ସେଇଠି ଆଉ କଣ ବାକିଥାଏ ଯେ
ସେ ସମ୍ପର୍କ ଆରମ୍ଭିବ ନୂଆ କରି ।

ସପ୍ତପଦୀ ମନ୍ତ୍ରରେ
ସାତ କୋଟି ପାଦରୁ ବି ବେଶି
ଏକାଠି ଚାଲିଲା ପରେ
ସାତ ଜନ୍ମ କଥା ଥାଉ

ଲେଉଟାଣି ପାଦ ପଡ଼େ
ଫୁଟ ଦିଆ, କମ କରା ଶବ୍ଦମାନଙ୍କରେ

ଝରୁ ଥାଏ ରକ୍ତ
ଲାଲ୍ ହୁଏ ହଳଦିଆ ପାଦଚିହ୍ନ ଯାକ
ଯେଉଁଠି ତାକୁ ଭାଙ୍ଗିବା ଓ ଫିଙ୍ଗିବାର
ମୋହରେ ଆଚ୍ଛନ୍ନ ସାରା ସୂର୍ଯ୍ୟୋଦୟ
ସେଇଠି କୋଉ ଆଲୋକରେ
ସଜାଡିବ ସେ ନିଜର ସମୟ ।
ପଡୁଥିବ, ଉଠୁଥିବ କେତେ ଥର
ଏବେ ଅଭିଯୋଗ ନାହିଁ,
ଅନୁନୟ ନାହିଁ
କେହି କିଛି କହିଦେଲେ
ତଳକୁ ଖସିବାର ନାହିଁ
କାହା ହାତ ଧରିବାର ନାହିଁ
ଥରେ ଖାଲି ଭାବିବାର ଅଛି
ସମ୍ପର୍କ ଓ ସମୟର ନ ଥିବା
ବେଳରେ
ତଥାପି ସେ ତିଆରି କରିପାରେ ସ୍ୱର
ନିଜକୁ ଭଲ ପାଇବାର
ନିଜ ପାଦ, ନିଜ ରାସ୍ତା
ଅଙ୍କାବଙ୍କା ହେଲେ ହେଉ
ସାମ୍ନାରେ ଅଛି ତ ଶିଖର ।


♥ ଗଣ୍ଡମୁଣ୍ଡା, ଭୁବନେଶ୍ୱର
(ମୋ) ୯୮୬୧୩୨୩୬୫୦


### ପରମାର୍ଥ ପ୍ରେମ

**ସୁନନ୍ଦା ମହାନ୍ତି**

ତୁମ ମହମହ ଚାହାଣୀରେ
ହୋଇଯାଏ ମୁଁ ଓଦା
ତୁମ ଟହଟହ ହସରେ
ଯେତେ ସବୁ ଅସୁବିଧା
ଦେବଦାସୀର କଳଗାଉଣାରେ
ନିଦ ତୁମ ଅଧା ଅଧା
ନିଜ ଲୁହେ ନିଜକୁ ଭିଜାଇ
କରିଦିଏ ମତେ ବିଦା
ତୁମ ମହକୁମା ଜମା
କରିନାହିଁ ସିଧାସାଧା
ତୁମେ କେବେ ମେଘମନା
ମେଘବସନା ସତେ ମୁଁ ରାଧା
ତୁମେ ମୋ ନିଦ ସପନରେ
ରୂପା ଜହ୍ନ ପରି ଅଧା
ତୁମେ ରାଜରାଜାଧିଶ୍ୱର
ମୁଁ ରକ୍ତିମ ରାଗ ଆଭା
ତୁମେ ମୋ ଭାବର ବୈଭବ
ଭାବରେ ଭାବେ ବସୁଧା
ତୁମେ ବିଭୋର ସଂଜରେ ସଳିତା
ମୁଁ ତୁଠ ପଥର ପରି ନିଦା
ତୁମେ ସୁନାଚାନ୍ଦ କାଇଁଚମାଳିଆ
ମୁଁ ବିକେ ସପନ ସଉଦା
ତୁମେ ଜାଳ ଅବା ନିଜେ ଜଳ
ମୋ ଉପରେ ଦୁଃଖ ପାହାଡ ଲଦା
ତୁମେ ଓଁକାରେ ଝଙ୍କୃତ ଯେବେ
ମୁଁ ପିଏ ଅମୃତ ସୁଧା ।


♥ ସାକ୍ଷୀଗୋପାଳ,
ପୁରୀ
(ମୋ) ୭୦୦୮୯୪୨୨୧୫

# କଂଚାଲଙ୍କା ଖାଆନ୍ତୁ ସୁସ୍ଥ ରୁହନ୍ତୁ



କଂଚାଲଙ୍କା ଖାଇବାକୁ କେହି କେହି ଖୁବ୍ ଭଲ ପାଉଥିଲେ ହେଁ କେହିକେହି ଏହାକୁ ରାଗ ଲାଗୁଥିବା ଯୋଗୁଁ କମ୍ ଖାଇଥାଆନ୍ତି। ଲଙ୍କା ରାଗ ସତ, କିନ୍ତୁ ଏହାର ଫାଇଦା ଅନେକ। ତେବେ ଆସନ୍ତୁ ଜାଣିବା ଲଙ୍କାର ସୁଗୁଣ ବିଷୟରେ-

- କଂଚାଲଙ୍କାକୁ କୌଣସି ବ୍ୟଞ୍ଜନରେ ପକାଇ ଖାଇବା ଅପେକ୍ଷା ଅଲଗା ଭାବେ ଖାଇବା ଅଧିକ ଲାଭପ୍ରଦ ହୋଇଥାଏ। କଂଚାଲଙ୍କାରେ ଆଂଟି ଅକ୍ସିଡେଣ୍ଟଣ୍ଟ ରହିଥାଏ, ଯାହା ଶରୀରରୁ ଚର୍ବି ହ୍ରାସ କରିବାରେ ସାହାଯ୍ୟ କରିଥାଏ।

- ଯଦି ଆପଣଙ୍କୁ ମ୍ୟାଲେରିଆ ଜ୍ୱର ହୋଇଛି ତେବେ କଂଚାଲଙ୍କାର ମଞ୍ଜି ବାହାର କରି ଅଙ୍ଗୁଠିରେ ବାନ୍ଧି ଦିଅନ୍ତୁ। ଏହାଦ୍ୱାରା ଜ୍ୱର ଆସିବା କିଛି ମାତ୍ରାରେ କମ୍ ହୋଇଯାଇଥାଏ।

-କଂଚାଲଙ୍କାରେ ଭିଟାମିନ-ସି ଥିବାରୁ ଏହା କ୍ୟାନ୍ସରରୁ ଦୂରେଇ ରହିଥାଏ। ତେଣୁ ପ୍ରତିଦିନ ଖାଇବା ବେଳେ କଂଚାଲଙ୍କା ଖାଇବାକୁ ଭୁଲନ୍ତୁ ନାହିଁ।

- ଆପଣ ଜାଣି ଆଶ୍ଚର୍ଯ୍ୟ ହେବେକି ଯଦି ଶରୀରରେ କୌଣସି ସ୍ଥାନରେ ଜଳାପୋଡ଼ା ହେଉଛି ତେବେସେ ସ୍ଥାନରେ କଂଚାଲଙ୍କାକୁ ବ୍ୟବହାର କରିପାରିବେ। କିନ୍ତୁ ଆର୍ୟୁବେଦ ଅନୁସାରେ ଲଙ୍କାରେ ଏପରି କିଛି ଗୁଣ ରହିଛି, ଯାହା ଆମମାନଙ୍କୁ ଅଗୋଚର। ଲଙ୍କାରେ ଟିକେ ପାଣି ଦେଇ ଏହାର ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଆପଣଙ୍କ ଶରୀରରେ ଜଳୁଥିବା ସ୍ଥାନରେ ଲଗାନ୍ତୁ। ଦେଖିବେ ଏଥିରେ ଥିବା ଆଂଟି-ଅକ୍ସିଡେଂଟଣ୍ଟ କ୍ଷେତକୁ ଭଲ କରି ଦେଇଥାଏ।

- ଯଦି ଆପଣ ଦୁଃଖରେ ଅଛନ୍ତି, ତେବେ କଂଚାଲଙ୍କା ଖାଆନ୍ତୁ। ଏହା ଶୁଣି ଆପଣଙ୍କୁ ହୁଏତ ବିଶ୍ୱାସ ନ ଆସିପାରେ କିନ୍ତୁ କଥାଟି ସତ। ଦୁଃଖରେ ଥିବା ସମୟରେ ଆପଣ ଯଦି ଲଙ୍କା ଖାଉଛନ୍ତି ତେବେ ଦେଖିବେ ଆପଣଙ୍କ ମନଖୁସି ହୋଇଯିବ।

# ମା'କ୍ଷୀର ଭଲ କରିବ କ୍ୟାନ୍ସର



ମା' କ୍ଷୀରରୁ ବୈଜ୍ଞାନିକମାନେ କ୍ୟାନ୍ସର ଭଲ କରିବାରର ଉପାଦାନ ପାଇ ଯାଇଛନ୍ତି। ଏହି ଉପାଦାନ ଟ୍ୟୁମର କୋଷିକାକୁ ନିପାତ କରିପାରେ। ଏହାକୁ ସେମାନେ 'ହାମଲେଟ' ବୋଲି ନାମିତ କରିଛନ୍ତି। 'ହାମଲେଟ' ଭଲ କୋଷିକାକୁ କୌଣସି କ୍ଷତି ନପହଂଚାଇ କ୍ୟାନ୍ସର ଗ୍ରସ୍ତ କୋଷିକାକୁ ନଷ୍ଟ କରିପାରିବ ବୋଲି ଗବେଷକମାନେ କହିଛନ୍ତି। କ୍ୟାନ୍ସର ରୋଗୀଙ୍କ ଶୃରୀରରେ 'ହାମଲେଟ୍'କୁ ଇଞ୍ଜେକ୍ସିନ ମାଧ୍ୟମରେ ଦେବାର କିଛି ଦିନ ମଧ୍ୟରେ ଏହା କାମ କରିଥାଏ।

ବ୍ଲାଡ଼ର କ୍ୟାନ୍ସରରେ ପୀଡ଼ିତ ଲୋକଙ୍କ ଉପରେ ଏହାର ପରୀକ୍ଷଣରୁ ସନ୍ତୁଷ୍ଟଜନକ ପରିଣାମ ମିଳିଛି। ଗବେଷକମାନେ ଅନୁମାନ କରିଛନ୍ତି ଯେ, ହାମଲେଟ ବାୱେଲ କ୍ୟାନ୍ସର ଓ ସର୍ଭିକାଲ କ୍ୟାନ୍ସର କ୍ଷେତ୍ରରେ ବି ଲାଭଦାୟକ ହେବ। ପ୍ରଫେସର କ୍ୟାଥରିନା ସାଭନବର୍ଗ ଏହି ତଥ୍ୟ ଆବିଷ୍କାର କରିଛନ୍ତି। ସ୍ୱିଡ଼େନର ଲୁଣ୍ଡ ବିଶ୍ୱବିଦ୍ୟାଳୟରେ ଇମିନୋଲଜିଷ୍ଟ ପ୍ରଫେସର ଭାବେ କାମ କରୁଥିବା ସାଭନବର୍ଗ କହିଛନ୍ତି, ମା' କ୍ଷୀରରେ ଏକ ପ୍ରୋଟିନ ରହିଛିଯାହାକୁ ଆଇଫାଲା - କଟାଲବୁମିନ କୁହାଯାଏ। ଏହାହିଁ ପରବର୍ତ୍ତୀ ସମୟରେ ଅନ୍ତନଳୀରେ କ୍ୟାନ୍ସର ସହିତ ଲଢ଼ିବାଅର ଉପାଦାନ ପାଲଟିଯାଏ।

# କିଡ୍‌ନୀ ବିକିବା ପାଇଁ ଅନୁମତି ଲୋଡ଼ିଲେ ଶ୍ରମିକ

ଜଣେ ଗରିବ ଶ୍ରମିକଙ୍କୁ ପୁଅର ଚିକିତ୍ସା ପାଇଁ ଋଣ ବୋଝ ଏତେ ବାଧିଛି ଯେ ସେ ଏବେ ନିଜ କିଡନୀ ବିକିବା ପାଇଁ ଅନୁମତି ଲୋଡ଼ିଛନ୍ତି ଜିଲ୍ଲାପାଳଙ୍କର। ମଙ୍ଗଳବାର କୃଷକ ଜଣକ ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଂଚିବା ଏବଂ ଏହି ଅନୁରୋଧ କରବା ରାଜ୍ୟ ସରକାର ଓ ପ୍ରଶାସନିକୁ ଦୃଢ଼ ଚିନ୍ତାରେ ପକାଇଛି।

ଡୋମରି ଅଂଚଳରେ ରହୁଥିବା ମଙ୍ଗଳ ପ୍ରସାଦ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ତାଙ୍କ ବଡ଼ପୁଅ ଟିବିରେ ଆକ୍ରାନ୍ତ ହୋଇଥିଲା ବେଳେ ତା'ର ଚିକିତ୍ସା ପାଇଁ ମଙ୍ଗଳ ବିଭିନ୍ନ ଲୋକଙ୍କ ଠାରୁ ଋଣ କରିଥିଲେ। ଏବେ ଋଣ ଭାର ଏତେ ବଢ଼ିଯାଇଛି ଯେ ମଙ୍ଗଳ ତାକୁ କିପରି ସୈଠ କରିବେ ସେହି ଚିନ୍ତାରେ ଅଛନ୍ତି। ଆଉ ଅର୍ଥ ଦେଇଥିବା ଲୋକମାନେ ମଧ୍ୟ ତାଙ୍କୁ ନାନା ପ୍ରକାର ହଇରାଣ କରୁଛନ୍ତି। ଏଥିରେ ଭୟଭୀତ ମଙ୍ଗଳ ଜିଲ୍ଲାପାଳ ଯୋଗେଶ୍ୱର ରାମ ମିଶ୍ରଙ୍କୁ ଭେଟି କିଡନୀ ବିକିବାର ଅନୁରୋଧ କରିଥିଲେ ଏଥିସହ ସେ ଏକ ପତ୍ର ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଦାନ କରିଛନ୍ତି।

# ପାଚନ କ୍ରିୟା ଠିକ୍ କରେ ମଣ୍ଡୁକାସନ



ପ୍ରଥମେ ଆସନ ଉପରେ ସୁପ୍ତ ବଜ୍ରାସନ ମୁଦ୍ରାରେ ବସନ୍ତୁ। ଡାହାଣଗୋଡ଼ ଉପରେ ଅଧିକ ଭାର ଦେଇ ବାମ ପାଦକୁ ନିତମ୍ବର ବାମ ପାଖକୁ ନିଅନ୍ତୁ। ଏବେ ଶରୀର ଭାର ବାମ ପାଖକୁ ଦେଇ ଡାହାଣ ପାଦକୁ ଡାହାଣ ପାଖକୁ ନିଅନ୍ତୁ। ଦୁଇ ହାତକୁ ଭୂମି ଉପରେ ରଖି ତା' ଉପରେ ସମସ୍ତ ଶରୀରର ଭାର ରଖିବାକୁ ଚେଷ୍ଟା କରନ୍ତୁ। କଷ୍ଟ ଲାଗିଲେ ମଧ୍ୟ ଦୁଇ ହାତ ଦୁଇ ପାଖରେ ଭୂମି ଉପରେ ରଖି ଶରୀରର ଭାର ସମ୍ଭାଳନ୍ତୁ ଓ ଦୁଇ ଆଣ୍ଠୁକୁ ପୃଥକ କରନ୍ତୁ। ବାମ ଆଣ୍ଠୁ ବାମକୁ ଓ ଡାହାଣ ଆଣ୍ଠୁ ଡାହାଣକୁ ଘୁଂଚାନ୍ତୁ। ଯେତେ ସମ୍ଭବ ଦୁଇ ଆଣ୍ଠୁ ପରସ୍ପର ଠାରୁ ଦୂରେଇ ରଖନ୍ତୁ। ଦୁଇ ହାତ ପାପୁଲି ଦୁଇ ଆଣ୍ଠୁ ଉପରେ ରଖନ୍ତୁ। ମେରୁଦଣ୍ଡ ଯେପରି ସିଧା ରହିବ। ଶ୍ୱାସ ପ୍ରଶ୍ୱାସ ସ୍ୱାଭାବିକ ରହିବା ଉଚିତ। ଦୃଷ୍ଟିସାମନାକୁ ରହିବା ଉଚିତ। ୮ ରୁ ୧୦ ସେକେଣ୍ଡ ଏହି ସ୍ଥିତିରେ ରହି ବିଶ୍ରାମ ନେଇ ପୁଣି ପୁନରାବୃତ୍ତି କରନ୍ତୁ। ଏହାକୁ କଲାବେଳେ ଦୁଇ ହାତ ଓ ବେକ ସିଧା ରହିବା ଉଚିତ୍। ଯେପରି ଅଂଟା ବାଙ୍କିବ ନାହିଁ। ଏହାକୁ କରିବା ଦ୍ୱାରା ନିତମ୍ବର ଶୋଭା ବୃଦ୍ଧି ପାଇବ,ଜଙ୍ଘ, ନିତମ୍ବ, ଗୋଡ଼, ପ୍ରଜନନ ଅଙ୍ଗ ସୁସ୍ଥ ସବଳ ରହିବ, ଯୌନ କ୍ଷମତା ବଢ଼ିବ, ଅର୍ଶ କଷ୍ଟରୁ ଆରାମ ମିଳିବ, ପାଚନ କ୍ରିୟା ଅଧିକ ସକ୍ରିୟ ହେବା ସହିତ ସ୍ତ୍ରୀ,ପୁରୁଷ ଉଭୟଙ୍କର ଅଣ୍ଟା ଅଂଶରୁ ସ୍ନାୟୁମଣ୍ଡଳ ସୁସ୍ଥ ସବଳ ରହିଥାଏ।

## ସନ୍ଧାନୀ ଆପ୍

ହାଇଦ୍ରାବାଦ ସ୍ଥିତ ଭାରତୀୟ ଜାତୀୟ ସାମୁଦ୍ରିକ ସୂଚନା ସେବାକେନ୍ଦ୍ର ପକ୍ଷରୁ ଏକ ନୂଆ ମୋବାଇଲ୍ ଆପ୍ ବିକଶିତ କରାଯାଇଛି। 'ସାରାଟ୍' ଭାବେ ଏହା ନାମିତ। ଗଭୀର ସମୁଦ୍ରରେ ଚଉଷଠି ପ୍ରକାର ଅନୁସନ୍ଧାନ ଓ ଉଦ୍ଧାର କାର୍ଯ୍ୟରେ ଏହାକୁ ଉପଯୋଗ କରିହେବ। ଏହା ଦ୍ୱାରା ଠିକଣା ସମୟରେ ଧନ-ଜୀବନ ସମ୍ପର୍କରେ ସୂଚନା ମିଳିବା ସହ ସେଗୁଡ଼ିକ ସୁରକ୍ଷିତ ରଖିହେବ। ସମୁଦ୍ର ତଟରକ୍ଷୀବାହିନୀ, ଭାରତୀୟ ନୌସେନା ତଥା ସମୁଦ୍ରକୂଳ ପୋଲିସକୁ ଏହି ଆପ୍ ଅତ୍ୟନ୍ତ ସହାୟକ ହେବ।

# ରକ୍ଷାକବଚ ମାଛ



ସବୁ ବର୍ଷ ଦିଲ୍ଲୀବାସୁଙ୍କୁ ଡେଙ୍ଗୁ-ମ୍ୟାଲେରିଆ ରୋଗରୁ ରକ୍ଷା କରିବା ପାଇଁ ଦିଲ୍ଲୀ ସ୍ୱାସ୍ଥ୍ୟ ବିଭାଗ ଏକନିଆରା ପଦକ୍ଷେପ ନେଇଛି। ସ୍ୱାସ୍ଥ୍ୟ ବିଭାଗ ଏବେ ମଶାମାନଙ୍କ ବଂଶବୃଦ୍ଧିକୁ ମୂଳରୁ ନାଶ କରିବା ପାଇଁ ଏକ ମାଛର ସାହାରା ନେବାକୁ ଯାଉଛନ୍ତି। ଏହି ମାଛର ନାଁ ଗମ୍ବୁଜିଆ ଯାହାର ପସନ୍ଦର ଖାଇବା ହେଉଛି ମଶାମାନଙ୍କ ଡିମ୍ବ। ଦିଲ୍ଲୀକୁ ମଶା ଆତଙ୍କରୁ ରକ୍ଷା କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଏହି ମାଛର ଏକ ଫୌଜକୁ ତିଆରି କରିବାକୁ ନିଷ୍ପତ୍ତି ନେଇଛି। ଦିଲ୍ଲୀର ଜାକିର ହୁସେନ୍ କଲେଜ ଏବଂ ସିଭିଲ ଲାଇସେନ୍ସରେ ଏକ ପୋଖରୀରେ ଏହି ମାଛମାନଙ୍କୁ ଛଡ଼ାଯାଇଅଛି। ପ୍ରାରମ୍ଭିକ ସ୍ତରରେ ଦିଲ୍ଲୀର ୧୨ଟି ଜୋନରୁ ୫୦ରୁ ଅଧିକ ସ୍ଥାନରେ ଏହି ମାଛମାନଙ୍କୁ ଛାଡ଼ିବାର ଯୋଜନା ରହିଛି। ଯେତେ ଶୀଘ୍ର ମଶାମାନଙ୍କ ବଂଶବୃଦ୍ଧି ହୁଏ ଠିକ୍ ସେହିପରି ଏହି ମାଛମାନଙ୍କ ମଧ୍ୟ ହୁଏ ଏବଂ ମାଛମାନେ ମଶାମାନଙ୍କ ଡିମ୍ବକୁ ଖାଇ ବଢ଼ିଥାନ୍ତି।

# ଦିଲ୍ଲୀ ଚିଡ଼ିଆଖାନାର ପୁରୁଣା ବାସିନ୍ଦା



୫୬ ବର୍ଷରେ ପ୍ରଥମ ଥର ରୀତାଙ୍କ ଜନ୍ମଦିନ ବଡ଼ ଧୁମଧାମରେ ପାଳନ କରାଯିବ। ରୀତା କେବେ ଜନ୍ମ ଗ୍ରହଣ କରିଥିଲେ ତାହା କେହି ଜାଣନ୍ତି ନାହିଁ। କେବଳ ଏତିକି ଜଣାଯେ ସେ ଦିଲ୍ଲୀ ଚିଡ଼ିଆଖାନାରେ ସବୁଠୁ ପୁରୁଣା ସଦସ୍ୟ। ଚିଡ଼ିଆଖାନାର ଏକମାତ୍ର ସିମ୍ପାଜି 'ରୀତା'କୁ ୧୯୬୪ ମସିହାରେ ଅମଷ୍ଟରଡ଼ାମରୁ ଅଣାଯାଇଥିଲା। ଏବେ ତାକୁ ବୟସ ହୋଇଗଲାଣି। ତେଣୁ ପୂର୍ବପରି ତାକୁ ଆଉ କେହି ଦେଖିବାକୁ ଆସୁନାହାନ୍ତି। କିନ୍ତୁ ଚିଡ଼ିଆଖାନା ସହିତ ତା'ଣ ଦୀର୍ଘଦିନର ସମ୍ପର୍କ ତଥା ମାନବ ପରି ଗୁଣ ତାକୁ ସମସ୍ତଙ୍କ ହୃଦୟରେ ଖାସ୍ ସ୍ଥାନ ଦେଇଛି। ରୀତା ଏବେ ଚିଡ଼ିଆଖାନାର ଏକମାତ୍ର ସିମ୍ପାଜି। ତାର ସାଥୀ ମ୍ୟାକ୍ସକୁ ଜୟପୁର ଚିଡ଼ିଆଖାନାକୁ ପଠାଇ ଦିଆଯାଇଛି। ବନ୍ୟଜନ୍ତୁ ସଂରକ୍ଷଣ ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଜନ୍ମିଦନ ପାଳନର ମୁଖ୍ୟ ଉଦ୍ଦେଶ୍ୟ।

# ପେଡ଼ାଲ ମାରିଲେ ସାଇକେଲ ଦେବ ସ୍ୱଚ୍ଛ ପବନ

ଭାରତ ନୁହେଁ, ବିଶ୍ୱର ଅନେକ ରାଷ୍ଟ୍ର ଏବେ ପ୍ରଦୂଷଣ ହ୍ରାସ ଉପରେ ଜୋର ଦେଉଛନ୍ତି। ଏଥିପାଇଁ ଅନେକ ପ୍ରକାରର ଉଦ୍ୟମ ମଧ୍ୟ କରାଯାଉଛି। ଏହି କ୍ରମରେ ଚୀନର ଏକ ଷ୍ଟାର୍ଟଅପ୍ ସ୍ମୋଗ ଫ୍ରି ବାଇସାଇକେଲ ତିଆରି କରିବାକୁ ଯାଉଛି। କୁହାଯାଉଛି ଯେ ଏହି ସାଇକେଲ ଚଳାଇଲେ ବାୟୁମଣ୍ଡଳ ପରିଷ୍କାର ରହିବ ଏବଂ ପେଡ଼ାଲ ମାରିବା ସମୟରେ ସାଇକେଲର ଚାରିପଟୁ ସ୍ୱଚ୍ଛ ପବନ ବୋହିବ। ବିଶେଷ କଥା ହେଉଛି ଟ୍ରାଫିକର ଭିଡ଼ ଏବଂ ପ୍ରଦୂଷଣକୁ ମୁକାବିଲା କରିବାରେ ଏହା ବଡ଼ ସହାୟକ ହେବ।

ଏହି ସାଇକେଲ ତିଆରି ପାଇଁ ନିକଟରେ କମ୍ପାନୀ ସରକାରଙ୍କ ସହ ଏକ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛି। ଏହି ପ୍ରକଳ୍ପର ଡିଜାଇନର ଡାନ୍ ରୁଜଗାର୍ଡ଼ଙ୍କ ଦ୍ୱାରା ପ୍ରଦୂଷଣ ସ୍ତର ହ୍ରାସ ପାଇଁ ଚାଲିଥିବା ଯୋଜନାର ଅଂଶ ବିଶେଷ ଅଟେ।

# ମିଳିବ ଅଂଟା ଯନ୍ତ୍ରଣାରୁ ମୁକ୍ତି



ଅଧିକ ସମୟ ବସି କାର୍ଯ୍ୟ କରିବା, ଠିଆ ହେବା, ଏକୁଟିଆ ଭୁଲ୍ ଉପାୟରେ ଓଜନିଆ ଜିନିଷ ଉଠାଇବା କାରଣରୁ ଅଣ୍ଟା ବ୍ୟଥା ହୋଇପାରେ। ଅଣ୍ଟା ବ୍ୟଥାର ଅନେକ କାରଣ ହୋଇପାରେ। କିନ୍ତୁ ଅଧିକାଂଶ ମାଂସପେଶୀରେ ଟାଣିହେବା ସ୍ପାଇନାଲ କର୍ଡ଼ ହାଡ଼ରେ ଯନ୍ତ୍ରଣା ହେବା ସହ ଅଂଟା ବ୍ୟଥା ହୋଇଥାଏ। ଯଦି ନିଜ ଦୈନନ୍ଦିନ ଅଭ୍ୟାସକୁ ପରିବର୍ତନ କରିପାରନ୍ତି ଅଂଟ ବ୍ୟଥାରୁ ଦୂରେଇ ରହିବେ। ଭଲ ନିଦ ପାଇଁ ଅନେକ ଲୋକ ତକିଆ ବ୍ୟବହାର କରିଥାନ୍ତି। କିନ୍ତୁ ପାଦର ତଳ ଭାଗରେ ତକିଆ ରଖିବା ଦ୍ୱାରା ନିଦ ଭଲ ହୋଇଥାଏ, ଏବଂ ଅଂଟା ବ୍ୟଥାରୁ ଆରାମ ମିଳିଥାଏ। ପାଦ ତଳେ ତକିଆ ରଖିବା ଦ୍ୱାରା ଅଣ୍ଟା ଉପରେ ଚାପ କମ୍ ପଡ଼ିଥାଏ। ଏକ୍ସପର୍ଟଙ୍କ କହିବାନୁସାରେ ପିଠିମାଡ଼ି ଶୋଇବା ସମୟରେ ପ୍ରାୟ ୫୫ପାଉଣ୍ଡ ଓଜନ ମେରୁ ଉପରେ ରହିଥାଏ। ଯଦି ଆଣ୍ଠୁ ତଳେ ତକିଆ ରଖାଯାଏ, ମେରୁଦଣ୍ଡ ଉପରେ ପଡୁଥିବା ଓଜନ ଅଧା ହୋଇ ଯାଇଥାଏ। ହାଡ଼ ସମ୍ବନ୍ଧିତ ସମସ୍ୟାରୁ ବର୍ତିବାକୁ ହେଲେ, ନିଜ ଖାଦ୍ୟପେୟର ଧ୍ୟାନ ରଖିବା ଉଚିତ। କ୍ୟାଲସିୟମ ଭିଟାମିନ-ଡି ଯୁକ୍ତ ଆହାର ନିଅନ୍ତୁ। କ୍ୟାଲସିୟମ ପାଇଁ କ୍ଷୀର, ଦହି, ପନୀର ବ୍ୟତୀତ ସବୁଜ ପରିବା ଲାଭଦାୟକ। ଡାକ୍ତରଙ୍କ ପରାମର୍ଶ କ୍ରମେ ଭିଟାମିନ୍ ସପ୍ଲିମେଣ୍ଟ ନେଇପାରନ୍ତି।

# ସୂର୍ଯ୍ୟଙ୍କ ଅସ୍ତିତ୍ୱ ଶେଷ ହେବାପରେ ମଧ୍ୟ ଜୀବିତ ରହିବ ଏହି ପ୍ରାଣୀ

ସମୁଦ୍ରର ୧୩ହଜାର ଫୁଟ୍ ଗଭୀରାରେ ଟାରଡିଗ୍ରେଡ୍ ପ୍ରଜାତିର ପ୍ରାଣୀ ଦେଖାଯାଏ। ୧୭୭୭ରେ ଜନୈକ ଆମେରିକୀୟ ବିଶେଷଜ୍ଞ ଏହି ପ୍ରାଣୀକୁ ଠାବ କରିଥିଲେ। ବର୍ତ୍ତମାନ ସୁଦ୍ଧା ଏହି ପ୍ରାଣୀର ୧,୧୫୦ଟି ପ୍ରଜାତି ଠାବ ହୋଇଛି। ୮ଟି ଗୋଡ଼ ଥିବା ଏହି ପ୍ରାଣୀ ଉପରେ ଗତ ୧୦ବର୍ଷହେଲା ଜାପାନୀ ବିଶେଜ୍ଞ ଦଳ ଗବେଷଣା କରୁଛନ୍ତି। ମୁଖ୍ୟ ବିଶେଷଜ୍ଞଙ୍କ କହିବାନୁସାରେ ଏହି ପ୍ରାଣୀ ସୂର୍ଯ୍ୟଙ୍କ ଅସ୍ତିତ୍ୱ ଶେଷ ହେବାପରେ ମଧ୍ୟ ଜୀବିତ ରହିବ। ଅତି କମରେ ୧୦କୋଟି ବର୍ଷ ଗଭୀର ପାଣିରେ ଏହି ପ୍ରାଣୀ ବେଶ୍ ଆରାମରେ ଜୀବନ ଅତିବାହିତ କରିବ। ପରୀକ୍ଷାରୁ ପ୍ରକାଶିତ ଯେ ଥରୁଟିଏ ଏହାର ବଂଶୋଦ୍ଭବ ହେଲେ ନଷ୍ଟ ହେବା କଠିନ ବ୍ୟାପାର।

# ରାଶି ଅନୁଯାୟୀ ଦାନ



ରାଶି ଅନୁଯାୟୀ ଦାନକଲେ ଲାଭ, ସୁଖ, ଶାନ୍ତି ପ୍ରାପ୍ତ ହୋଇଥାଏ। ଏହାବ୍ୟତୀତ ଘରକୁ ନକାରାତ୍ମକ ଶକ୍ତିର ପ୍ରଭାବ ମଧ୍ୟ କମିଯାଇଥାଏ। ତେବେ ଆସନ୍ତୁ ଜାଣିବା କେଉଁ ରାଶିର ବ୍ୟକ୍ତି କ'ଣ ଦାନ କରିବା ଉଚିତ୍। ମେଷ ରାଶି ବ୍ୟକ୍ତି ମୁକ୍ତ ହସ୍ତ ଓ ସ୍ୱଚ୍ଛ ମନରେ ତମ୍ବା ବସ୍ତୁ ଦାନକଲେ ଅଶେଷ କୃପା ଅର୍ଜନ କରିପାରିବେ। ସେହିପରି ବୃଷଭ ରାଶି ବ୍ୟକ୍ତି ଚାନ୍ଦି, ମିଥୁନ ରାଶି ବ୍ୟକ୍ତି ହଳଦିଆ ବସ୍ତ୍ର, କର୍କଟ ରାଶି ବ୍ୟକ୍ତି ଧଳା ରଙ୍ଗର ରେଶମ ବସ୍ତ୍ର, ସିଂହ ରାଶି ବ୍ୟକ୍ତି ଗୁଡ଼ ଓ ଗହମ କନ୍ୟା ରାଶି ବ୍ୟକ୍ତି ଗୋଟା ମୁଗ, ତୁଳା ରାଶି ବ୍ୟକ୍ତି ଗୁଡ଼, ବିଛା ରାଶି ବ୍ୟକ୍ତି ଲାଲ ରଂଗର ବସ୍ତ୍ର, ଧନୁ ରାଶି ବ୍ୟକ୍ତି ସ୍ୱର୍ଣ୍ଣ, ମକର ରାଶି ବ୍ୟକ୍ତି କମ୍ବଳ, କୁମ୍ଭରାଶି ବ୍ୟକ୍ତି ଘୃତ ଓ ମୀନ ରାଶି ବ୍ୟକ୍ତି ଚଣା ଡାଲି ଦାନକଲେ ପରିବାରରେ ଶାନ୍ତି ଓ ନକାରାତ୍ମକ ଶକ୍ତିଠାରୁ ବ୍ୟକ୍ତି ନିଜକୁ ସୁରକ୍ଷିତ କରିପାରିଥାଏ। ପରମାତ୍ମା ଓ ପିତୃପୁରୁଷ ମଧ୍ୟ ପ୍ରସନ୍ନ କରିବା ସହ ଆତ୍ମାକୁ ଶାନ୍ତି ମିଳିଥାଏ।

# ମୁଖ୍ୟମନ୍ତ୍ରୀଙ୍କ ରେକର୍ଡିଂ ଭିଡ଼ିଓ ବାର୍ତ୍ତା ସ୍ୱାଭିମାନୀ ଧାମନଗରବାସୀଙ୍କୁ ପ୍ରଭାବିତ କରିବ ନାହିଁ : ଜୟ ନାରାୟଣ ମିଶ୍ର

ଭୁବନେଶ୍ୱର,୧/୧୧ (ନି.ପ୍ର): ଧାମନଗର ଉପନିର୍ବାଚନ ପ୍ରଚାର ଚାଲିଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ଭିଡିଓ ବାର୍ତା। ସ୍ୱାଭିମାନୀ ଧାମନଗରବାସୀଙ୍କୁ ପ୍ରଭାବିତ କରିବ ନାହିଁ ବୋଲି ଏକ ଟ୍ୱିଟ୍ ଜରିଆରେ କହିଛନ୍ତି ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତାଙ୍କ ରେକର୍ଡିଂ ଭିଡିଓ ବାର୍ତାରେ ଯେଉଁ କଥାକୁ ଉଠାଇଛନ୍ତି ଏହି ବାର୍ତାରେ କିଛି ନୂଆ ନାହିଁ । ବିଜେପୁରରେ ଦୁଇଟି ଉପନିର୍ବାଚନ, ପାଟକୁରା, ବାଲେଶ୍ୱର, ତିର୍ତୋଲ, ପିପିଲି, ବ୍ରଜରାଜନଗର ଉପନିର୍ବାଚନ ସମୟରେ କହିଥିବା ସମାନ କଥାକୁ ମୁଖ୍ୟମନ୍ତ୍ରୀ ଦୋହରାଇଛନ୍ତି। ସ୍କ୍ରିପ୍ଟ ସମାନ, ରେକର୍ଡିଂ ସମାନ ଓ ପ୍ରସାରଣ ବି ସମାନ ଢଙ୍ଗରେ ହେଇଛି, ଯାହା ସ୍ୱାଭିମାନୀ ଧାମନଗରବାସୀଙ୍କ ସହ ଛଳନା ଭଳି ମନେ ହେଉଛି । ବିଗତ ଦିନରେ ଧାମନଗରବାସୀଙ୍କ ସହିତ ଛଳନା କରିଥିବାରୁ ଧାମନଗରବାସୀ ୨୦୧୯ ନିର୍ବାଚନରେ ବିଜେଡ଼ିକୁ ପରାସ୍ତ କରି ବିଜେପିର ଟାଣୁଆ ନେତା ସ୍ୱର୍ଗୀୟ ବିଷ୍ଣୁ ସେଠୀଙ୍କୁ ବିଜୟୀ କରିଥିଲେ । ଧାମନଗର କଣ ରାଜ୍ୟ ଭିତରେ ନୁହେଁ କି ? ମୁଖ୍ୟମନ୍ତ୍ରୀ ଭିଡ଼ିଓ ବାର୍ତାରୁ ଲାଗୁଛି, ନିର୍ବାଚିତ ବିଧାୟକଙ୍କ ଦେହାବସାନ ହେଲେ ହିଁ ବିଜୁ ଜନତା ଦଳର ନେତାମାନେ ଦାୟିତ୍ୱ ନେବା ପାଇଁ ଆଗଭର ହୁଅନ୍ତି। ଏହା କଣ ସାଢେ ଚାରି କୋଟି ଓଡ଼ିଆଙ୍କର ପ୍ରତୀକ ବୋଲି ଡିଣ୍ଡିମ ପିଟୁଥିବା ମୁଖ୍ୟମନ୍ତ୍ରୀଙ୍କ ଅସଲ ଚେହେରା ? ମୁଖ୍ୟମନ୍ତ୍ରୀ ଦାୟିତ୍ୱ କଣ ନିଅନ୍ତି, ଓଡ଼ିଶାବାସୀ ଭଲ ଭାବରେ ଜାଣିଲେଣି। ମୁଖ୍ୟମନ୍ତ୍ରୀ ଯେଉଁ ଅଂଚଳର ଦାୟିତ୍ୱ ନେବାର ଘୋଷଣା କରନ୍ତି ସେ ଅଂଚଳରେ ବିକାଶ ତଳକୁ ଖସୁଥିବା ସେଠାକାର ଜନସାଧାରଣମାନେ ଅନୁଭବ କଲେଣି । ଏହି ସରକାରରେ ପ୍ରଧାନମନ୍ତ୍ରୀ ଆବାସ କେଳେଙ୍କାରୀରେ ସ୍ୱର ଉତୋଳନ କରିଥିବା ବିଜେପି କାର୍ଯ୍ୟକର୍ତାଙ୍କୁ ହତ୍ୟା କରାଯାଇଛି। ନାରୀ ନିର୍ଯ୍ୟାତନା ଓ ଶିଶୁ ଅପରାଧରେ ଓଡ଼ିଶା ଦେଶରେ ସର୍ବାଗ୍ରେ ରହିଛି । ନିମାପଡାର ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଘଟଣାରେ ମନ୍ତ୍ରୀ ସମୀର ଦାଶଙ୍କୁ ଘଂଟ ଘୋଡାଇବା, ବହୁଚର୍ଚ୍ଚିତ ଅର୍ଚ୍ଚନା କେସରେ ତଦନ୍ତକୁ ବାଟମାରଣା କରି ନିଜ ଦଳର ନେତା ମନ୍ତ୍ରୀ ମାନଙ୍କୁ ସୁରକ୍ଷା ଦେଇ ନିଜେ ଚୁପ୍ ରହିବା, ଏହିଭଳି ଦାୟିତ୍ୱ ମୁଖ୍ୟମନ୍ତ୍ରୀ ନିର୍ବାହ କରନ୍ତି ବୋଲି ମନେ କରୁଛି। ଧାମନଗରବାସୀ ଭାରତୀୟ ଜନତା ପାର୍ଟି ସାଥୀରେ ଅଛନ୍ତି ଓ ରହିବେ ବୋଲି ସେ ଟ୍ୱିଟ୍ କରିଛନ୍ତି ।

## ମେକ୍ ଇନ ଓଡିଶା ୱେବସାଇଟ ଓ ମୋବାଇଲ ଆପ୍ ଲଂଚ୍ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧/୧୧ (ନି.ପ୍ର): ମେକ୍ ଇନ ଓଡିଶା କନକ୍ଲେଭ୍ ପୂର୍ବରୁ ସୋମବାର ମେକ୍ ଇନ ଓଡିଶା ୱେବସାଇଟ ଓ ମୋବାଇଲ ଆପ୍ ଲଂଚ୍ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହା ମାଧ୍ୟମରେ ପ୍ରତିନିଧିମାନେ ସର୍ବଦଳୀୟ ଅଧିବେଶନ, ଥିମେଟିକ୍ ଅଧିବେଶନ, ବ୍ୟବସାୟ ନେତୃତ୍ୱ ଆଲୋଚନା, ସେକ୍ଟରାଲ୍ ଅଧିବେଶନ ଏବଂ ପୋର୍ଟାଲରେ ବକ୍ତାମାନଙ୍କ ସବିଶେଷ ତଥ୍ୟ ପାଇପାରିବେ। ସେହିପରି କନକ୍ଲେଭ ପାଇଁ ପ୍ରତିନିଧି ମାନେ ପଞ୍ଜୀକୃତ କରି ଭ୍ରମଣ ସମୟରେ ସେମାନଙ୍କର ଯାତ୍ରା ଏବଂ ରହଣି ବୁକ୍ କରିପାରିବେ । ଆଣ୍ଡ୍ରଏଡ୍ ୟୁଜର ମାନେ ପ୍ଲେଷ୍ଟୋରରୁ ଏହି ମୋବାଇଲ ଆପ୍ ଡାଉନଲୋଡ କରିପାରିବେ । ସେହିପରି ଆପଲ୍ ଆପଷ୍ଟୋରରେ ଆପଲ୍ ୟୁଜର ମାନଙ୍କ ପାଇଁ ଏହି ମୋବାଇଲ ଆପ୍ ଉପଲବ୍ଧ ରହିଛି । ଓଡ଼ିଶା ପୋର୍ଟାଲରେ ମେକ୍ ଇନ ଓଡିଶା କନକ୍ଲେଭ ୨୦୨୨ ସମ୍ବନ୍ଧୀୟ ସମସ୍ତ ତଥ୍ୟ ମିଳିପାରିବ । ପାଂଚ ଦିନିଆ ମେକ ଇନ ଓଡିଶା କନକ୍ଲେଭ କାର୍ଯ୍ୟକ୍ରମରେ ୨୦ ଟି ଅଧିବେଶନ ସହିତ ୩ ଟି କନକ୍ଲେଭ ହେବ। କାର୍ଯ୍ୟକ୍ରମରେ ନିବେଶକମାନେ ରାଜ୍ୟର ଶିଳ୍ପ ଦକ୍ଷତା ଏବଂ ଭବିଷ୍ୟତର ସମ୍ଭାବନା ଜାଣିବାର ସୁଯୋଗ ପାଇବେ ।

# ପୋଲିସ ରକ୍ଷକ ହୋଇ ଭକ୍ଷକ ସାଜିଛି : ବିଜେପି

ଭୁବନେଶ୍ୱର,୧/୧୧ (ନି.ପ୍ର): ଧାମନଗର ଉପନିର୍ବାଚନ ଯେତେ ପାଖେଇ ଆସୁଛି ଶାସକ ଦଳର ଦୌରାତ୍ମ୍ୟ ସେତିକି ବଢ଼ିଚାଲିଛି। ପୋଲିସ ପ୍ରଶାସନ ଓ ସରକାରୀ କଳକୁ ବ୍ୟବହାର କରି ଭୋଟରଙ୍କୁ ଟଙ୍କା ବାଂଟିବାରେ ବାରମ୍ବାର ଏସ୍.ଏଚ୍.ଜି ମହିଳାମାନଙ୍କୁ ଅସ୍ତ୍ର କରିଛି ବିଜୁ ଜନତା ଦଳ। ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ଦାୟିତ୍ୱରେ ଥିବା ପୋଲିସ ଅପରାଧିଙ୍କୁ ଖସାଇ ଦେଇ ନିଜେ ରକ୍ଷକ ହୋଇ ଭକ୍ଷକ ସାଜିଛି। ପୋଲିସର କାର୍ଯ୍ୟକୁ ଜନସାଧାରଣ କରୁଥିଲାବେଳେ ପୋଲିସ ସରକାରୀ ଦଳର ହାତବାରିସି ହୋଇ ହାତବାନ୍ଧି ବସିଛି। ଧାମନଗରରେ ପୋଲିସକୁ ଓଲଟା ଜଗିଛନ୍ତି ସାଧାରଣ ଜନତା। ଯାହାର ତଥ୍ୟ ପ୍ରମାଣ ସହ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକଙ୍କ ନେତୃତ୍ୱରେ ବିଜେପିର ଏକ ପ୍ରତିନିଧି ମଣ୍ଡଳୀ ସିଇଓଙ୍କୁ ଅଭିଯୋଗ ପତ୍ର ଦେଇଛନ୍ତି।

ଦାୟିତ୍ୱରେ ଅବହେଳା କରି ଶାସକ ଦଳକୁ ପକ୍ଷପାତିତା ଦେଖାଉଥିବା ପୋଲିସ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିଇଓଙ୍କଠାରେ ବିଜେପି ଦାବି କରିଛି। ପୁନର୍ବାର ସରକାରୀ କର୍ମଚାରୀ ଓ ପୋଲିସ ପ୍ରଶାସନ ଯଦି ଏଭଳି କାର୍ଯ୍ୟରୁ ନିବୃତ ନରୁହନ୍ତି ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ କରନ୍ତି ତେବେ ଆଚରଣ ବିଧି ଅନୁଯାୟୀ ଭାରତୀୟ ଜନତା ପାର୍ଟି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବ ବୋଲି ଶ୍ରୀ ମଲ୍ଲିକ ଚେତାବନୀ ଦେଇଛନ୍ତି। ଏହି ପ୍ରତିନିଧି ମଣ୍ଡଳିରେ ଉପସଭାନେତ୍ରୀ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ, ଲିଗାଲ ସେଲ ରାଜ୍ୟ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ମାର୍ଚ୍ଚରୁ ହିରାଖଣ୍ଡ, ପୁରୀ-ଦୁର୍ଗ ଏକ୍ସପ୍ରେସରେ ପ୍ରଥମ ଶ୍ରେଣୀ ଏସି କୋଚ୍ ସେବା

ଭୁବନେଶ୍ୱର,୧/୧୧ (ନି.ପ୍ର): ପୁରୀ-ଦୁର୍ଗ-ପୁରୀ ଏକ୍ସପ୍ରେସ ଏବଂ ଭୁବନେଶ୍ୱର-ଜଗଦଳପୁର-ଭୁବନେଶ୍ୱର ହିରାଖଣ୍ଡ ଏକ୍ସପ୍ରେସରେ ୨୦୨୩ ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ଠାରୁ ଏସି ପ୍ରଥମ ଶ୍ରେଣୀ ସେବା ଯୋଗାଇବାକୁ ନିଷ୍ପତି ନିଆଯାଇଛି । ଉପରୋକ୍ତ ଟ୍ରେନରେ ଏସି ପ୍ରଥମ ଶ୍ରେଣୀ କୋଚ ସେବାର ବୃଦ୍ଧି ଉତର ଆନ୍ଧ୍ର ପ୍ରଦେଶ ସହିତ ଦକ୍ଷିଣ ଏବଂ ପଶ୍ଚିମ ଓଡିଶାର ଯାତ୍ରୀମାନଙ୍କୁ ଆରାମଦାୟକ ଯାତ୍ରା ପ୍ରଦାନ କରାଇବ। ୱାଲଟିୟର, ସମ୍ବଲପୁର ଏବଂ ଖୋର୍ଦ୍ଧା ରୋଡରେ ସାଂସଦମାନଙ୍କର ବିଭାଗୀୟ କମିଟି ବୈଠକରେ ସାଂସଦ ମାନେ ଉପରୋକ୍ତ ଟ୍ରେନରେ ପ୍ରଥମ ଶ୍ରେଣୀ ଏସି ସେବା ଯୋଗାଇବାକୁ ଦାବି କରିଥିଲେ। ଏହି ଦାବିକୁ ଧ୍ୟାନ ଦେବା ସହିତ ଜନସାଧାରଣ, ବିଶେଷକରି ଯାତ୍ରୀମାନଙ୍କର ଚାହିଦା ଏବଂ ଆକାଂକ୍ଷାକୁ ଦୃଷ୍ଟିରେ ରଖି ପୂର୍ବ ତଟ ରେଳପଥ ଉପରୋକ୍ତ ଟ୍ରେନରେ ପ୍ରଥମ ଶ୍ରେଣୀ ଏସି ସେବା ଯୋଗାଇବାକୁ ନିଷ୍ପତି ନେଇଛି । ୧୮୪୨୫/୧୮୪୨୬ ପୁରୀ-ଦୁର୍ଗ-ପୁରୀ ଏକ୍ସପ୍ରେସ ପୁରୀ ଠାରୁ ୩ ମାର୍ଚ୍ଚ ୨୦୨୩ ରୁ ଏବଂ ଦୁର୍ଗରୁ ୪ ମାର୍ଚ୍ଚ, ୨୦୨୩ ଠାରୁ ବର୍ତମାନ ପ୍ରଚଳିତ ଉଭୟ ପ୍ରଥମ ଏବଂ ଦ୍ୱିତୀୟ ଏସିର ଯୌଥ କୋଚ୍ ବଦଳାଇ ଏକ ଏସି ପ୍ରଥମ ଶ୍ରେଣୀ କୋଚ୍ ସଂଯୋଗ କରାଯିବ। ୧୮୪୪୭/୧୮୪୪୮ ଭୁବନେଶ୍ୱର-ଜଗଦଳପୁର-ଭୁବନେଶ୍ୱର ହିରାଖଣ୍ଡ ଏକ୍ସପ୍ରେସ ୭ ମାର୍ଚ୍ଚ ୨୦୨୩ ଠାରୁ ଭୁବନେଶ୍ୱରରୁ ଏବଂ ୮ ମାର୍ଚ୍ଚ, ୨୦୨୩ ଠାରୁ ଜଗଦଳପୁରରୁ ଏହାର ନିୟମିତ କୋଚ ସହିତ ଏକ ଏସି ପ୍ରଥମ ଶ୍ରେଣୀ କୋଚ୍ ସହିତ ଚଳାଚଳ କରିବ ।

## ଶିଳ୍ପ ବିଭାଗରେ କର୍ମଚାରୀ ନେଲେ ସାଧୁତାର ଶପଥ ପାଠ

ଭୁବନେଶ୍ୱର,୧/୧୧ (ନି.ପ୍ର): ଖାରବେଳ ଭବନସ୍ଥିତ ଶିଳ୍ପ ବିଭାଗ ଦପ୍ତରରେ ସୋମବାର ପୂର୍ବାହ୍ନରେ ସମସ୍ତ କର୍ମଚାରୀଙ୍କୁ ନେଇ ସାଧୁତାର ଶପଥ ପାଠ କରାଯାଇଛି। ଭିଜିଲାନ୍ସ ସପ୍ତାହ ପାଳନର ପ୍ରଥମ ଦିନରେ ଏହି କାର୍ଯ୍ୟକ୍ରମ କରାଯାଇ କର୍ମଚାରୀମାନଙ୍କୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଓ ଆଇନ ଅନୁପାଳନ ଉପରେ ଅବଗତ କରାଯାଇଛି। ବିଭାଗର ବରିଷ୍ଠ ଅଧିକାରୀ ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ରାଜେନ୍ଦ୍ର ନାରାୟଣ ଜେନା ଅଧିକାରୀ ଓ କର୍ମଚାରୀମାନଙ୍କୁ ଏହି ଶପଥ ପାଠ କରାଇଥିଲେ । ପରେ ପରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ପାଳନ କରାଯାଉଥିବା ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ସମସ୍ତ କର୍ମଚାରୀଙ୍କ ମଧ୍ୟରେ ରାଷ୍ଟ୍ରୀୟ ଏକତା ସୃଷ୍ଟି ପାଇଁ ଶପଥ ପାଠ କରାଯାଇଥିଲା । ଏହାକୁ ଅନ୍ୟତମ ବରିଷ୍ଠ ଅଧିକାରୀ ତଥା ଯୁଗ୍ମ ସଚିବ ଉମାକାନ୍ତ ମିଶ୍ର ପରିଚାଳନା କରିଥିଲେ । ଏହି ଅବସରରେ ଯୁଗ୍ମ ସଚିବ ଶୈଳେନ୍ଦ୍ର ନାରାୟଣ ନାୟକ, ଅନୁସଚିବ କେଶବ ଚନ୍ଦ୍ର ସାହୁ, ପ୍ରଭାତ କୁମାର ବେହେରା, ପ୍ରଫୁଲ୍ଲ କୁମାର ପଟ୍ଟନାୟକଙ୍କ ସମେତ ବିଭାଗୀୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ବିଜେଡ଼ି ଓ ବିଜେପି ଧାମନଗର ଉପନିର୍ବାଚନରେ ଭୋଟରଙ୍କୁ ପ୍ରଭାବିତ କରୁଛନ୍ତି : କଂଗ୍ରେସ

ଭୁବନେଶ୍ୱର,୧/୧୧ (ନି.ପ୍ର): ଆଜି ପ୍ରଦେଶ କଂଗ୍ରେସ କମିଟିର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ କରି ଧାମନଗର ଉପନିର୍ବାଚନରେ ଭୋଟରଙ୍କୁ ହାତେଇବା ବିଜେପି ଓ ବିଜେଡ଼ି ଅସାଧୁ ଓ ଅନୈତିକ ପନ୍ଥା ଅବଲମ୍ବନ କରୁଛନ୍ତି ବୋଲି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। କଂଗ୍ରେସ ପ୍ରାର୍ଥୀ ଏବଂ ଦଳ ସେଠାରେ ନିର୍ବାଚନ କମିଶନରଙ୍କ ନିର୍ଦ୍ଧାରିତ ଆଇନ ଓ ବ୍ୟବସ୍ଥା ଅନୁଯାୟୀ ନିର୍ବାଚନ ପ୍ରଚାର କାର୍ଯ୍ୟ କରୁଛନ୍ତି। ମାତ୍ର ଏ ଦୁଇଟି ଶାସକ ଦଳ ନିର୍ବାଚନ ବ୍ୟବସ୍ଥା, ନୀତି ଓ ନିର୍ଦ୍ଦେଶକୁ ସଂପୂର୍ଣ୍ଣ ଉଲ୍ଲଙ୍ଘନ କରିଛନ୍ତି। ଭୋଟ ପାଇବାପାଇଁ ବିଜେଡ଼ି ଦଳୀୟ ବୈଠକରେ ଟଙ୍କା ବାଂଟୁଥିବାର ପ୍ରମାଣ ପ୍ରକଟିତ ହେଲା। ବିଜେପିର କେନ୍ଦ୍ର ମନ୍ତ୍ରୀମାନେ ମଧ୍ୟ ଭୋଟରମାନଙ୍କୁ ନାନା ପ୍ରଲୋଭନ ଓ ଫାଇଦା ଦେବା ସଂପର୍କରେ ପ୍ରଚାର କରୁଛନ୍ତି। ବିଜେପି ନେତାମାନେ ମଧ୍ୟ ସେମାନଙ୍କର କର୍ମୀମାନଙ୍କ ମଧ୍ୟରେ ଟଙ୍କା ଏବଂ ବିଭିନ୍ନ ଲୋଭନିୟ ଜିନିଷ ବାଂଟିବାରେ ଲାଗିପଡ଼ିଛନ୍ତି। ସେଠାରେ କିପରି ଭୋଟରମାନେ ଭୟଭିତ ନହୋଇ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ନିଜର ମତଦାନ ଦେଇପାରିବେ ସେଥିପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ଏହି ପ୍ରତିନିଧି ଦଳରେ ପ୍ରଦେଶ କଂଗ୍ରେସ ଲିଗାଲ କୁଇକ ଆକସନ କମିଟିର ଅଧ୍ୟକ୍ଷ ଶିବାନନ୍ଦ ରାୟ, ପଂଚାନନ କାନୁନଗୋ, ନିଶିକାନ୍ତ ମିଶ୍ର, ବିଭୁତି ମିଶ୍ର, ମିତ୍ରଭାନୁ ମହାପାତ୍ର, ମନୋଜ ନାନୟକ, ଦେବାଶିଷ ମହାପାତ୍ର, ହଳଧର ସେଠୀ, ନିରୁପମା ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର କ୍ରିୟାନୁଷ୍ଠାନ କମିଟି ବୈଠକ



ବାଲେଶ୍ୱର,୧/୧୧ (ନି.ପ୍ର): ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର କ୍ରିୟାନୁଷ୍ଠାନ କମିଟିର ମାସିକ ବୈଠକ ଲୋକନାଥ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ଜିଲ୍ଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ମାନ୍ୟବର ଅନନ୍ତ ଦାସଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ଆଗାମୀ ଯୋଜନା ବୋର୍ଡ଼ ବୈଠକରେ ଏ ସମ୍ପର୍କରେ ପ୍ରସ୍ତାବ ରଖିବାକୁ ଅନୁରୋଧ କରାଗଲା। ଭୋଗରାଇ, ଜଳେଶ୍ୱର, ବସ୍ତା, ସୋର, ଔପଦା ବ୍ଲକ୍‌ରୁ ବିଡ଼ିଓଙ୍କ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯାଇସାରିଥିବା ବିଷୟ ଆଲୋଚନା କରାଗଲା। ଅନ୍ୟ ବ୍ଲକ୍‌ମାନଙ୍କରୁ ଯଥାଶୀଘ୍ର ସ୍ମାରକପତ୍ର ପ୍ରଦାନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା। ଆସନ୍ତା ୨୭-୧୧-୨୦୨୨ ରିଖ ବୈଠକରେ ଜିଲ୍ଲାର ମୁଖ୍ୟ ଚାଷୀମାନଙ୍କୁ ନେଇ ବୈଠକ କରିବାପାଇଁ ପ୍ରସ୍ତାବ ଗୃହୀତ ହେଲା। ଆଜିର ବୈଠକରେ ଆବାହକ ଡ. କେଶବ ଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ କୁମାର ଦାସ, ପ୍ରବୋଧ କୁମାର ପାତ୍ର, ନିରଞ୍ଜନ ପରିଡ଼ା, ସ୍ୱରୂପ ଦାସ, ଅନ୍ନପୂର୍ଣ୍ଣା ମହାପାତ୍ର, ଅନନ୍ତ କୁମାର ଦତ୍ତ, ଡାକ୍ତର ତାରାକାନ୍ତ ନନ୍ଦ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଡ. କ୍ଷିତୀଶ୍ୱର ଦାଶ, ଭୂପତି କୁମାର ପାତ୍ର, ଭାସ୍କର ଚନ୍ଦ୍ର ପାଢ଼ୀ, ହରନାରାୟଣ ମଢୁଆଲ, ଯୋଗେଶ ଚନ୍ଦ୍ର ପ୍ରଧାନ, ରମେଶ ଚନ୍ଦ୍ର ଜେନା, ସୁଦର୍ଶନ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅଭୟ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେବାପରେ ସଭାସାଙ୍ଗ କରାଯାଇଥିଲା।

# ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ




ଉଦଳା ତା.୦୧/୧୧(ନି.ପ୍ର)- ନୂଆସାହିସ୍ଥିତ କପ୍ତିପଦା ଡ଼ିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼କ୍ଟର ଲିପିକା ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଲମ୍ବୋଦର ବାରିକ ଲୌହ ମାନବ ସର୍ଦ୍ଦାର ବହ୍ଲବଭାଇ ପଟେଲଙ୍କ ଜୟନ୍ତିକୁ କିପରି ସମଗ୍ର ଭାରତ ବର୍ଷରେ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ କରାଯାଉଛି ଅବଗତ କରାଇଥିଲେ । ଏହାପରେ ସମସ୍ତେ ଏକ ସ୍ୱରରେ ଜାତୀୟ ସଂଗୀତ ଗାନ କରିଥିଲେ । ପରେ ଆଲୋଚକ ଭାବରେ ଅଧ୍ୟାପକ ବିଭୁ ରଂଜନ ବିଶ୍ୱାଳ, ଡ଼କ୍ଟର ଶାନ୍ତ ସୁନ୍ଦର ଆଚାର୍ଯ୍ୟ, ଚନ୍ଦ୍ର ମୋହନ ପରିଡ଼ା ଓ ଅଧ୍ୟାପିକା ମଧୁମିତା ସାହୁ ପ୍ରମୁଖ ଅଂଶ ଗ୍ରହଣ କରି ଆଜି ଆମେ ଯେଉଁ ଭୁଖଣ୍ଡଟିକୁ ଭାରତ ବୋଲି କହୁଛୁ ଓ ଆମ ଦେଶ କହି ଗର୍ବ ଅନୁଭବ କରୁଛୁ ତାହାର ମୁଖ୍ୟ ବିନ୍ଧାଣୀ ସର୍ଦ୍ଦାର ପଟେଲ ଅଟେ ବୋଲି ବ୍ୟକ୍ତ କରିଥିଲେ । ତାହାଛଡ଼ା ଦେଶକୁ ସ୍ୱାଧିନ କରିବାରେ ସେ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଇବା ସହିତ ସ୍ୱାଧିନ ଭାରତର ପ୍ରଥମ ଗୃହ ମନ୍ତ୍ରୀ ଭାବରେ ଦକ୍ଷତାର ସହିତ ନିଜର ଦାୟିତ୍ୱ ତୁଲାଇଥିଲେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ଦେଶର ଅଖଣ୍ଡତା ପାଇଁ ଅଧ୍ୟକ୍ଷା ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ପରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଦେଶାତ୍ମ ବୋଧକ ସଂଗୀତ, ବକ୍ତୃତା ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅଧ୍ୟାପିକା ମଞ୍ଜନା ମହାପାତ୍ର କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

# ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତିସମିତି ଆନୁକୂଲ୍ୟରେ ୩୮ତମ ରାଷ୍ଟ୍ରୀୟ ସଂକଳ୍ପ ଦିବସ ପାଳିତ

ଭୁବନେଶ୍ୱର,୧/୧୧ (ନି.ପ୍ର): ବିଶ୍ୱର ମହିୟଷୀ ମହିଳା ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ଇନ୍ଦିରା ଗାନ୍ଧୀଙ୍କ ୩୮ତମ ପୂଣ୍ୟ ଶ୍ରାଦ୍ଧଦିବସ ପାଳନ ଅବସରରେ ରାଜ୍ୟସ୍ତରୀୟ ଇନ୍ଦିରାଗାନ୍ଧୀ ସ୍ମୃତିସମିତି ଆନୁକୂଲ୍ୟରେ ରାଷ୍ଟ୍ରୀୟ ସଂକଳ୍ପ ଦିବସ ସମାରୋହ ଭୁବନେଶ୍ୱର ଇନ୍ଦିରା ଗାନ୍ଧୀ ପାର୍କଠାରେ ସମିତିର ଅଧ୍ୟକ୍ଷ ଶ୍ରୀ ସୁରେଶ କୁମାର ରାଉତରାୟ, ସାଧାରଣ ସଂପାଦକ ତଥା ପିସିସି କିଷାନ କଂଗ୍ରେସ ରାଜ୍ୟ ସଭାପତି ଶ୍ରୀ ଅମୀୟ କୁମାର ପଟ୍ଟନାୟକଙ୍କ ପ୍ରତକ୍ଷ ସଂଯୋଜନାରେ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ସମାରୋହରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ, ଏଆଇସିସି ସାଧାରଣ ସଂପାଦକ, ଓଡ଼ିଶା ପ୍ରଭାରୀ ଡ. ଏ ଚେଲା କୁମାର, ସଂପାଦକ ଜି. ରୁଦ୍ର ରାଜୁ, ପୂର୍ବତନ ପିସିସି ସଭାପତି ଜୟଦେବା ଜେନା, ନିରଞ୍ଜନ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ କଂଗ୍ରେସ ଦଳର ବିଧାୟକ ନରସିଂହ ମିଶ୍ର, ପ୍ରମୁଖ ବିପୁଳ ସଂଖ୍ୟାରେ ଯୋଗଦେଇ ସ୍ୱର୍ଗୀୟା ଗାନ୍ଧୀଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରତ୍ୟୁଷରୁ ରାମଧୁନ୍ ଓ ବିଶିଷ୍ଟ ଗାୟକ ଖଗେଶ୍ୱର ମାର୍ଥା, ଗିରିଧାରୀ ମହାପାତ୍ର ଓ ତାଙ୍କ ସାଥିବୃନ୍ଦ, ବିଶିଷ୍ଟ ଯୁବ ଗାୟକ ତଥା ସଂକୀର୍ତନ ଦଳର ମୁଖ୍ୟ ଜ୍ଞାନପ୍ରିୟ କାନୁନଗୋଙ୍କ ଦ୍ୱାରା ଜାତୀୟ ସଂହତୀ ଓ ଏକତା ପାଲା ଓ ସଂକୀର୍ତନ ପରିବେଷଣ କରାଯାଇଥିଲା। ବିଭିନ୍ନ ବର୍ଗର ଧର୍ମଗୁରୁ ବିଶିଷ୍ଟ ସଂସ୍କୃତି ପଣ୍ଡିତ କାଳନ୍ଦୀ ଚରଣ ଛାଟୋଇ, ମଉଲାନା ମାନାମ, ସୁଶିଲ ଦାସ ଶର୍ମା, ବିନୋଦଙ୍କ ଦ୍ୱାରା ଗୀତା, କୋରାନ, ବାଇବେଲ ଓ ଗାୟତ୍ରୀ ପାଠ କରାଯାଇଥିଲା। ମୁଖ୍ୟ ଅତିଥି ପିସିସି ସଭାପତି ଶରତ ପଟ୍ଟନାୟକ ସମବେତ ଜନତାଙ୍କୁ ରାଷ୍ଟ୍ରୀୟ ସଂକଳ୍ପ ପାଠ କରାଯାଇଥିଲା। ପରିଶେଷରେ ବିଧାୟକ ତଥା ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର ଉପାଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜା ଧନ୍ୟବାଦ ଅର୍ପଣ କରିଥିଲେ। ସମିତିର କର୍ମକର୍ତା ଇଂ ସନତ ପଟ୍ଟନାୟକ, ଶ୍ରୀ ବସନ୍ତ କୁମାର ମହାରଣା, ସୁବାଷ ରାଉତ, ସାଇପ୍ରସାଦ ପାତ୍ର, ପଦ୍ମଚରଣ ସାହୁ, ଗୋବିନ୍ଦ ପଟେଲ, ବିରେନ୍ଦ୍ର ବରିହା, ନିରଞ୍ଜନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇନ୍ଦିରା ଗାନ୍ଧୀଙ୍କ ୩୮ତମ ଶ୍ରାଦ୍ଧ ଦିବସ ପାଳନ କଲା କଂଗ୍ରେସ

ଭୁବନେଶ୍ୱର,୧/୧୧ (ନି.ପ୍ର): ଭାରତ ବର୍ଷର ପୂର୍ବତନ ପ୍ରଧାନମନ୍ତ୍ରୀ ଓ ବିଶିଷ୍ଟ ନାରୀନେତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ୩୮ତମ ଶ୍ରାଦ୍ଧ ଦିବସକୁ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପାଳନ ହୋଇଯାଇଛି। ସୋମବାର ସକାଳେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ସଭାପତି ଶରତ ପଟ୍ଟନାୟକ ଏବଂ ଅଖିଳ ଭାରତ ଜାତୀୟ କଂଗ୍ରେସର ଓଡ଼ିଶା ପ୍ରଭାରୀ ସାଂସଦ ଡ. ଏ ଚେଲା କୁମାର ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ବିଧାୟକ ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା, ଅଧିରାଜ ମୋହନ ପାଣିଗ୍ରାହୀ, ଶିବାନନ୍ଦ ରାୟ, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ବିଶ୍ୱଜିତ ଦାଶ, ସସ୍ମିତା ବେହେରା, ମହିଳା କଂଗ୍ରେସ ସଭାପତି ବନ୍ଦିତା ପରିଡ଼ା, ନବଜ୍ୟୋତି ପଟ୍ଟନାୟକ, ରଜନୀ କୁମାର ମହାନ୍ତି, ଜ୍ଞାନ ବେଉରା ପ୍ରମୁଖ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରୀମତୀ ଗାନ୍ଧୀଙ୍କ ସ୍ମୃତିଚାରଣ କରିଥିଲେ।

# ଅବନ୍ତୀଙ୍କ ପାଇଁ ଭର୍ଚୁଆଲ ପ୍ରଚାର କଲେ ନବୀନ

ଭୁବନେଶ୍ୱର,୧/୧୧ (ନି.ପ୍ର): ଧାମନଗର ହେଉଛି ଶାନ୍ତି, ସଦ୍‌ଭାବ ଓ ଭାଇଚାରାର ଭୂମି। ଏହା ଧାମନଗରର ସବୁଠାରୁ ବଡ଼ ପରିଚୟ। ଏହି ପରିଚୟର ସୁରକ୍ଷା ପାଇଁ ଆମେ ସମସ୍ତେ କାମ କରୁଛୁ । ବିଜୁ ଜନତା ଦଳ ସୁଖଦୁଃଖ ସବୁବେଳେ ଆପଣମାନଙ୍କ ପାଖରେ ଅଛି । ସବୁବର୍ଗର ଲୋକଙ୍କ କଲ୍ୟାଣ ପାଇଁ କାମ କରୁଛି। ଆପଣମାନଙ୍କ ସହଯୋଗରେ ଓଡ଼ିଶା ଆଜି ବିକାଶ କ୍ଷେତ୍ରରେ ସାରା ଦେଶରେ ସୁନାମ କରିଛି । ଧାମନଗରର ବିକାଶ ମଧ୍ୟ କେମିତି ଆଗକୁ ବଢ଼ିବ, ତାହା ମୁଁ ନିଜେ ଦେଖିବି। ଧାମନଗର ନିର୍ବାଚନ ମଣ୍ଡଳୀର ବିକାଶ ଦାୟିତ୍ୱ ମୋର। ସାଧାରଣ ନିର୍ବାଚନକୁ ଆଉ ମାତ୍ର ୧୮ ମାସ ରହିଲା। ଏ ସମୟ ଭିତରେ ଆମେ ପାଂଚ ବର୍ଷର କାମ କରିପାରିବା। ସୋମବାର ଧାମନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଜନସଭାକୁ ସମ୍ବୋଧିତ କରି ଧାମନଗରବାସୀଙ୍କୁ ଏଭଳି ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଜୁ ଜନତା ଦଳର ପ୍ରାର୍ଥୀ ଅବନ୍ତୀ ଦାସଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଆଶୀର୍ବାଦ କରିବାକୁ ନିବେଦନ କରିଥିଲେ। ଆଗାମୀ ୩ ତାରିଖରେ ଧାମନଗର ନିର୍ବାଚନ ମଣ୍ଡଳୀରେ ହେବାକୁ ଥିବା ଉପନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀ ଅବନ୍ତି ଦାସଙ୍କ ପାଇଁ ଆଜି ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ଶ୍ରୀ ପଟ୍ଟନାୟକ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ। ଧାମନଗର ନିର୍ବାଚନ ମଣ୍ଡଳୀର ୧୩ଟି ସ୍ଥାନରେ ଆୟୋଜିତ ଏହିସବୁ ନିର୍ବାଚନୀ ସଭାରେ ବିପୁଳ ଜନ ସମାଗମ ହୋଇଥିଲା। ଏହି ଅବସରରେ ଖୁସି ବ୍ୟକ୍ତ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ କାଳିଆ ଯୋଜନା ହେଉ, ବା ମିଶନ ଶକ୍ତି, ବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା – ସବୁ ଯୋଜନାର ସୁବିଧା ଆପଣମାନଙ୍କ ପାଖରେ ପହଞ୍ଚି ପାରିଛି । ମା' ମାନେ ସଶକ୍ତ ହେଉଛନ୍ତି। ମିଶନ ଶକ୍ତି ସେମାନଙ୍କୁ ନୂଆ ପରିଚୟ ହୋଇଛି । ମା'ମାନଙ୍କ ଭଲ କାମ ହିଁ ମୋତେ ବହୁତ ଖୁସି ଦେଇଛି। ମା'ମାନେ ସବୁ ଦାୟିତ୍ୱକୁ ସୁନ୍ଦର ଭାବରେ ନିର୍ବାହ କରିପାରୁଛନ୍ତି। ତେଣୁ ଜଣେ ମା'ଙ୍କୁ ମୁଁ ଆପଣଙ୍କ ବିଧାୟିକା ଭାବରେ ଦେଖିବାକୁ ଚାହେଁ, ଯାହା ଆପଣମାନେ ବି ଚାହାନ୍ତି। ଶ୍ରୀ ପଟ୍ଟନାୟକ ଆହୁରି କହିଲେ ଯେ ୨୦୧୯ ନିର୍ବାଚନରେ ଆପଣମାନେ ଯେଉଁ ମତ ରଖିଥିଲେ, ୨୦୨୨ ପଂଚାୟତ ଓ ପୌର ନିର୍ବାଚନରେ ସେଥିରେ ପରିବର୍ତନ କରିଛନ୍ତି। ଶଙ୍ଖ ଚିହ୍ନରେ ବିଶ୍ୱାସ ରଖିଛନ୍ତି। ଗତ ପଂଚାୟତ ଓ ପୌର ନିର୍ବାଚନରେ ଆପଣମାନେ ବିଜୁ ଜନତା ଦଳକୁ, ଶଙ୍ଖ ଚିହ୍ନକୁ ଯେଭଳି ବିପୁଳ ସମର୍ଥନ ଦେଇଛନ୍ତି ଏବଂ ସେବାର ସୁଯୋଗ ଦେଇଛନ୍ତି, ସେଥିପାଇଁ ମୁଁ ଋଣୀ। ଧାମନଗରର ୬ଟି ଯାକ ଜିଲ୍ଲା ପରିଷଦ ଆସନରେ ଆପଣମାନେ ବିଜୁ ଜନତା ଦଳକୁ ସେବାର ସୁଯୋଗ ଦେଇଛନ୍ତି। ସେହିପରି ଧାମନଗର ଏନ.ଏ.ସିର ୧୧ଟି ୱାର୍ଡରୁ ୯ଟି ୱାର୍ଡ ସହିତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଦାୟିତ୍ୱ ମଧ୍ୟ ଆପଣମାନେ ବିଜେଡିକୁ ଦେଇଛନ୍ତି। ତେଣୁ ମୋର ପୂରା ବିଶ୍ୱାସ, ଏ ନିର୍ବାଚନରେ ବି ସେ ଧାରା ଜାରି ରହିବ ଏବଂ ଧାମନଗରର ବିକାଶ ଆହୁରି ଆଗକୁ ବଢ଼ିବ। ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେବା ପୂର୍ବରୁ ଏହିସବୁ ଜନସଭାରେ ବିଜୁ ଜନତା ଦଳର ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସ, ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ମନ୍ତ୍ରୀ ଅଶୋକ ପଣ୍ଡା, ପ୍ରମିଳା ମଲ୍ଲିକ, ପ୍ରତାପ କେଶରୀ ଦେବ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରୀତିରଞ୍ଜନ ଘଡ଼େଇ, ସାଂସଦ ମୁନ୍ନା ଖାଁ, ସୁଲତା ଦେଓ, ଭଦ୍ରକ ଜିଲ୍ଲା ପର୍ଯ୍ୟବେକ୍ଷକ ବିଧାୟକ ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ ପ୍ରମୁଖ ବରିଷ୍ଠ ନେତୃବନ୍ଦ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ।

# ପୂର୍ବତଟ ରେଳପଥ କର୍ମଚାରୀମାନେ ସତ୍ୟନିଷ୍ଠା ପାଇଁ ଶପଥ ନେଲେ

ଭୁବନେଶ୍ୱର,୧/୧୧ (ନି.ପ୍ର): ପୂର୍ବତଟ ରେଳପଥ ପକ୍ଷରୁ ସତର୍କତା ସଚେତନତା ସପ୍ତାହ-୨୦୨୨ ପାଳନ ଅବସରରେ ଏହାର ମୁଖ୍ୟାଳୟ ରେଳସଦନ ଠାରେ ସୋମବାର ପୂର୍ବାହ୍ନରେ କାର୍ଯ୍ୟକାରୀ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ ରେଳବାଇ କର୍ମଚାରୀ ଓ ଅଧିକାରୀମାନଙ୍କୁ ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତି ପାଇଁ ସମସ୍ତ କ୍ଷେତ୍ରରେ ସତ୍ୟନିଷ୍ଠା ଓ ସ୍ୱଚ୍ଛତା ଆଣିବାକୁ ଶପଥ ପାଠ କରାଇଛନ୍ତି । ଆଜି ଠାରୁ ଅର୍ଥାତ୍ ୩୧ ଅକ୍ଟୋବର, ୨୦୨୨ ଠାରୁ ଆରମ୍ଭ ହୋଇଥିବା ସତର୍କତା ସଚେତନତା ସପ୍ତାହ ୦୬ ନଭେମ୍ବର ୨୦୨୨ ପର୍ଯ୍ୟନ୍ତ ଜାରି ରହିବ। ଏହି ସମୟ ମଧ୍ୟରେ ସାଧାରଣ ଜନତା ତଥା ରେଳ ବ୍ୟବହାରକାରୀଙ୍କୁ ସଚେତନ କରାଇବା ପାଇଁ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି । ଏହାକୁ ସ୍ମରଣୀୟ କରିବା ପାଇଁ ସେମିନାର ଆୟୋଜନ କରାଯିବ ସହିତ ରେଳ କର୍ମଚାରୀ ତଥା ରେଳ ବ୍ୟବହାରକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ବ୍ୟାନର, ପୋଷ୍ଟର ଇତ୍ୟାଦି ପ୍ରଦର୍ଶିତ କରାଯାଉଅଛି । ଶପଥ ଗ୍ରହଣ ସମାରୋହରେ ରେଳପଥର ସମସ୍ତ ବିଭାଗର ପ୍ରମୁଖ ଅଧିକାରୀ ମାନେ ଯୋଗଦେଇଥିବାବେଳେ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଅଖଣ୍ଡତା ପାଇଁ ଶପଥ ନେଇଛନ୍ତି। ରେଳପଥର ମୁଖ୍ୟ ସତର୍କତା ଅଧିକାରୀ ତଥା ବରିଷ୍ଠ ଉପ ମହାପ୍ରବନ୍ଧକ ସଞ୍ଜୟ କୁମାର ମହାପାତ୍ର ଏହି ଶପଥ ଗ୍ରହଣ ସମାରୋହକୁ ସଂଯୋଜନା କରିଥିଲେ ।

# ବହଳଦା ଶିକ୍ଷକ ସଂଘର ଜରୁରୀ ବୈଠକ ଏବଂ କର୍ମକର୍ତ୍ତା ନିର୍ବାଚନ



ବାରିପଦା,୦୧/୧୧ (ନି.ପ୍ର): ୨୦୦୧ ମସିହାରୁ ୨୦୧୮ ମସିହା ମଧ୍ୟରେ ଶିକ୍ଷକତା ଆରମ୍ଭ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିଭିନ୍ନ ଦାବି ନେଇ ବହଳଦା ଶିକ୍ଷକ ସଂଘର ଜରୁରୀ ବୈଠକ ବହଳଦା ଧର୍ମଶାଳା ପରିସରରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆଲୋଚନା ହୋଇଥିବା ଦାବି ଗୁଡ଼ିକ ମଧ୍ୟରେ ସମସ୍ତଙ୍କ ଚାକିରିର ପ୍ରଥମ ଛଅ ବର୍ଷକୁ ନିୟମିତ ଚାକିରିରେ ଗଣନା କରି ଛଅଟି ଇନକ୍ରିମେଣ୍ଟ ଦେବା, ନୂତନ ପେନସନ ସ୍କିମ ବଦଳରେ ପୁରୁଣା ପେନସନ ସ୍କିମ ଲାଗୁକରିବା, ଏକ୍ସ କ୍ୟାଡ଼ରରେ ସାମିଲ ଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମାନ ନ୍ୟାୟରେ ପ୍ରଥମରୁ ନିୟମିତ କରିବା ଆଦି ଦାବି କରାଯାଇଛି । ଏହି ସଭାରେ ବହଳଦା ଶିକ୍ଷକ ସଂଘର ନୂତନ କର୍ମକର୍ତାଙ୍କ ନାମ ଘୋଷଣା କରାଯାଇଥିବା ବେଳେ, ସଂଘର ସଭାପତି ଭାବେ ସୁବ୍ରତ କୁମାର ପଲେଇ, ଉପସଭାପତି ହେମନ୍ତ କୁମାର ମହିନ୍ତ, ସମ୍ପାଦକ ପୁଲକ କୁମାର ସେଠୀ, ସହ ସମ୍ପାଦକ ଭାବରେ ତିନି ଜଣ ମାଝିଆ ମାର୍ଣ୍ଣ ?ତି, ପ୍ରଦୀପ୍ତା ଦାସ ଓ ପ୍ରଦୀପ ଜ୍ୟୋତିଷି, କୋଷାଧକ୍ଷ ଭାବେ ତିନି ଜଣ ଶାନ୍ତନୁ କୁମାର ମହାନ୍ତ, ସୂର୍ଯ୍ୟକାନ୍ତ ନାୟକ ଓ ତରଙ୍ଗ ବୀର ମହାନ୍ତ, ଉପଦେଷ୍ଟା ଭାବେ ଶିବନନ୍ଦନ ମହାନ୍ତ, ନଳିନୀ ବେହେରା, ସତ୍ୟବାନ ନାୟକ, ଆଶିଷ କୁମାର ମହାନ୍ତି, କିଶୁନ ସୋରେନ, ପ୍ରେମାବତୀ ବେହେରା ଏବଂ ତପନ କୁମାର ବାରିକ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲ । ଆଜିର ସଭାରେ ଆଲୋଚନା କରାଯାଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଦାବି ଗୁଡ଼ିକ ପରବର୍ତ୍ତୀ ସମୟରେ ଜିଲ୍ଲା ସ୍ତରରେ ତଥା ରାଜ୍ୟ ସ୍ତରରେ ମଧ ଦାବି କରାଯାଇ ସମ୍ପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ସଂଗ୍ରାମ କରାଯିବ ବୋଲି ସମସ୍ତେ ଶପଥ ନେଇଥିଲେ । ଆଜିର ଏହି ସଭାରେ ବହଳଦା ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯୋଗ ଦେଇଥିଲେ । ବରିଷ୍ଠ ଶିକ୍ଷକ ନଳିନୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକର ଶେଷରେ ଶାନ୍ତନୁ କୁମାର ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୂର୍ବତନ ବିଡିଓଙ୍କ ସହଧର୍ମିଣୀଙ୍କ ପରଲୋକ



ଜଳେଶ୍ୱର,୦୧/୧୧ (ନି.ପ୍ର): ପୂର୍ବତନ ଜଳେଶ୍ୱର ବିଡିଓ ତଥା ଆମ୍ବଳିଅଠା ଗ୍ରାମର ବିଶିଷ୍ଟ ସମାଜସେବୀ ପ୍ରଫୁଲ୍ଲ ଦେଙ୍କ ସହଧର୍ମିଣୀ ଚିକଣବାଳା ଦେଙ୍କ ୮୫ବର୍ଷ ବୟସରେ ପରଲୋକ ଘଟିଛି । ମୃତ୍ୟୁବେଳେ ତାଙ୍କ ନିକଟରେ ପୁଅ, ବୋହୂ, ଝିଅ, ଜ୍ୱାଇ, ଭାଇ, ଭାଉଜ, ନାତୀ ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ନଛିମପୁର ଓ ସୁଗୋ ପଂଚାୟତର ବହୁ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ସୁବର୍ଣ୍ଣରେଖା ନଦୀକୂଳରେ ମଧ୍ୟମପୁତ୍ର ଇଂ ଅନୀଲ କୁମାର ଦେ ତାଙ୍କୁ ମୁଖାଗ୍ନି ଦେଇଛନ୍ତି ।

## ୟୁକୋ ବ୍ୟାଙ୍କ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ବାଲେଶ୍ୱର,୦୧/୧୧ (ନି.ପ୍ର): ୟୁକୋ ବ୍ୟାଙ୍କ, ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଗତ ୩୧ ରୁ ଆରମ୍ଭ ହୋଇଛି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କାର୍ଯ୍ୟକ୍ରମ । ଏହା ଆସନ୍ତା ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ ।ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ଏକ ଗଣ ପଦଯାତ୍ରା 'ୱାକାଥନ'ର ଆୟୋଜନ କରାଯାଇଥିଲା । ଏଥିରେ ୭୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ବ୍ୟାଙ୍କର ବାଲେଶ୍ୱର ଆଞ୍ଚଳିକ ପ୍ରବନ୍ଧକ ତଥା ଉପ-ମହାପ୍ରବନ୍ଧକ ଦେବବ୍ରତ ମହାନ୍ତି, ବାଲେଶ୍ୱର ମୁଖ୍ୟ ଶାଖାର ମୁଖ୍ୟ ପ୍ରବନ୍ଧକ ସୁଦୀପ ଡାକୁଆ, ନୀଳଗିରି ଶାଖାର ମୁଖ୍ୟ ପ୍ରବନ୍ଧକ ଆକାଶ ମହାନ୍ତି, ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର ବିଶ୍ୱଜିତ ଶତପଥି, ଆରସେଟି ଡାଇରେକ୍ଟର ସୁବ୍ରତ ମହାକୁଡ, ଆଞ୍ଚଳିକ କାର୍ଯ୍ୟାଳୟର ଭିଜିଲାନ୍ସ ଅଧିକାରୀ ଅସିତ ରୂପ୍, ହିନ୍ଦୀ ଅଧିକାରୀ ରାଜୁ ରଞ୍ଜନଙ୍କ ସମେତ ୟୁକୋ ବ୍ୟାଙ୍କ ବାଲେଶ୍ୱରର ମୁଖ୍ୟ ଶାଖା, ଆଜିମାବାଦ ଶାଖା, ନୂଆପାଢ଼ୀ ଶାଖା, ବିର୍ଲ୍ଲା ଟାୟାର ଶାଖା, ଗଣେଶ୍ୱରପୁର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ଶାଖା, ସେରଗଡ଼ ଶାଖା, ନୀଳଗିରି ଓ ବାହାନାଗା ଶାଖାର କର୍ମଚାରୀଗଣ ତଥା ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟ କର୍ମଚାରୀମାନେ ସଚେତନତା ୱାକାଥନରେ ଉତ୍ସାହର ସହିତ ଯୋଗ ଦେଇଥିଲେ । ଦୁର୍ନୀତିମୁକ୍ତ ଭାରତ ଅଭିଯାନକୁ ସଫଳ କରାଇବା ପାଇଁ ବ୍ୟାଙ୍କର ବାଲେଶ୍ୱର ଅଞ୍ଚଳର ସମସ୍ତ ଶାଖାଗୁଡିକ ପକ୍ଷରୁ ୱାକାଥନ ସମେତ ଚାରାରୋପଣ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ଗ୍ରାମାଞ୍ଚଳକୁ ଯାଇ ଜନସାଧାରଣଙ୍କ ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସତର୍କତା କରାଇବା ଆଦି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୧୪ ଜଣ ଅଧିକାରୀଙ୍କ ଉପରେ....

ବିଭାଗୀୟ କାର୍ଯ୍ୟାନୁଷ୍ଠାନ ମଧ ଆରମ୍ଭ କରାଯାଇଥିଲା । ଅସାଧୁତା ଓ ଅପାରଗତା କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ଗଜପତି ଜିଲ୍ଲା ମୋହନା ବ୍ଲକ୍ ର ପୂର୍ବତନ ସପ୍ଲାଇ ଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ପାତ୍ର ଆୟ ବହିର୍ଭୂତ ସଂପତି ଠୁଳ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଅସାଧୁତା କାରଣରୁ ତାଙ୍କ ପେନ୍ସନକୁ ସ୍ଥାୟୀ ଭାବେ ବନ୍ଦ ରଖାଯାଇଛି । କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍ ର ପୂର୍ବତନ ଜୁନିଅର ଇଞ୍ଜିନିୟର ତଥା ବର୍ତମାନ ଦଶମନ୍ତପୁର ବ୍ଲକ୍ ର ଜୁନିଅର ଇଞ୍ଜିନିୟର ମନୋଜ କୁମାର ବେଉରା ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଅସାଧୁତା ଓ ଅପାରଗତା କାରଣରୁ ତାଙ୍କୁ ଚାକିରୀରୁ ବହିଷ୍କାର କରାଯାଇଛି । ସୁନ୍ଦରଗଡ ମ୍ୟୁନିସ୍ପାଲଟିର ଆସିଷ୍ଟାଂଟ ଇଞ୍ଜିନିୟର ଜୟନ୍ତ ନାରାୟଣ ପଣ୍ଡାଙ୍କୁ ଅପାରଗତା କାରଣରୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯାଇଛି । ଢେଙ୍କାନାଳ ଆରଡବ୍ଲୁଏସଏସ୍ ଡିଭିଜନ୍ ର ପୂର୍ବତନ ଆସିଷ୍ଟାଂଟ ଇଞ୍ଜିନିୟରପ୍ରସନ୍ନ କୁମାର ପାଣି । ଅର୍ଥ ଆତ୍ମସାତ ଅଭିଯୋଗରେ ଗୋଟିଏ ଦୁର୍ନୀତି ମାମଲାରେ ସେ ଦୋଷୀସାବ୍ୟସ୍ତ ହୋଇଛନ୍ତି । ଅସାଧୁତା କାରଣରୁ ତାଙ୍କ ପେନ୍ସନ ଓ ଗ୍ରାଚ୍ୟୁଇଟିକୁ ସ୍ଥଗିତ ରଖାଯାଇଛି । କୋରାପୁଟ ନନ୍ଦପୁର ବ୍ଲକ୍ ର ଦାୟିତ୍ୱରେ ଥିବା ପୂର୍ବତନ ଜୁନିଅର ଇଞ୍ଜିନିୟର ଦୁଷ୍ମନ୍ତ କୁମାର ନାୟକ ସରକାରୀ ଅର୍ଥ ଆତ୍ମସାତ କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଅସାଧୁତା କାରଣରୁ ତାଙ୍କ ପେନ୍ସନକୁ ସ୍ଥାୟୀ ଭାବେ ବନ୍ଦ ରଖାଯାଇଛି ।

## ଧାମନଗର ଉପନିର୍ବାଚନ....

ମୁକ୍ତିକାନ୍ତ ମଣ୍ଡଳ, ଧାମନଗର ବ୍ଲକର ପୂର୍ବତନ ଅଧକ୍ଷ ଅଶୋକ ନାୟକ ପ୍ରମୁଖ । ଅପରପକ୍ଷରେ ବିଜେପି ପକ୍ଷରୁ ଶେଷ ଦିନରେ ପୁଣି ଥରେ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମାରାଥନ୍ ରାଲି କରି କେନ୍ଦ୍ରମନ୍ତ୍ରୀ ବିଜେପି ପ୍ରାର୍ଥୀ ସୂରଜ ସୂର୍ଯ୍ୟବଂଶୀଙ୍କ ପାଇଁ ଭୋଟ୍ ଭିକ୍ଷା କରିଥିଲେ । ଧର୍ମେନ୍ଦ୍ରଙ୍କ ଏହି ପ୍ରଚାର ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ରାଜ୍ୟ ସଭାପତି ସମୀର ମହାନ୍ତି, ଅଭିମନ୍ୟୁ ସେଠୀ ପ୍ରମୁଖ ଉପସ୍ଥିତ ରହି ସୂର୍ଯ୍ୟବଂଶୀଙ୍କୁ ଭୋଟ ଦେବା ପାଇଁ ଧାମନଗରବାସୀଙ୍କୁ ନିବେଦନ କରିଥିଲେ । ସେହିପରି କଂଗ୍ରେସ ପ୍ରାର୍ଥୀ ବାବା ହରେକୃଷ୍ଣଙ୍କ ପାଇଁ ପ୍ରଚାର ମଇଦାନରେ ଥିଲେ ଜଟଣୀ ବିଧାୟକ ସୁର ରାଉତରାୟ ଓ ପିସିସି ସଭାପତି ଶରତ ପଟ୍ଟନାୟକ । ସୂଚନାଯୋଗ୍ୟ ଯେ ବିଜେପି ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କ ଅକାଳ ବିୟୋଗ ଯୋଗୁଁ ଧାମନଗରରେ ଉପନିର୍ବାଚନ ଅନୁଷ୍ଠିତ ହେଉଛି । ଆସନ୍ତା ନଭେମ୍ବର ୩ ତାରିଖ ସକାଳ ୭ଟାଠାରୁ ଅପରାହ୍ନ ୬ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ହେବ । ନଭେମ୍ବର ୬ ତାରିଖ ଭୋଟଗଣତି ଓ ନଭେମ୍ବର ୮ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ । ଉପନିର୍ବାଚନରେ ମୋଟ ୨୩୮୪୧୭ ଜଣ ଭୋଟର ମତଦାନ ସାବ୍ୟସ୍ତ କରିବେ । ୨୫୨ ଗୋଟି ବୁଥ୍ ରେ ଭୋଟ ଗ୍ରହଣ ହେବ । ୧୨୬ଗୋଟି ବୁଥ୍ ରେ ୱେବ୍ କାଷ୍ଟିଙ୍ଗ କରାଯିବା ପାଇଁ ସ୍ଥିର କରାଯାଇଛି । ୨୬ ଜଣ ମାଇକ୍ରୋ ପର୍ଯ୍ୟବେକ୍ଷକ, ୪ କମ୍ପାନୀ କେନ୍ଦ୍ରୀୟ ପୋଲିସବଳ ଓ ୨୩ ପ୍ଲାଟୁନ୍ ରାଜ୍ୟ ପୋଲିସ ବଳ ନିୟୋଜିତ ହେବେ । ସମୁଦାୟ ୨୫୨ ଗୋଟି ବୁଥ୍ ମଧ୍ୟରୁ ୧୦୭ଟି ବୁଥ୍ କୁ ଉତେଜନାପ୍ରବଣ ବୁଥ୍ ଭାବେ ଚିହ୍ନଟ କରାଯାଇଛି । ଉପନିର୍ବାଚନରେ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ପୁଅ ସୂରଜ ସୂର୍ଯ୍ୟବଂଶୀ ବିଜେପି ପ୍ରାର୍ଥୀ ହୋଇଥିବା ବେଳେ ବିଜେଡି ପକ୍ଷରୁ ଅବନ୍ତୀ ଦାସ , କଂଗ୍ରେସ ପକ୍ଷରୁ ବାବା ହରେକୃଷ୍ଣ ଓ ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କ ମଧ୍ୟରେ ଟକ୍କର ହେବ ।

## ମୋରବୀରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ....

ପ୍ରଧାନମନ୍ତ୍ରୀଙ୍କ ଆଗରେ ବଖାଣିଛନ୍ତି ଆହତମାନେ । ସେପଟେ ଦୁର୍ଘଟଣାକୁ ନେଇ ବିରୋଧୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି । ବିରୋଧୀଙ୍କ ଅଭିଯୋଗ ଏହାକି ପୋଲରେ ହୋଇଥିଲା ନିମ୍ନମାନର ମରାମତି କାମ । ଏତେବଡ ଦୁଃଖ ଦୁର୍ଘଟଣା ସମୟରେ ବି ଗୁଜରାଟ ସରକାରଙ୍କ କାର୍ଯ୍ୟକୁ ନେଇ ଅନେକ ପ୍ରଶ୍ନ ଉଠିଛି । ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦୀ ମୋରବୀ ଯିବା ସ୍ଥିର ହୋଇଥିଲା, ସେତେବେଳେ ମୋରବୀରୁ ଆଉ ଏକ ଦୃଶ୍ୟ ସାମ୍ନାକୁ ଆସିଥିଲା । ଯେଉଁ ଡାକ୍ତରଖାନାରେ ଆହତ ଭର୍ତି ହୋଇଥିଲେ, ମୋଦୀଙ୍କ ଗସ୍ତ ପୂର୍ବରୁ ଡାକ୍ତରଖାନାରେ ରଙ୍ଗ ମରାଯିବା ସହ ମରାମତି କରାଯାଉଥିବା ଦେଖିବାକୁ ମିଳିଥିଲା । ସାଧାରଣ ଲୋକଙ୍କ ଦୁଃଖ, ଦୁର୍ଦ୍ଦଶା ଭିତରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଡାକ୍ତରଖାନାକୁ ଏଭଳି ରଙ୍ଗ ଲଗାଇ ସଜାଇବା ଘଟଣାକୁ ସାଧାରଣରେ ସମାଲୋଚନା କରାଯାଉଛି ।

## ବିଏମ୍ସି ସଫେଇ କର୍ମଚାରୀଙ୍କ ....

ହେଲେ ଆମେ ଏହାକୁ ବିରୋଧ କରି ରାତ୍ରିକାଳୀନ କାମରେ କୌଣସି ସୁବିଧା ନାହିଁ, ସଫେଇ କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶ ମହିଳା ଥିବାରୁ ବିନା ସୁରକ୍ଷାରେ ଓ ବିନା ଆଲୋଚନାରେ ରାତିରେ କାମ କରିପାରିବେ ନାହିଁ ବୋଲି ରୋକଠୋକ ଜଣାଇବାରୁ କର୍ତୃପକ୍ଷ ଚୁପ୍ ରହିଯାଇଥିଲେ । ହେଲେ ଗତ ଦୁଇ/ତିନି ଦିନ ତଳେ କର୍ତୃପକ୍ଷ ପୁନର୍ବାର ରାତ୍ରି ସଫେଇ କାମ କରିବାକୁ ଯେଉଁ ନିର୍ଦ୍ଦେଶ ଦେଲେ ତା' ବିରୁଦ୍ଧରେ ଆଜି ବିଏମ୍ସି କମିଶନରଙ୍କୁ ଦେଖାକରି ଏହି ନିଷ୍ପତି ବିରୁଦ୍ଧରେ ଜଣାଇଥିଲୁ । ବିଏମ୍ସି କମିଶନର ତାଙ୍କ ଉତରରେ କହିଥିଲେ ଯେ, ରାତିରେ କାମ ହେବନାହିଁ, ଆଉ କୌଣସି ଠିକାଦାର, କର୍ପୋରେଟର ଡରାଇ ଧମକାଇ ଯଦି ରାତିରେ ସଫେଇ କରିବାକୁ ବାଧ କରନ୍ତି, ତେବେ ସେମାନଙ୍କ ବିରୋଧରେ ଥାନାରେ ଏତଲା ଦେଇ ଆମକୁ ଜଣାଇଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ମହାସଂଘର ସମ୍ପାଦକ ସହଦେବ ବେହେରା । ସେହିଭଳି ଭାରତ ମଜଦୁର ସଂଘ (ବି.ଏମ୍.ଏସ୍.) ସହବନ୍ଧିତରେ ହୋଇଥିବା ଭୁବନେଶ୍ୱର ମୁନିସିପାଲିଟି ସଫେଇ ମଜଦୁର ସଂଘର ସଦସ୍ୟମାନେ ବିଏମ୍ସି ଫାଟକକୁ ସମ୍ପୂର୍ଣ୍ଣ ଅବରୋଧ କରି ଏହି ଅନ୍ୟାୟ ନିର୍ଦ୍ଦେଶ ବିରୁଦ୍ଧରେ ପ୍ରତିବାଦ ଜଣାଇଥିଲେ । ବର୍ଷ ବର୍ଷ ଧରି ସଫେଇ କର୍ମଚାରୀଙ୍କର କୌଣସି ସ୍ଥାୟୀ ସମାଧାନ କର୍ତୃପକ୍ଷ କରିନାହାନ୍ତି, ଖାମ୍ଖିଆଲି ନୀତି ମନୋଭାବ ରଖି ବିଏମ୍ସି କର୍ଣ୍ଣପାତ କରୁନଥିବା ବେଳେ ରାତି ୧୧ଟାରୁ ୩ଟା ପର୍ଯ୍ୟନ୍ତ ବିନା କୌଣସି ଗାଇଡ୍ଲାଇନ୍, ସୁରକ୍ଷାରେ କେମିତି ରାତିରେ ସଫେଇ କରିବେ ବୋଲି ପ୍ରଶ୍ନ କରିବା ସହ ମହିଳା ସଫେଇ କର୍ମଚାରୀମାନେ ରାତିରେ ଅସାମାଜିକ ଲୋକଙ୍କର ଅଶାଳୀନ ବ୍ୟବହାରର ଶିକାର ହେଉଛନ୍ତି ବୋଲି ସଂଘର ସଭାପତି ଲକ୍ଷ୍ମୀନାରାୟଣ ନାୟକ ଅଭିଯୋଗ କରିଛନ୍ତି ।

## ୨୨ବର୍ଷ ଶାସନ ପରେ ବି ....

ଶାସନରେ ରହିବା ପରେ ବି ଭୋଟରଙ୍କୁ ଲୋଭ ଦେଖାଇବାକୁ ପଡୁଛି । ଧାମନଗର ଦାୟିତ୍ୱ ମୋ' ଉପରେ କହିବାକୁ ପଡୁଛି । ଭଦ୍ରକରେ ମେଡିକାଲ କଲେଜ ନହେବା ପଛରେ ଦାୟୀ କିଏ ? ଏଥିପାଇଁ ସେ ନିଜେ ୨୦୨୦ ଫେବୃୟାରୀ ୧୭ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ଆଉ ଏହି ମେଡିକାଲ କଲେଜ ପାଇଁ କେନ୍ଦ୍ର ସରକାର ୬୦% ଅର୍ଥ ଦେବାକୁ ପ୍ରସ୍ତୁତ ଅଛନ୍ତି, ରାଜ୍ୟ ସରକାର ଆନୁଷ୍ଠାନିକ ପ୍ରସ୍ତାବ ପଠାଇବାକୁ ସେ ଅନୁରୋଧ କରିଥିଲେ । ମାତ୍ର ମୁଖ୍ୟମନ୍ତ୍ରୀଙ୍କଠୁ ଏନେଇ ଏପର୍ଯ୍ୟନ୍ତ କୌଣସି ଉତ୍ତର ମିଳିଲା ନାହିଁ । ଭଦ୍ରକ ଜିଲ୍ଲାକୁ ସାବତ ପୁଅ ଭାବୁଥିବା ବିଜୁ ଜନତା ଦଳର ମୁଖ୍ୟମନ୍ତ୍ରୀ ଏହି ପ୍ରସ୍ତାବ ଉପରେ କୌଣସି ପଦକ୍ଷେପ ନେଲେ ନାହିଁ । ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସେ ଚାହୁଁଛନ୍ତି ଓ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ । କିନ୍ତୁ ମୁଖ୍ୟମନ୍ତ୍ରୀ ଏହି ଦାୟିତ୍ୱ କାହିଁକି ନେଲେନି ବୋଲି ସେ ପ୍ରଶ୍ନ କରିଛନ୍ତି ।

## ରାଧାକୃଷ୍ଣ ଗୋ-ସେବା ସମିତି ପକ୍ଷରୁ ଗୋପାଷ୍ଟମୀ

ବାଲେଶ୍ୱର,୦୧/୧୧ (ନି.ପ୍ର): ପବିତ୍ର ଗୋପାଷ୍ଟମୀ ଅବସରରେ ରାଧାକୃଷ୍ଣ ଗୋ-ସେବା ସମିତି ପକ୍ଷରୁ ସହର ଉପକଣ୍ଠ ସଇପୁରସ୍ଥିତ ଗୋ-ଶାଳାର ଅଷ୍ଟମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସମିତିର କର୍ମକର୍ତ୍ତା ଓ ସଦସ୍ୟମାନେ ବିଶେଷ ରୀତିନୀତିରେ ସାମୂହିକ ଭାବେ ଗୋ-ମାତାଙ୍କୁ ପୂଜନ କରିଥିଲେ । ପରେ ଯଜ୍ଞ କର୍ମକାଣ୍ଡ ଅନୁଷ୍ଠିତ ହୋଇଥିଲା । ଡାକ୍ତର ସୁରେଶ ଅଗ୍ରୱାଲ ଓ ଡାକ୍ତର ଗୀତା ଅଗ୍ରୱାଲ ଏହି ଯଜ୍ଞରେ ସଂକଳ୍ପୀ ଭାବେ ଉପବିଷ୍ଟ ହେବା ସହ ଗୋ-ଶାଳାରେ ଗୋମାତାମାନଙ୍କୁ ବନ୍ଦାପନା କରି ଖାଦ୍ୟ ଖୁଆଇଥିଲେ । ସଦର ବିଧାୟକ ସ୍ୱରୂପ କୁମାର ଦାସ ଓ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଏହି ଉତ୍ସବରେ ଅତିଥି ଭାବେ ଯୋଗଦେଇ ଗୋପାଳନ ପାଇଁ ଜନ ସଚେତନତା ସୃଷ୍ଟିରେ ରାଧାକୃଷ୍ଣ ଗୋ-ସେବା ସମିତିର ଉଦାହାରଣ ହୋଇଛି ବୋଲି କହିଥିଲେ । ସମିତିର ସଦସ୍ୟଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହ ଗୋ-ଶାଳାର ଉନ୍ନତି ପାଇଁ ଯଥା ସମ୍ଭବ ସରକାରୀ ସହାୟତା ଓ ସହଯୋଗ ନିମନ୍ତେ ପଦକ୍ଷେପ ନେବେ ବୋଲି ଉଭୟ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । ରାଧାକୃଷ୍ଣ ଗୋ-ସେବା ସମିତିର ସଭାପତି ଦ୍ୱାରିକା ପ୍ରସାଦ ମୋର ଏହି ଉତ୍ସବରେ ପୌରହିତ୍ୱ କରିଥିଲେ । ଦୀର୍ଘ ଆଠ ବର୍ଷ ଧରି ଗୋ-ଶାଳାରେ କେବଳ ଦେଶୀ ଗାଈଙ୍କୁ ରଖାଯାଇ ସେମାନଙ୍କ ସେବା ଶୁଶ୍ରୂଷା କରାଯାଉଥିବା ସମିତିର ବରିଷ୍ଠ ସଦସ୍ୟ ଶିବୁ ପୋଦାର ସୂଚନା ଦେଇଥିଲେ । ସମିତିର ସମ୍ପାଦକ ମିଠୁ ପୋଦାର, ସନ୍ତୋଷ ମୋଦୀ, ପଙ୍କଜ ଅଗ୍ରୱାଲ, ଧର୍ମେନ୍ଦ୍ର ପ୍ରସାଦ ମୋର ପ୍ରମୁଖ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ ।

# ଜିଲ୍ଲାପାଳଙ୍କ ଦ୍ୱାରା ଭିନ୍ନକ୍ଷମ ଶିବିର ପରିଦର୍ଶନ ଓ ବ୍ଲକ ଅଧକ୍ଷାଙ୍କ ଦ୍ୱାରା ମିଶନ ଶକ୍ତି କାଫେ ଉଦ୍ଘାଟନ




ବସ୍ତା,୦୧/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ତରଫରୁ ବଡ ଧରଣର ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର କୁ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଧେ ପରିଦର୍ଶନ କରିଥିଲେ । ତାଙ୍କ ସହିତ ଜିଲ୍ଲାର ଜିଲ୍ଲାସ୍ତରୀୟ ବିଭିନ୍ନ ଅଧିକାରୀ ମଧ ଥିଲେ । ଜିଲ୍ଲାପାଳ ଚକ୍ଷୁ, ନାସା, କର୍ଣ୍ଣ, ଗଳା, ଅସ୍ଥିଶଲ୍ୟ ବିଭାଗ ଓ ମାନସିକ ଅନଗ୍ରସର ବିଭାଗ ବୁଲି ଦେଖିଥିଲେ । ଚକ୍ଷୁ ବିଭାଗରେ ୧୦୨, ନାସା କର୍ଣ୍ଣ ଓ ଗଳା ବିଭାଗ ରେ ୧୯୨, ଅସ୍ଥିଶଲ୍ୟ ବିଭାଗ ରେ ୩୨୫, ମାନସିକ ଅନଗ୍ରସର ବିଭାଗରେ ୧୪୫ ଏହିପରି ସର୍ବମୋଟ ୭୬୪ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସେମାନେ ନିଜ ନିଜ ପଞ୍ଚାୟତ ସ୍ତରରେ ଜନସେବା କେନ୍ଦ୍ର ରୁ ପ୍ରମାଣ ପତ୍ର ପାଇପାରିବେ ବୋଲି କୁହାଯାଇଛି । ଏହି କ୍ରମରେ ମିଶନ ଶକ୍ତି କାଫେ କେନ୍ଦ୍ରକୁ ବ୍ଲକ ଅଧକ୍ଷ୍ୟା ଅଞ୍ଜଳି ଦାସ ଉଦଘାଟନ କରିଥିଲେ । ବ୍ଲକ ଉପାଧକ୍ଷ ଦିଲ୍ଲୀପ ଦାସ ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ଦାସ ସିଡିପିଓ ଦିପ୍ତିରାଣି ସିଂ ପ୍ରମୁଖ ଉପସ୍ଥିତ ଥିଲେ । ଏତତବ୍ୟତୀତ ମିଶନ ଶକ୍ତି ପକ୍ଷରୁ ସବିତା ଦାସ, ସସ୍ମିତା ମହାପାତ୍ର, ଅନସୂୟା ଦାସ, ସୁବାସିନି ରାଉତ ଙ୍କ ସମେତ ବହୁ ସଦସ୍ୟା ଉପସ୍ଥିତ ଥିଲେ । ତେବେ ଏହି ଭିନ୍ନକ୍ଷମ ଶିବିର ପାଇଁ ବସ୍ତା ବ୍ଲକର ୩୧ ଟି ପଂଚାୟତ ର ନିର୍ବାଚିତ ସଦସ୍ୟଙ୍କୁ ବ୍ଲକ ତରଫରୁ ପତ୍ରାଳାପ ହୋଇନଥିବାରୁ ସେମାନଙ୍କ ମଧ୍ୟରେ ଓ ବ୍ଲକ ଅଧକ୍ଷ୍ୟା ଏବଂ ଉପାଧକ୍ଷଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା ଏପରିକି ସେମାନେ ଏହି କାର୍ଯ୍ୟକ୍ରମ କୁ ଏକପ୍ରକାର ଅସହଯୋଗ କରିଥିଲେ । ଜିଲ୍ଲାପାଳ, ବିଡ଼ିଓ, ବ୍ଲକ ଅଧକ୍ଷ, ଉପାଧକ୍ଷ ଙ୍କ ମଧ୍ୟରେ ଆପୋଷ ଆଲୋଚନା ହୋଇ ଶେଷରେ ଏହି କାର୍ଯ୍ୟକ୍ରମ ଓ ମିଶନ ଶକ୍ତି କାଫେ ଉଦଘାଟନ ରେ ସାମିଲ ହୋଇଥିଲେ ।

# ଆଗରେଗାହିରା ଗ୍ରାମେର ମୁନି ସମାଜର ବ୍ରହ୍ମଯଜ୍ଞ



ରୂପସା,୦୧/୧୧ (ନି.ପ୍ର): ଆଗରଗୋହିରା ଗ୍ରାମ ନିବାସୀ ମୁନି ହରିହର ଲେଙ୍କା-ମୁନିରାଜ୍ଞୀ ବିମଳା ଲେଙ୍କାଙ୍କ ଜ୍ୟେଷ୍ଠା ଦୁହିତା ଆୟୁଷ୍ମତୀ ମୁନିମତୀ ରୀତା ବିଶ୍ୱାଳଙ୍କ ୪୪ତମ ଶୁଭ ଜନ୍ମଦିନ, ତାଙ୍କ ବାସଭବନରେ, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଜିଲ୍ଲା ସମ୍ପାଦକ, ମୁନି ସମାଜର ଜ୍ୟୋତି, ଆତ୍ମଜ୍ଞାନୀ, ଯୋଗୀ ଅନନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ । ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ, ହାତିଆଡିହ ଶିବମୁନି ଯୋଗାଶ୍ରମର କୋଷାଧକ୍ଷ ଆତ୍ମଦର୍ଶୀ ଯୋଗୀ ଭିକାରି ଚରଣ ମୁନିଜୀ ମହୋଦୟ । ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ, ମୁନି ରାଜ ଅମୂଲ୍ୟମୁନିଜୀ ମହୋଦୟ, ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା, ଇତ୍ୟାଦି ଆତ୍ମଜ୍ଞାନୀମାନେ । ମୁନି ସଙ୍ଗୀତ ଏବଂ ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ, ଆଶ୍ରମର କଣ୍ଠଶିଳ୍ପୀ ଯୋଗଶିକ୍ଷିକା ମଞ୍ଜୁଲତା ବେହେରା । ଉପସ୍ଥିତ ଥିଲେ, ପରମପୂଜ୍ୟ ପିତା ମୁନି ହରିହର ଲେଙ୍କା, ପରମପୂଜ୍ୟା ମାତା ମୁନିରାଜ୍ଞୀ ବିମଳା ଲେଙ୍କା, ଆଦର୍ଶ ଯୋଗ ରାଧିକା ବାସନ୍ତି ମହାଳିକ, ମୁନି ରାଜ ଖଗେଶ୍ୱର ମହାଳିକ, ମୁନିରାଜ୍ଞୀ ସୁମତୀ ଦଳାଇ, ମୁନି ମତୀ କୈକେୟୀ ଜେନା,ଇତ୍ୟାଦି ବହୁ ମୁନି-ମୁନିମତୀମାନେ । ପ୍ରଥମେ ଉପସ୍ଥିତ ସମସ୍ତେ ଶିବମୁନି ପରିବାରର ସଦସ୍ୟ-ସଦସ୍ୟାମାନେ,ଏକମନ, ଏକପ୍ରାଣ, ଏକ୍ଆତ୍ମା ଏବଂ ଏକଭାବନାରେ ତଲ୍ଲୀନ ହୋଇ ସମୂହ ପ୍ରଣବ, ଶୁଭଭାବନା , ବେଦ ପାଠ, ଶାନ୍ତିପାଠ କରାଯାଇ ଦୁହିତା ରୀତାଙ୍କୁ,ତାଙ୍କର ନୀରୋଗ ନିରାମୟ ଆନନ୍ଦମୟ, ଯୋଗମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା । ତାପରେ ଦୁହିତା କିପରି ଶାଶୁଘରେ ଏବଂ ବାପଘରେ ହିତ ସାଧନ କରିଥାଏ, ମୁନିମତୀ ରୀତାର ଉଦାହରଣ ଦେଇ ବକ୍ତାମାନେ ବୁଝାଇ ଥିଲେ । ରୀତା, ଶାଶୁ ଘରକୁ ଯାଇ, କିପରି ସେଠାରେ ମୁନି ପରିବାର ଗଠନ କରି, ଯୋଗମୟ ଆନନ୍ଦମୟ ଜୀବନ ଅତିବାହିତ କରିପାରୁଛି, ତାହା ବକ୍ତାମାନେ ପ୍ରକାଶ କରିଥିଲେ । ଶେଷରେ ମୁନିରାଜ୍ଞୀ ବିମଳା ଲେଙ୍କା ସମସ୍ତଙ୍କୁ ଧନ୍ୟବାଦ ଦେଇ ଏକାତ୍ମ ସ୍ୱାଦିଷ୍ଟ ମିଷ୍ଟାନ୍ନ ଭୋଜନରେ ଆପ୍ୟାୟିତ କରିଥିଲେ ।

# ବିଶ୍ୱାସ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ମୋତିଆବିନ୍ଦୁ ଚିହ୍ନଟ ଶିବିର



ଜଳେଶ୍ୱର,୦୧/୧୧ (ନି.ପ୍ର): ଆଦିବାସୀ ଅଧ୍ୟୁସିତ ରାଇବଣିଆରେ ବହୁ ଅସଚେତନ ଓ ଗରିବ ଲୋକେ ମୋତିଆବିନ୍ଦୁ ପିଡିତ ଥାଇ ଚିକିତ୍ସା ପାଇପାରୁନଥିବାରୁ ବିଶ୍ୱାସ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଶ୍ୟାମନଗର ପଂଚାୟତର ଘଡଘଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଚକ୍ଷୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମକୁ ସରପଂଚ ଗିରିଜା ସାସମଲ ଆନୁଷ୍ଠାନିକଭାବେ ଉଦ୍ଘାଟନ କରିଥିଲେ । ୧୦ଜଣ ମୋତିଆବିନ୍ଦୁ ପିଡିତଙ୍କୁ ଚିହ୍ନଟ କରାଯାଇ ବାଲେଶ୍ୱରସ୍ଥିତ ନେତ୍ରନ୍ ଚିକିତ୍ସାଳୟରେ ମାଗଣାରେ ଅସ୍ତ୍ରୋପଚାର କରାଯିବ ବୋଲି କୁହାଯାଇଛି । ବିଶ୍ୱାସର ସଂପାଦକ ସଂଗ୍ରାମ କେଶରୀ ପରିଡା, ବ୍ରଜକିଶୋର ଗିରି ଓ ସୁମିତ୍ ଚାନ୍ଦ ପ୍ରମୁଖ ଏହି ଶିବରକୁ ପରିଚାଳନା କରିଥିଲେ । ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଚକ୍ଷୁ ରୋଗୀ ଚିକିତ୍ସାଲାଗି ଆସିଥିଲେ ।

# ଖୋଲିଲା କୁଳଡିହା ଅଭୟାରଣ୍ୟ, ପର୍ଯ୍ୟଟକମାନଙ୍କ ମଧ୍ୟରେ ଖୁସିର ଲହରୀ

ନୀଳଗିରି,୦୧/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡର କୁଳଡିହା ଅଭୟାରଣ୍ୟ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଛି । ଚଳିତବର୍ଷ ବୁଲିବାକୁ ଆସିଥିବା ପର୍ଯ୍ୟଟକମାନେ କୁଳଡିହା ଅଭୟାରଣ୍ୟର ବାଲିଆନାଳ ଫାଟକ ନିକଟରେ ପହଂଚିଥିଲେ । ବୁଲିବାକୁ ଆସିଥିବା ପ୍ରଥମ ପର୍ଯ୍ୟଟକ ଭାବେ ପଶ୍ଚିମବଙ୍ଗ ହାଉଡ଼ାର ଅନନ୍ତ କୁମାର ବାନାର୍ଜି, ୨ୟ ପର୍ଯ୍ୟଟକ ଭାବେ ଅଭିଜିତ ବୋଷ, ତୃତୀୟ ପର୍ଯ୍ୟଟକ ଭାବେ ପଶ୍ଚିମବଙ୍ଗଳର ସୁବାଷ ମଣ୍ଡଳଙ୍କ ସହ ୩୫ଜଣ ପର୍ଯ୍ୟଟକ ଓ ଟୁରିଷ୍ଟ ଗାଇଡ ତଥା ପକ୍ଷୀ ବିଶେଷଜ୍ଞ ମନୋରଂଜନ ଦାସ ଆସିଥିବା ବେଳେ ସମସ୍ତଙ୍କୁ ବନବିଭାଗ ପକ୍ଷରୁ ପୁଷ୍ପଗୁଛ ଦେଇ ମିଠା ଖୁଆଇ ସ୍ୱାଗତ କରାଯାଇଥିଲା । ବାଲେଶ୍ୱରର ଏସ.ସି.ଏଫ.ଓ. ସୁମିତ କୁମାର କର ଫିତା କାଟି ଗେଟ୍ ଖୋଲିଥିବା ବେଳେ ମୁଖ୍ୟ ଅତିଥି ଭାବେ ନୀଳଗିରି ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ କୁଳଡିହା ରେଞ୍ଜର ଅନନ୍ତ କୁମାର ଜେନା, ଫରେଷ୍ଟର, ଫରେଷ୍ଟଗାର୍ଡ , ସବୁଜବାହିନୀ ମଧ ଉପସ୍ଥିତ ଥିଲେ । ବଣପାହାଡ଼ ଘେରା ୨୭୨ ବର୍ଗକି.ମି. ପରିବ୍ୟାପ୍ତ ଏହି କୁଳଡିହା ଅଭୟାରଣ୍ୟର ଅପରୂପ ସୌନ୍ଦର୍ଯ୍ୟ ସହ ଅଭୟାରଣ୍ୟକୁ ଲାଗିରହିଥିବା ଡେମ, ସାତଘାଟି, ରିସିଆ, ଜୋଡ଼ଚୁଆ, ପୁରୁଣାପାଣି, ମୁଖଚତୁରି, କଇମଚତୁରି ଓଡ଼ିଶା ଓ ଓଡ଼ିଶା ବାହାରୁ ଆସିଥିବା ପର୍ଯ୍ୟଟକ ବୁଲି ଏଠାକାର ରମାଂଚକାରୀ ଆନନ୍ଦ ନେଇଥିଲେ । ଅଭୟାରଣ୍ୟରେ ବାଘ, ଭାଲୁ, ହାତୀ, ହରିଣ, ସମ୍ବର, ଠେକୁଆ, ନୀଳ ଗାଈ, ବଜ୍ରକପ୍ତା, ମୟୂର ଆଦି ବନ୍ୟ ପ୍ରାଣୀ ଓ ବିଭିନ୍ନ ପ୍ରଜାତିର ଦେଶୀ ଓ ବିଦେଶୀ ପକ୍ଷୀ ଦେଖାଯାଇଥାନ୍ତି । ଏଠାରେ ସୁରକ୍ଷିତ ପର୍ଯ୍ୟଟନ ଓ ପର୍ଯ୍ୟଟନର ବିକାଶ ଲାଗି ଗୋହିରା ଭୋଳ ଠାରେ ରାତ୍ରି ରହଣି ନିମନ୍ତେ ରିଷିଆ ପ୍ରକୃତି ନିବାସ ରେ ୭ଟି ତମ୍ବୁଘର ରହିଛି । ଏହାସହ ନେଚରସ କ୍ୟାମ୍ପ କରାଯାଇ ପିଇବା ପାଣି ଓ ଶୌଚାଳୟ, ଆଲୋକର ବ୍ୟବସ୍ଥା, ରୁଚିକର ଖାଦ୍ୟ ଦେବାର ବ୍ୟବସ୍ଥା ରହିଛି । ତେବେ ଏଠାରେ ମାଦକଦ୍ରବ୍ୟ, ମାଂସ ଉପରେ କଟକଣା ରହିଛି । ବନ୍ୟପ୍ରାଣୀ ନ ଆସିବା ପାଇଁ ଚାରିପାଖରେ ଟ୍ରେଂଚ ମଧ ଖୋଲାଯାଇଛି । ଆସିଥିବା ପର୍ଯ୍ୟଟକଙ୍କୁ ନେଚରସ କ୍ୟାମ୍ପ ପାଖରେ ପର୍ଯ୍ୟଟକଙ୍କ ପାଇଁ ରିସିଆ ଡେମେରେ ବୋଟିଂ ବ୍ୟବସ୍ଥା ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷଣ କରିଥିଲା । ଏହା ସହ ପର୍ଯ୍ୟଟକ ବୁଲିବା ସମୟରେ ୪ଟି କୃତ୍ରିମ ସଲଟ୍ପିଟ୍, ୫ଟି ୱାଚ ଟାୱାର, ଅତି ନିକଟରୁ କୁଳଡିହା ଅଭୟାରଣ୍ୟର ପଶୁ, ପକ୍ଷୀଙ୍କୁ ଦେଖିବାର ବ୍ୟବସ୍ଥା ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷିତ କରିଥିଲା । ଗତବର୍ଷ ରାଜସ୍ୱ ତୁଳନାରେ ଚଳିତ ବର୍ଷ ଅଧିକ ଆୟ ହେବ ବୋଲି ବନ ବିଭାଗ ଆଶା ରଖିଛି ।

# ବିଜେପି ପକ୍ଷରୁ ଗୋଷ୍ଠାଷ୍ଟମୀ ଓ ଗୋ ପୂଜନ ଅନୁଷ୍ଠିତ

ଜଳେଶ୍ୱର,୦୧/୧୧ (ନି.ପ୍ର): କାର୍ତ୍ତିକ ମାସର ପବିତ୍ର ଗୋଷ୍ଠାଷ୍ଟମୀ ଅବସରରେ ଜଳେଶ୍ୱର ବ୍ଲକ ଚମାରଗାଁ ପଂଚାୟତର ଚାଫଲା ଶିବ ମନ୍ଦିରରେ ଭାଜପା ପକ୍ଷରୁ ଏକ ଗୋ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଗୋ ମାତାଙ୍କୁ ବସ୍ତ୍ର ପରିଧାନ, ଗନ୍ଧ-ପୁଷ୍ପ, ଧୂପ-ଦ୍ୱିପ ଓ ନୈବେଦ୍ୟ ଦେଇ ପୂଜାର୍ଚ୍ଚନା ଓ ଗୋ ବନ୍ଦପନା କରାଯାଇଥିଲା । ପରେ ଅନୁଷ୍ଠିତ ଏକ ସଚେତନତା ଶିବିରରେ ପ୍ରତ୍ୟେକ ଘରେ ଦେଶୀ ଗାଈ ପାଳିବାପାଇଁ ଉପସ୍ଥିତ ବ୍ୟକ୍ତିମାନେ ସଂକଳ୍ପ ନେଇଥିଲେ । ବିଜେପି ନେତା ଫାଲଗୁନୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ସଂଗ୍ରାମ ଜେନା, ସତ୍ୟବ୍ରତ ପଣ୍ଡା, ବିଜୟ ପ୍ରମାଣିକ, ଗିରିଜା ଶଂକର ଗିରି, ସୁଜୟ ରାଉତ, ଜନ୍ମେଜୟ ବେହେରା, ବିଷ୍ଣୁପଦ ବେହେରା, ମୃତ୍ୟୁଞ୍ଜୟ ଭୂୟାଁ, ଅଜୟ ରାଉତ, ରାମଚନ୍ଦ୍ର ପରିଡା, ହରିଶ୍ଚନ୍ଦ୍ର ସେନାପତି, ଆରତୀ ଭୂୟାଁ, ବିଣାପାଣି ଦତ୍ତ ଓ ବିଣାପାଣି ସେନାପତି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୦୧/୧୧ (ନି.ପ୍ର): ଉତ୍କଳ ବାଳାଶ୍ରମ ଠାରେ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ୧୨ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମହିଳା ଏବଂ ଶିଶୁ କଲ୍ୟାଣ ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କର ଅଭିଭାଷଣରେ କହିଥିଲେ ଯେ ପିଲାମାନେ ତୁମର ହସ ଆମକୁ ଅନେକ ଖୁସି ଦେଇଥାଏ, ତୁମେ ପାଠ ପଢି ବଡ ହୁଅ, ତୁମର ସୁରକ୍ଷ୍ୟା ଆମର ଦାୟିତ୍ୱ। ଏହାପରେ ମୁଖ୍ୟମନ୍ତ୍ରୀ ଉତ୍କଳ ବାଳାଶ୍ରମ ସକାଶେ ୩ କୋଟି ୪୨ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷ ମନ୍ଦାକିନୀ କର ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ ତଥା ଆୟୋଗର କାର୍ଯ୍ୟ ବିବରଣୀ ପାଠ କରିଥିଲେ। ଏହାପରେ ଶିଶୁ ପ୍ରତିନିଧି ସ୍ୱହା ମନ୍ତୀ, ବିଶେଷ କରି କନ୍ୟା ଭ୍ରୁଣ ହତ୍ୟା ଉପରେ ଆଲୋକପାତ କରିଥିଲେ. ସେ କହିଥିଲେ ଶିଶୁମାନଙ୍କର ସିରକ୍ଷା ବଡ଼ମାନଙ୍କର ଦାୟିତ୍ୱ। ଶିଶୁ ପ୍ରତିନଧି ସୁବ୍ରତ ସେନାପତି କହିଥିଲେ ଆମ ଭିତରେ ଏକତାର ଆବଶ୍ୟକ। ଶିଶୁମାନଙ୍କୁ ଏକ ଉପଯୁକ୍ତ ମଂଚ ପ୍ରଦାନ କରିଥିବାରୁ ଶିଶୁମାନଙ୍କ ତରଫରୁ ମୁଁ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗକୁ ଅଶେଷ ଧନ୍ୟବାଦ ଜ୍ଞାପନ କରୁଛି। ତା ପରେ ଅତିରିକ୍ତ ଜିଲ୍ଲାପାଳ ଶିବ ଟୋପେ କହିଥିଲେ ଯେ ଶିଶୁ ସୁରକ୍ଷାକୁ ନିଶ୍ଚିତ କରିବା ସକାଶେ କମିଶନ ୨୦୧୦ ରୁ କାର୍ଯ୍ୟକରିଆସିଛି। ସେ କହିଥିଲେଯେ ସରକାରଙ୍କର ସମସ୍ତ ବିଭାଗ ମିଳିମିଶି କାର୍ଯ୍ୟ କଲେ ଆମେ ଶିଶୁ ସୁରକ୍ଷା ଦିଗରେ ଆଗେଇ ପାରିବା। ମହିଳା ଏବଂ ଶିଶୁ ବିକାଶ ବିଭାଗର ଉପଦେଷ୍ଟା ଶ୍ରୀମତୀ ସୁମିତ୍ରା ଜେନା କହିଥିଲେ ଯେ ପିଲାଙ୍କ ସହ ଜନ୍ମରୁ ଆମେ ସାଙ୍ଗ ହେବ ଉଚିତ। ପିଲାମାନଙ୍କୁ ସ୍ନେହ କରି ବଢ଼ିଲେ ରାଜ୍ୟ ତଥା ଦେଶର ଉନ୍ନତି ହେବ। ଏହାପରେ, ସମସ୍ତ ଶିଶୁଙ୍କର ସାମୁହିକ ଜନ୍ମଦିନର ଉତ୍ସବ ପାଳନ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ରାଜ୍ୟରେ ନୂଆ ୩୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୧/୧୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୬୧୬୯ କୁ ବୃଦ୍ଧି ପାଇଛି। ନୂଆ ଚିହ୍ନଟ ୩୭ ଆକ୍ରାନ୍ତଙ୍କ ମଧ୍ୟରୁ ୨୨ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୧୫ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି। ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୩୩ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୬୬୫୪ ରେ ପହଂଚିଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୫୯ ରହିଛି । ରାଜ୍ୟରେ ନୂଆ ଚିହ୍ନଟ ହୋଇଥିବା ୩୭ ସଂକ୍ରମିତଙ୍କ ମଧ୍ୟରୁ ଭଦ୍ରକ ଜିଲ୍ଲାରେ ୧, ବଲାଙ୍ଗିର ଜିଲ୍ଲାରେ ୧, କଟକ ଜିଲ୍ଲାରେ ୫, ଦେବଗଡ଼ ଜିଲ୍ଲାରେ ୨ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୮ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୧, ନୂଆପଡ଼ା ଜିଲ୍ଲାରେ ୨, ପୁରୀ ଜିଲ୍ଲାରେ ୧, ସମ୍ବଲପୁର ଜିଲ୍ଲାରେ ୪, ସୁନ୍ଦରଗଡ଼ ଜିଲ୍ଲାରେ ୧୧ ଏବଂ ଷ୍ଟେଟପୁଲ୍ ରେ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ବାଲେଶ୍ୱର କନିଷ୍ଠ ହକି ଟିମର ଭୁବନେଶ୍ୱର ଯାତ୍ରା



ବାଲେଶ୍ୱର,୦୧/୧୧ (ନି.ପ୍ର): ଓଡ଼ିଶା କନିଷ୍ଠ ହକି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ ପାଇଁ ବାଲେଶ୍ୱରର ଜୁନିଅର ଓ୍ୱମେନ ହକି ଟିମ୍ର ଖେଳାଳିମାନେ ମଙ୍ଗଳବାର ଭୁବନେଶ୍ୱର ଯାତ୍ରା କରିଛନ୍ତି। ଟିମ ମ୍ୟାନେଜର ଲିପିପୁଷ୍ପା ବେହେରା ଓ କୋଚ ଡେଭିଡ ସୋରେନ ଖେଳାଳିଙ୍କ ସହ ୧୫ ଜଣିଆ ଟିମ ବସ ଯୋଗେ ବାଲେଶ୍ୱର ବସଷ୍ଟାଣ୍ଡରୁ ଭୁବନେଶ୍ୱର ଯାତ୍ରା କରିଛନ୍ତି । ସଦର ବିଧାୟକ ସ୍ୱରୂପ କୁମାର ଦାସ ଉପସ୍ଥିତ ରହି ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସଫଳ ଯାତ୍ରା କାମନା କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକରୁ ଶ୍ରେଷ୍ଠ ହକି ଖେଳାଳିଙ୍କୁ ଚୟନ ସହ ଉନ୍ନତମାନର ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ବେଳେ ବାଲେଶ୍ୱର ଟିମ୍ ଟୁର୍ଣ୍ଣାମେଣ୍ଟରେ ନିଶ୍ଚିତ ସଫଳତା ପାଇବ ବୋଲି ବିଧାୟକ ସେ ଆଶାପ୍ରକାଶ କରିଥିଲେ। ଖେଳାଳିମାନଙ୍କ ଯାତାୟତ ଓ ଖେଳରେ ଅଂଶଗ୍ରହଣ ବାବଦରେ ସମସ୍ତ ବ୍ୟବସ୍ଥା ହୋଇଥିବା ନେଇ ଜିଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ସୂଚନା ଦେଇଛନ୍ତି। ଖ୍ୟାତିସମ୍ପନ୍ନ ହକି ଖେଳାଳିଙ୍କ ଠାରୁ ପ୍ରଶିକ୍ଷଣ ପାଇଥିବା ବାଲେଶ୍ୱର ଦଳ ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶାପ୍ରକାଶ କରିଥିଲେ। ସ୍ପୋର୍ଟସ ହଷ୍ଟେଲ ପରିଦର୍ଶନ ବେଳେ ଜିଲା ହକି ଆସୋସିଏସନର ସଭାପତି ତଥା ବାଲେଶ୍ୱର ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ କନିଷ୍ଠ ମହିଳା ଖେଳାଳିଙ୍କୁ ଉତ୍ସାହିତ କରିବା ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ନକ୍ ଆଉଟ୍ ପର୍ଯ୍ୟାୟରେ ୨ତାରିଖରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିଅମ ଓ କିଟ୍ ବିଶ୍ୱବିଦ୍ୟାଳୟ ପଡିଆରେ ଆରମ୍ଭ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟ ୬ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଲେଖିକା ସମ୍ମିଳନୀ ପ୍ରସ୍ତୁତି ବୈଠକ



ଭଦ୍ରକ,୦୧/୧୧ (ନି.ପ୍ର): ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ଲେଖିକା ସମ୍ମିଳନୀ ଭଦ୍ରକ ମହାବିଦ୍ୟାଳୟ ଠାରେ ନଭେମ୍ବର ୬ ରବିବାର ଦିନ ଅନୁଷ୍ଠିତ ହେବ। ଏହି ସମ୍ମିଳନୀକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅଧକ୍ଷା ସୁଚିତ୍ରା ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ମହାବିଦ୍ୟାଳୟ ପରିସରରେ ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପ୍ରସ୍ତୁତି ବୈଠକରେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ପୂର୍ଣଚନ୍ଦ୍ର ବହଳି, ଧାମନଗର ମହାବିଦ୍ୟାଳୟ ଅଧକ୍ଷ ତଥା ସଦସ୍ୟ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଡ. ଅଭୟ ଦାସ, ପ୍ରାଧାପିକା ସୁପ୍ରୀତି କର, ଅନିତା ଦଳାଇ, ଅଭାମୟୀ ମହାପାତ୍ର, ମନୋଜ ସାହୁ, ରୋ.ଅଭିଜିତ ନାୟକ ପ୍ରମୁଖ ଉପସ୍ଥିତି ଥିଲେ। ଏହି ସମ୍ମିଳନୀରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସାହିତ୍ୟିକା, ଆଲୋଚିକା, କବୟିତ୍ରୀ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଭଦ୍ରକ ଠାରେ ପ୍ରଥମ କରି ଏଭଳି ଏକ ସମ୍ମିଳନୀ ଅନୁଷ୍ଠିତ ହେଉଥିବାରୁ ଏହାକୁ ସଫଳ କରିବା ପାଇଁ ଏକାଡେମୀର ସଚିବ ପ୍ରବୋଧ କୁମାର ରାଉତ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

## ସଂପର୍କୀୟଙ୍କୁ ଥାନା ପରିସରରେ ମାଡ଼ ମାରି ମହିଳା ଦଣ୍ଡିତ

ନୀଳଗିରି,୦୧/୧୧ (ନି.ପ୍ର): ଥାନା ପରିସରରେ ଜନୈକ ମହିଳା ପୋଲିସ ଉପସ୍ଥିତିରେ ନିଜର ସଂପର୍କୀୟଙ୍କୁ ମାଡ଼ ମାରିବା ଘଟଣାରେ ନୀଳଗିରି ସହକାରୀ ଦୌରାଜଜ ସଂପୃକ୍ତ ମହିଳାଙ୍କୁ ଦୋଷୀ ସାବ୍ୟସ୍ତ କରି ୧ବର୍ଷ ଜେଲ ଦଣ୍ଡାଦେଶ ସହ ୧ହଜାର ଟଙ୍କା ଜୋରିମାନା ରେ ଦଣ୍ଡିତ କରିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ୨୦୨୦ ଜାନୁଆରୀ ୭ତାରିଖରେ ପୂର୍ବ ବିବାଦକୁ କେନ୍ଦ୍ର କରି ଦୁଇ ପକ୍ଷଙ୍କୁ ଥାନାକୁ ଡାକି ପୋଲିସ ପଚରାଉଚୁରା କରୁଥିବା ବେଳେ ଥାନା ସମ୍ମୁଖରେ ପୋଲିସ ଉପସ୍ଥିତରେ ଅଭିଯୁକ୍ତା ବାଲିଗୋହିରୀ ଗ୍ରାମର ପ୍ରମିଳା ବେହେରା ପୂର୍ବରୁ ଶାଢ଼ୀ ଭିତରେ ଲୁଚାଇ ରଖିଥିବା ବାଉଁଶ ଠେଙ୍ଗାରେ ହଠାତ୍ ବାହାର କରି ତାଙ୍କର ସଂପର୍କୀୟ ଭାଉଜ ବାଲିଗୋହିରୀ ଗ୍ରାମର କାର୍ତିକେଶ୍ୱର ବେହେରାଙ୍କ ସ୍ତ୍ରୀ ବାସନ୍ତୀ ବେହେରା ଓ ଭାଇବୋହୂ ମାଳତୀ ବେହେରାଙ୍କୁ ଅତର୍କିତ ଭାବେ ଆକ୍ରମଣ କରି ଗୁରୁତର କରି ପକାଇଥିଲା । ବାସନ୍ତୀଙ୍କ ଏତଲାମୂଳେ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ମୁଦାଲା ପ୍ରମିଳାଙ୍କ ଠାରୁ ଠେଙ୍ଗା ଜବତ କରିବା ସହ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଉକ୍ତ ମାମଲାରେ ନୀଳଗିରି ସହକାରୀ ଦୌରାଜଜ ଅଦାଲତରେ ବିଚାର ହୋଇ ୯ଜଣ ସାକ୍ଷୀ ଓ ସମସ୍ତ ଦସ୍ତାବିଜ କୁ ପାଥେୟ କରି ମାନ୍ୟବର ଜଜ୍ ମଧୁସ୍ମିତା ଜେନା ୩୧.୧୦.୨୨ ରିଖରେ ଅଭିଯୁକ୍ତା ପ୍ରମିଳା ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରି ଏକବର୍ଷ ଜେଲ ଦଣ୍ଡାଦେଶ ସହ ୧ହଜାର ଟଙ୍କା ଜୋରିମାନା କରିଛନ୍ତି । ଉକ୍ତ ମାମଲାକୁ ସରକାରଙ୍କ ତରଫରୁ ଆଡ଼ିସନାଲ ପିପି ଅମରେନ୍ଦ୍ର ପଟ୍ଟନାୟକ ପରିଚାଳନା କରୁଥିଲେ।

## ଦିବ୍ୟାଙ୍ଗମାନଙ୍କ ଦକ୍ଷତା ବିକାଶ ପାଇଁ ରାଜ୍ୟସ୍ତରୀୟ ତାଲିମ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର, ୦୧/୧୧ (ନି.ପ୍ର): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହଭାଗିତାରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧିନସ୍ଥ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ (ସିଡାକ୍) ଆନୁକୂଲ୍ୟରେ ଦିବ୍ୟାଙ୍ଗମାନଙ୍କର ଦକ୍ଷତା ବିକାଶ ପାଇଁ କତା ହସ୍ତଶିଳ୍ପରେ ଏକ ଛଅ-ମାସିଆ ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ପୋଖରୀପୁଟ ସ୍ଥିତ ଏନ୍ଏସ୍ସିଡିଏ କ୍ୟାମ୍ପସ୍ ପରିସରରେ ଉଦ୍‌ଯାପିତ ହୋଇଯାଇଛି । ଏହି ତାଲିମ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଦଶଜଣ ଦିବ୍ୟାଙ୍ଗ ତାଲିମଧାରୀ ଭାଗନେଇ କତା ନିର୍ମିତ ବିଭିନ୍ନ କଣ୍ଢେଇ ପ୍ରସ୍ତୁତି ତାଲିମ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶିକା ଶ୍ରୀମତୀ ବ୍ରତତୀ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଲିମଧାରୀମାନଙ୍କୁ ପ୍ରମାଣପତ୍ର ତଥା ଟୁଲ୍ କିଟ୍ ବଂଟନ କରିଥିଲେ । ସିଡାକ୍ ର ସଦସ୍ୟ ସଚିବ ଶିଶିର କୁମାର ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭବିଷ୍ୟତରେ ଏହି ସାମଗ୍ରୀର କିଭଳି ସୁଚାରୁ ରୂପେ ବିକ୍ରିବଟା ହୋଇପାରିବ ଏବଂ ନୂତନ ଡିଜାଇନ୍ ପ୍ରସ୍ତୁତି ପାଇଁ ସିଡାକ୍ ତରଫରୁ ତାଲିମର ବନ୍ଦୋବସ୍ତ କରାଯିବ ସେ ନେଇ ପ୍ରତିଶ୍ରୁତି ଦେଇଥିଲେ ।

## ଜିଲ୍ଲା ସ୍ତରୀୟ ୭୧ତମ ଗୋ-ସମ୍ବର୍ଦ୍ଧନା ଉତ୍ସବ



ଜଳେଶ୍ୱର,୦୧/୧୧ (ନି.ପ୍ର): ଆଜି ଜିଲାସ୍ତରୀୟ ୭୧ ତମ ଗୋ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇ ଯାଇଛି । ଗୋପୀମୋହନପୁର ପଂଚାୟତ ଅଧିନ ମାଧବଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପଡିଆରେ ଆୟୋଜିତ ଗୋ ସମ୍ବର୍ଦ୍ଧନା ଉତ୍ସବକୁ ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ । ଜିଲା ମୁଖ୍ୟ ପ୍ରାଣୀ ସଂପଦ ଅଧିକାରୀ ବନମାଳୀ ସାହୁ ସଭାପତିତ୍ୱ କରି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ମୁଖ୍ୟବକ୍ତାଭାବେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ଯୋଗ ଦେଇ ଗୋ ସମ୍ବର୍ଦ୍ଧନା ଉତ୍ସବ ତାତ୍ପର୍ଯ୍ୟ ସଂପର୍କରେ କହିଥିଲେ । ସମ୍ମାନୀତ ଅତିଥିଭାବେ ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ଉପାଧକ୍ଷା ସଂଜିତା ସେନାପତି, ସରପଂଚ ସାଗରବାଳା ଜେନା, ମଧୁ ସେନାପତି, ଶିବ ପ୍ରସାଦ ଦାସ, ସଦାଶିବ ମହାପାତ୍ର, ଅରୁଣ ପ୍ରଧାନ, ମନୋରଂଜନ ଦାସ, ଦୁଗ୍ଧ ସମିତିର ମୁଖ୍ୟ ରଶ୍ମିରେଖା ବିନ୍ଧାଣୀ ପ୍ରମୁଖ ଯୋଗ ଦେଇ ଗୋଷ୍ଠାଷ୍ଟମୀର ବୈଶିଷ୍ଟ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଗୋ ପୂଜନ, ଚାଷୀ ଓ ବୈଜ୍ଞାନୀକ ମତ ବିନିମୟ, ଘାସଚାଷର ଉପକାରିତା ସଂପର୍କରେ ଆଲୋଚନା ହୋଇଥିବା ବେଳେ ଜିଲା ଅତିରିକ୍ତ ପ୍ରାଣୀ ଅଧିକାରୀ ଡ. ରଂଜନ କୁମାର ଦାସ ମଂଚ ସଂଚାଳନା କରି 'ଆମେ ଦୁଇ, ଆମର ଦୁଇ, ଆମେ ପାଳିବା ବାଛୁରୀ ଗାଈ' ସ୍ଲୋଗାନ ସଂପର୍କରେ କହିଥିଲେ । ଜଳେଶ୍ୱର ବ୍ଲକର ବିଭିନ୍ନ ଏସ୍ଏଚ୍ଜି ଓ ବ୍ୟକ୍ତିଗତ ଭାବେ ଛେଳି, କୁକୁଡା, ଘୁଷୁରି ଓ ବତକ ପାଳନ ଲାଗି ୭୦ଟି କାର୍ଯ୍ୟଦେଶ ପ୍ରଦାନ କରାଯାଇଥିଲା । ଗାଈ, ଛେଳି, କୁକୁଡା ଓ ଘାସ ଚାଷରେ ଜିଲାସ୍ତରୀୟ ୧୨ଜଣ ଚାଷୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ୩ଜଣ କୃତି ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା । ମାଧବଚନ୍ଦ୍ର ହାଇସ୍କୁଲରେ ଛାତ୍ରମାନଙ୍କ ମଧ୍ୟରେ ଗାଈ, ଛେଳି ଓ କୁକୁଡା ଚାଷ ନିମନ୍ତେ ଚିତ୍ରାଙ୍କନ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲା ଅତିରିକ୍ତ ପ୍ରାଣୀ ଅଧିକାରୀ ଡ. ଅଜିତ୍ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଧାମନଗର ଉପନିର୍ବାଚନ : ୨୧୮ ବୁଥ୍‌କୁ ଗଲେ ପୋଲିଂ ଦଳ



ଭଦ୍ରକ,୦୧/୧୧ (ନି.ପ୍ର): ଧାମନଗର ଉପନିର୍ବାଚନରେ ନଭେମ୍ବର ୩ ତାରିଖରେ ମତଦାନ ଗ୍ରହଣ ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଅନୁଯାୟୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆଜି ୨୫୨ ବୁଥ୍ ରୁ ୨୧୮ ବୁଥ୍‌କୁ ପୋଲିଂ ଦଳମାନଙ୍କୁ ପ୍ରେରଣ କରାଯାଇଛି । ଅବଶିଷ୍ଟ ବୁଥ୍‌କୁ ଆସନ୍ତାକାଲି ପୋଲିଂ ଦଳ ପ୍ରେରଣ କରାଯିବ । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଡ଼ିସ୍‌ବରସାଲ ସେଣ୍ଟରରୁ ଇ.ଭି.ଏମ୍. ଓ ଅନ୍ୟ ସରଞ୍ଜାମ ସହ ପୋଲିଂ ଦଳମାନେ ଶୃଙ୍ଖଳାର ସହିତ ବୁଥ୍ ଅଭିମୁଖେ ଗମନ କରିଛନ୍ତି । ଦୁଇ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଶାନ୍ତନୁ କୁମାର ମହାନ୍ତି, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଉପଜିଲ୍ଲାପାଳ ମନୋଜ ପାତ୍ର, ନିର୍ବାଚନ ଅଧିକାରୀ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ରହି ଆନୁସଙ୍ଗିକ ସମସ୍ତ କାର୍ଯ୍ୟ ଶୃଙ୍ଖଳାର ସହିତ ସମ୍ପାଦନ ପାଇଁ ତଦାରଖ କରିଥିଲେ । ଗଣମାଧ୍ୟମ ସାକ୍ଷାତକାରରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ସୂଚନା ଅନୁଯାୟୀ ମତଦାନ ଗ୍ରହଣ ପାଇଁ ଥିବା ସମୁଦାୟ ୨୫୨ ବୁଥ୍ ପାଇଁ ୩୦ଜଣ ସେକ୍ଟର ଅଫିସର ଓ ୧୧ ଜଣ ଜୋନାଲ ମାଜିଷ୍ଟ୍ରେଟ୍ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି । ୧୨୬ ବୁଥ୍‌ରେ ଓ୍ୱେବ୍‌କାଷ୍ଟିଂ ବ୍ୟବସ୍ଥା କରାଯାଇଛି । ୧୧୦ଟି ବୁଥ୍ ଉତ୍ତେଜନା ପ୍ରବଣ ଅଛି । ଏସ୍.ପି., ଭଦ୍ରକ, ଚରଣସିଂ ମୀନା ମଧ ଗଣମାଧ୍ୟମକୁ ସାକ୍ଷାତକାର ପ୍ରଦାନ ଅବସରରେ ଧାମନଗର ଉପନିର୍ବାଚନ କାର୍ଯ୍ୟ ପରିଚାଳନା ନେଇ କାରଯିବାକୁ ଥିବା ପୋଲିସ୍ ମୂତୟନ ବ୍ୟବସ୍ଥା ସମ୍ବନ୍ଧରେ ସୂଚନା ଦେଇଥିଲେ । ପୋଲିଂ ଦଳ ସହିତ ୩୩୯ ଜଣ ପୋଲିସଙ୍କୁ ଯିବା ପାଇଁ ବ୍ୟବସ୍ଥା କରାଯାଇଛି । ସମୁଦାୟ ନିର୍ବାଚନ ମଣ୍ଡଳୀକୁ ୭ଟି ପୋଲିସ୍ ସେକ୍ଟର ଓ ୩ଟି ଜୋନ୍‌ରେ ଭାଗ କରାଯାଇଛି । ୨୪ଟି ମୋବାଇଲ ପାର୍ଟି କରାଯାଇଛି । ୫୦ଟି ଅତି ଉତ୍ତେଜନା ପ୍ରବଣ ଓ ୬୦ଟି ଉତ୍ତେଜନା ପ୍ରବଣ ବୁଥ୍ ଅଛି । ଏହି ସବୁ ବୁଥ ପାଇଁ ସି.ଏ.ପି.ଏଫ୍ ର ୪ଟି କମ୍ପାନୀକୁ ମୂତୟନ କରାଯିବ । ସି.ଏପି.ଏଫ୍ ର ୪୪ଟି ଷ୍ଟେଟିଂ ଟିମ୍ ଓ ୨୨ ଟି ମୋବାଇଲ ଟିମ୍ ଉତ୍ତେଜନା ପ୍ରବଣ ବୁଥ୍‌ର ଦାୟିତ୍ୱରେ ରହିବେ । ୨୨ ପ୍ଲାଟୁନ୍ ରାଜ୍ୟ ଆର୍ମଡ଼୍ ଫୋର୍ସକୁ ମଧ ନିର୍ବାଚନ କାର୍ଯ୍ୟର ଶାନ୍ତି ଶୃଙ୍ଖଳା ପାଇଁ ମୂତନୟନ କରାଯିବ । ୩ ଜଣ ଅତିରିକ୍ତ ଏସ୍.ପି., ୧୦ଜଣ ଡ଼ି.ଏସ୍.ପି., ୧୮ ଜଣ ଇନିସ୍‌ପେକ୍ଟର, ୧୩୦ ପାଖାପାଖି ଏସ୍.ଆଇ. ଓ ଏ.ଏସ୍.ଆଇ ର୍ୟାଙ୍କର ଅଧିକାରୀ ନିର୍ବାଚନ କାର୍ଯ୍ୟ ପରିଚାଳନାରେ ନିୟୋଜିତ ହେବେ । ଅବାଧ, ମୁକ୍ତ, ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳାର ସହିତ ଏହି ନିର୍ବାଚନ କାର୍ଯ୍ୟ ପରିଚାଳନାରେ ପୋଲିସ୍ ଓ ପ୍ରଶାସନକୁ ସହଯୋଗ କରିବା ପାଇଁ ଧାମନଗର ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଜିଲ୍ଲାପାଳ ଓ ଏସ୍.ପି. ନିବେଦନ କରିଥିଲେ ।

## କାର୍ତ୍ତିକ ପଂଚକରେ ୪ ଦ୍ୱାର ଖୋଲନ୍ତୁ ଶ୍ରୀମନ୍ଦିର ପ୍ରଶାସନ : କଂଗ୍ରେସ

ଭୁବନେଶ୍ୱର, ୦୧/୧୧ (ନି.ପ୍ର): ଗତ ରବିବାର ଦିନ ଶ୍ରୀ ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯେଭଳି ଅତ୍ୟଧିକ ଭିଡ଼ରେ ଭକ୍ତମାନେ ଅଣନିଶ୍ୱାସୀ ହୋଇପଡ଼ିଲେ, ସେଥିପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ କେତେକ ପରାମର୍ଶ ଦିଆଯାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ତଥା ପ୍ରଦେଶ କଂଗ୍ରେସ ସେବାଦଳର ଅଧକ୍ଷ, ବିଶିଷ୍ଟ ସମାଜସେବୀ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ ବିବୃତିରେ କହିଛନ୍ତି ଯେ ଶ୍ରୀ ମନ୍ଦିର ପ୍ରଶାସନ କରୋନା ସମୟରେ ଶ୍ରୀମନ୍ଦିରର, ଅନ୍ୟ ତିନିଦ୍ୱାରକୁ ବନ୍ଦ କରି କେବଳ ସିଂହଦ୍ୱାର ବାଟେ ଭକ୍ତଙ୍କ ପ୍ରବେଶ ବ୍ୟବସ୍ଥା କରିଥିଲେ। ପରବର୍ତୀ ସମୟରେ ପୁରୀ ଅଧିବାସୀଙ୍କ ଦାବି ଫଳରେ ପଶ୍ଚିମଦ୍ୱାର ପୁରୀ ଅଧିବାସୀଙ୍କ ପାଇଁ ଖୋଲା ଯାଇଥିଲା। କିନ୍ତୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଚଳିତ କାର୍ତିକ ମାସରେ ଯେଭଳି ଭିଡ଼ ଦେଖାଗଲା, ଦର୍ଶନର ସୁବନ୍ଦୋବସ୍ତ କରିବାପାଇଁ ରାଜ୍ୟ ସରକାର ତଥା ଶ୍ରୀ ମନ୍ଦିର ପ୍ରଶାସନର କୌଣସି ଚିନ୍ତା ଥିଲା ଭଳି ଜଣାପଡ଼ିଲା ନାହିଁ। ଯାହା ଫଳରେ ବିଗତ ଦିନ ମାନଙ୍କରେ ଭକ୍ତମାନେ ବହୁ ଅସୁବିଧାର ସମ୍ମୁଖୀନ ହେବା ଗଣମାଧ୍ୟମରୁ ଜଣାପଡୁଛି। ଆଗାମୀ କାର୍ତିକ ପଂଚକରେ ଭିଡ଼ର ସମ୍ଭାବନାକୁ ଦେଖି ସରକାର ତଥା ଶ୍ରୀ ମନ୍ଦିର ପ୍ରଶାସନ ଶ୍ରୀ ମନ୍ଦିରର ଚାରି ଦ୍ୱାରକୁ ଖୋଲିବାର ବ୍ୟବସ୍ଥା କରନ୍ତୁ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଡ. ଜ୍ଞାନେନ୍ଦ୍ର ଦୃଢ଼ ଦାବି କରିବା ସହ କାର୍ତିକ ହବିଷ୍ୟାଳିଙ୍କୁ ସମାନ ଦୃଷ୍ଟିରେ ଦେଖିବାପାଇଁ ସେ ରାଜ୍ୟ ସରକାର ଓ ଶ୍ରୀ ମନ୍ଦିର ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ଡ. ଜ୍ଞାନେନ୍ଦ୍ର ଆହୁରି କହିଛନ୍ତି ଯେ କେବଳ ବୃନ୍ଦାବତୀ ନିବାସରେ ସରକାରୀ ହେପାଜତରେ ଯେଉଁ ହବିଷ୍ୟାଳିମାନେ ରହୁଛନ୍ତି ସେହିମାନଙ୍କୁ ମହାପ୍ରଭୁଙ୍କ ଦର୍ଶନରେ ସ୍ୱତନ୍ତ୍ର ସୁବିଧା ମିଳିବ, ପୁରୀ ସହର ଓ ପଂଚକୋଷୀ ହବିଷ୍ୟାଳିଙ୍କୁ ଏହା ମିଳିବ ନାହିଁ, ପ୍ରଶାସନର ଏହା ଏକ ଦୁର୍ବଳ ମାନସିକତା।

## ଏମସିସି ବ୍ୟାଙ୍କ ନିର୍ଦ୍ଦେଶକ ନିର୍ବାଚନ : ବିଜେଡି ଦଖଲରେ ମୟୁରଭଂଜ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ



ବାରିପଦା,୦୧/୧୧ (ନି.ପ୍ର): ମୟୁରଭଂଜ କେନ୍ଦ୍ରୀୟ ସମବାୟ (ଏମସିସି) ବ୍ୟାଙ୍କର ୭ଟି ଜୋନର ନିର୍ଦ୍ଦେଶକ ପଦ ପାଇଁ ରବିବାର ଅନୁଷ୍ଠିତ ହୋଇଥିବା ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ବିଜୟ ଲାଭ କରିଥିବାର ଜଣାଯାଇଛି । ଭୋଟଦାନ ଶେଷ ପରେ ଗଣତି ଏବଂ ଫଳାଫଳ ଅନୁଯାୟୀ ୧ନଂ ଜୋନରେ ନିବେଦିତା ସାହୁ ୩ନଂ ଜୋନରେ ଭାଗୀରଥି ଦେହୁରୀ, ୪ନଂ ଜୋନରେ ତପନ ପତି, ୬ନଂ ଜୋନରେ ରାଜ ଶିବନାରାୟଣ କିସ୍କୁ, ୮ନଂ ଜୋନରେ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ୧୦ନଂ ଜୋନରେ ଦ୍ରୌପଦୀ ସାହୁ ଓ ୧୩ ନଂ ଜୋନରେ ମଳୟ ଜେନା ବିଜୟ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ତଥା ବାରିପଦା ଉପଖଣ୍ଡସମବାୟ ସମିତି ସମୂହର ଉପନିବନ୍ଧକ କୃଷ୍ଣଚନ୍ଦ୍ର ଦାସଙ୍କ ଠାରୁ ଜଣାପଡ଼ିଛି । ବ୍ୟାଙ୍କ ଅଧୀନରେ ୧୫ଟି ଜୋନ ଥିବା ବେଳେ ପୂର୍ବରୁ ୮ଟି ଜୋନରେ ଏକକ ପ୍ରାର୍ଥୀ ପାଇଁ ସମସ୍ତେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । ସେମାନଙ୍କ ମଧ୍ୟରେ ୨ନଂ ଜୋନର ସୁନାରାମ ମାରାଣ୍ଡି, ୫ନଂ ଜୋନର ଜସ୍ମିନ ମାଝୀ, ୭ନଂ ଜୋନର ପଙ୍କଜିନୀ ନାଏକ, ୯ନଂ ଜୋନର ଅଭିନ୍ନ ସୁନ୍ଦର ପାତ୍ର, ୧୧ନଂ ଜୋନର ମୋହନ ଚରଣ ମାଝୀ, ୧୨ନଂ ଜୋନର ଗିରୀଧାରୀ ପୃଷ୍ଟି, ୧୪ନଂ ଜୋନର ସୁବ୍ରମଣ୍ୟମ ମହାନ୍ତି ଓ ୧୫ନଂ ଜୋନର ବୀରେନ୍ଦ୍ର ନାଥ ବସା ରହିଥିବା ବେଳେ, ସମସ୍ତେ ବିଜେଡି ସମର୍ଥିତ ହୋଇଥିବାରୁ ସଭାପତି ପଦବୀ ବିଜେଡି ଦଖଲରେ ରହିବାର ସ୍ଥିର ହୋଇ ସାରିଛି । ତେବେ ସଭାପତି ପଦ ପାଇଁ ଦଳର ନିଷ୍ପତିକୁ ସମସ୍ତେ ଗ୍ରହଣ କରିବା ଜଣାପଡୁ ଥିବାରୁ ସଭାପତି ପଦରେ ନାମ ଘୋଷଣାର ଔପଚାରିକତା ରହିଯାଇଛି ।

## ଜିଲ୍ଲା କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧିଙ୍କ ଶ୍ରଦ୍ଧାଂଜଳି ସଭା



ବାରିପଦା,୦୧/୧୧ (ନି.ପ୍ର): ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଆଇରନ ଲେଡି ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କ ଶ୍ରଦ୍ଧାଂଜଳି ଦିବସ ଜିଲ୍ଲା କଂଗ୍ରେସ ପକ୍ଷରୁ ପାଳିତ ହୋଇଯାଇଛି । ଜିଲ୍ଲା ମହିଳା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଶ୍ରୀ ହେମନ୍ତ ଦାସ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଂଜଳି ସଭାରେ ବରିଷ୍ଠ କଂଗ୍ରେସ ନେତା ବିଜନ ଦାସ, ଜ୍ୟୋତି ପ୍ରକାଶ ରଥ, ଅରବିନ୍ଦ ଦାସ, ଯୋଗେଶ ଅଗ୍ରୱାଲ, ଶାନ୍ତନୁ ପାଲ, ସୁସ୍ମିତା ଘୋଷାଲ, ପ୍ରଦୀପ ମିଶ୍ର, ମୋତି ପ୍ରକାଶ ଦାସ, ଇତିଶ୍ରୀ ମିଶ୍ର, ରଶ୍ମିତା ମିଶ୍ର, ଶିବାନନ୍ଦ ଦାସ ପ୍ରମୁଖ ବହୁ ନେତା ଓ କର୍ମୀ ଉପସ୍ଥିତ ରହି ତାଙ୍କର ଫୋଟ ଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରୀମତୀ ଗାନ୍ଧୀ ଙ୍କର ସ୍ମୃତି ଚାରଣ କରି ଭାରତବର୍ଷ ପାଇଁ ତାଙ୍କର ତ୍ୟାଗ ଓ ବଳିଦାନ ବିଷୟରେ ଆଲୋକପାତ କରିଥିଲେ ।

## ବିନା ଫଳକରେ ନିର୍ମିତ ହେଉଛି ୧୯୦ କୋଟି ଟଙ୍କାର ପ୍ରକଳ୍ପ

ଲଙ୍ଗଳେଶ୍ୱର, ୦୨/୧୧ (ନି:ପ୍ର) : ବାଲିଆପାଳ ଓ ଭୋଗରାଇକୁ ସିଧାସଳଖ ଯୋଗାଯୋଗ ପାଇଁ ବାଲିଆପାଳର ଜାମକୁଣ୍ଡା ପଞ୍ଚାୟତ ର ପନ୍ତେଇ ଠାରେ ସୁବର୍ଣ୍ଣରେଖା ନଦୀରେ ନିର୍ମାଣ ହେଉଛି ପନ୍ତେଇ ସେତୁ। କେନ୍ଦ୍ର ସରକାରଙ୍କ ଅନୁଦାନ ୧୯୦କୋଟି ଟଙ୍କାର ଏଇ ପ୍ରକଳ୍ପକୁ ଏଲ ଏଣ୍ଡ ଟି କମ୍ପାନୀ ୧୫%ଲେସ ରେ ଟେଣ୍ଡର ନେଇ ୧୩୮କୋଟି ଟଙ୍କାର କାର୍ଯ୍ୟ ଶେଷ କରିବାକୁ ଗତ ୨୦ ମସିହା ନଭେମ୍ବର ମାସରେ ଏଗ୍ରିମେଣ୍ଟ କରି କାର୍ଯ୍ୟ ଆରମ୍ଭ କରିଛି।ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ଉଦଘାଟନ କରିଥିଲେ।୨୯ ମିଟର ଲମ୍ବ ଓ ୧୦ମିଟର ଓସାରରେ ନିର୍ମାଣ ଧୀନ ଏଇ ପୋଲ ତିରିଶ ମାସ ଭିତରେ ଶେଷ କରିବାକୁ କମ୍ପାନୀ ଚୁକ୍ତି କରିଛି। ଏତେ ପର୍ଯ୍ୟନ୍ତ କୌଣସି ଆଖି ଦୃଶିଆ କାର୍ଯ୍ୟ ନ ହୋଇ ମଧ କମ୍ପାନୀ ୨୫ କୋଟି ଟଙ୍କା ର ରାନିଂ ବିଲ ଉଠାଇ ନେଇଛି। ପ୍ରକଳ୍ପ ଟିକୁ ଥାର୍ଡ ପାର୍ଟି ଆର୍କ ଟେକ୍ନୋ ସଂସ୍ଥା ସୁପରଭିଜନ କରୁଛି।ତେବେ ଲକ୍ଷ ଲକ୍ଷ ଲୋକ ଙ୍କ ସ୍ୱାର୍ଥ ଦୃଷ୍ଟିରୁ ନିର୍ମିତ ଶତାଧିକ କୋଟି ଟଙ୍କାର ପ୍ରକଳ୍ପ ର ସୂଚନା ଫଳକ ନ ଲଗାଇ ଲୋକଙ୍କୁ ଅନ୍ଧାରରେ ରଖି କାର୍ଯ୍ୟ କାହିଁକି କରାଯାଉଛି ବୋଲି ସାଧାରଣରେ ସନ୍ଦେହ କରାଯାଉଛି। କାର୍ଯ୍ୟରେ କୋଟି କୋଟି ଟଙ୍କାର ତୋଷାରପାତ ହେବାର ଅଭିଯୋଗ ହୋଇଛି। ଖୁବଶୀଘ୍ର ସୂଚନଫଳକ ସର୍ବସାଧାରଣରେ ଲଗାଇବା ସହିତ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରିବାକୁ ନାରୀନେତ୍ରୀ ସାରଦା ଗିରି, ବିଜେପି ନେତା ରତ୍ନାକର କୁହ୍ଲାରି, ଅଦ୍ୱୈତ ବାଗ, ଅନନ୍ତ ଦାସ, ଅଜିତ ପଟ୍ଟାୟତ, କ୍ଷୀତିଶ ଜେନା ପ୍ରମୁଖ ଦାବି କରିଛନ୍ତି। ଏ ବାବଦରେ ବସ୍ତା କାର୍ଯ୍ୟନିର୍ବାହୀ ଅଧିକାରୀ ଶିବ ଲାଲ ସାହୁଙ୍କୁ ପଚାରିବାରୁ ସେ କହିଲେ ସେ ପ୍ରକଳ୍ପ ଥାର୍ଡ ପାର୍ଟି ତଦାରଖ କରୁଛନ୍ତି। ସେ ବିଷୟରେ ସବିଶେଷ ତଥ୍ୟ ସେମାନେ ଦେବେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No-(06782) 263704,267078, Fax-(06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo